

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୪ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 14 May 2026
Vol.No. 36 ■ No.126 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ତାମିଲନାଡୁରେ ଟିଭିକେ ସରକାର ହାସଲ କଲା ବହୁମତ: ୧୪୪ ମତରୁ ଏଆଇଏଡିଏମ୍‌କେର ୨୭ ସଦସ୍ୟ କଲେ ସମର୍ଥନ

### ଏଆଇଏଡିଏମ୍‌କେ ଦି' ଫାଳ: ୨୫ ବିଧାୟକ ଦଳରୁ ବିଦା



ନୂଆଦିଲ୍ଲୀ,୧୩/୫ : ତାମିଲନାଡୁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ତାମିଲଗା ଭେଟ୍ରି କଡଗମ୍ (ଟିଭିକେ) ସରକାର ଆସ୍ଥା ଭୋଟ୍ ହାସଲ କରିଛି। ବିଜୟଙ୍କୁ ନିଜର ବହୁମତ ସାବ୍ୟସ୍ତ କରିବା ପାଇଁ ୧୧୭ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିଲା, କିନ୍ତୁ ସେ ସଦନରେ ୧୪୪ ଜଣ ବିଧାନସଭା ସଦସ୍ୟଙ୍କ ସମର୍ଥନ ପାଇଥିଲେ। ସରକାରଙ୍କ ପକ୍ଷରେ ଏଆଇଏଡିଏମକେର ୨୭ ଜଣ ସଦସ୍ୟ ମଧ୍ୟ ଭୋଟ୍ ଦେଇଥିଲେ। ତାମିଲନାଡୁରେ ରାଜନୈତିକ ଚଞ୍ଚଳତା ମଧ୍ୟରେ ଆଜି ସକାଳ ୯:୩୦ରେ ବିଧାନସଭାର କାର୍ଯ୍ୟବିଧି ଆରମ୍ଭ ହୋଇଥିଲା। ତାମିଲଗା ଭେଟ୍ରି କଡଗମ୍ ପାର୍ଟି ପାଇଁ ଆଜିର ଦିନ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରଥମ ଥର ପାଇଁ ରାଜ୍ୟରେ ନିର୍ବାଚନ ଲଢୁଥିବା ଟିଭିକେ ରାଜ୍ୟରେ ସରକାର ଗଠନ କରିଛି। ଆଜି ଟିଭିକେ ସରକାରଙ୍କୁ ବିଧାନସଭାରେ ବହୁମତ ସାବ୍ୟସ୍ତ କରିବାକୁ ଥିଲା। ବିଧାନସଭା ଅଧ୍ୟକ୍ଷ କାର୍ଯ୍ୟବିଧି ଆରମ୍ଭ କରିଥିଲେ। ଏହାପରେ ଟିଭିକେ ସରକାରଙ୍କ ଆସ୍ଥା ଭୋଟ୍ ପାଇଁ ଭୋଟିଂ କରାଯାଇଥିଲା। ତାମିଲନାଡୁର ଟିଭିକେ ସରକାରକୁ କ୍ଷମତାରେ ରହିବା ପାଇଁ କମ୍ ସେ କମ୍ ୧୧୮ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିଲା।

◆◆ପୃଷ୍ଠା ୭

## ସିବିଏସଇ ଦ୍ୱାଦଶ ରେଜଲ୍ଟ ପ୍ରକାଶିତ: ୮୫.୨୦ ପ୍ରତିଶତ ପରୀକ୍ଷାର୍ଥୀ ପାସ୍



ନୂଆଦିଲ୍ଲୀ,୧୩/୫ : କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ବୁଧବାର ୧୨ମ ଶ୍ରେଣୀର ପରୀକ୍ଷା ଫଳାଫଳ ଘୋଷଣା କରିଛି। ଚଳିତ ବର୍ଷ ମୋଟ ୮୫.୨୦ ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷାରେ ସଫଳ ହୋଇଛନ୍ତି, ଯାହା ଗତ ବର୍ଷ ତୁଳନାରେ ୩.୧୯ ପ୍ରତିଶତ କମ୍। ପରୀକ୍ଷା ଫଳାଫଳରେ ଝିଅମାନଙ୍କର ପ୍ରଦର୍ଶନ ପୁଅମାନଙ୍କଠାରୁ ଭଲ ରହିଛି। ବୋର୍ଡ ପକ୍ଷରୁ ଜାରି ହୋଇଥିବା ତଥ୍ୟ ଅନୁସାରେ, ଏହି ବର୍ଷ ୧୭,୮୦,୩୬୫ ଜଣ ଛାତ୍ରଛାତ୍ରୀ ପଞ୍ଜିକରଣ କରିଥିଲେ, ସେଥି ମଧ୍ୟରୁ ୧୭,୬୮,୮୧୮ ଜଣ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୫,୦୭,୧୦୯ ଜଣ ସଫଳ ଘୋଷିତ ହୋଇଛନ୍ତି। ପାସ୍ ପ୍ରତିଶତରେ ୩.୧୯ ପ୍ରତିଶତ ହ୍ରାସ ଘଟିଛି, ଯାହା ୨୦୨୫ର ୮୮.୩୯ ପ୍ରତିଶତରୁ କମି ୨୦୨୬ରେ ୮୫.୨୦ ପ୍ରତିଶତ ହୋଇଛି। ସିବିଏସଇ ଅନୁସାରେ, ଝିଅମାନଙ୍କର ପାସ୍ ପ୍ରତିଶତ ୮୮.୮୬ ରହିଥିବାବେଳେ, ପୁଅମାନଙ୍କର ପାସ୍ ପ୍ରତିଶତ ୮୨.୧୩ ରେକର୍ଡ କରାଯାଇଛି। ଏହିପରି ଝିଅମାନେ ପୁଅମାନଙ୍କଠାରୁ ୬.୭୩ ପ୍ରତିଶତ ଭଲ ପ୍ରଦର୍ଶନ କରିଛନ୍ତି। କ୍ଷେତ୍ରଭିତ୍ତିକ ପ୍ରଦର୍ଶନରେ ତିରୁବନନ୍ତପୁରମ୍ କ୍ଷେତ୍ର ସର୍ବାଗ୍ରେ ରହିଛି, ଯେଉଁଠାରେ ୯୫.୬୨ ପ୍ରତିଶତ ଛାତ୍ରଛାତ୍ରୀ ସଫଳ ହୋଇଛନ୍ତି। ଏହାପରେ ଚେନ୍ନାଇ, ବେଙ୍ଗାଲୁରୁ ଏବଂ ବିଜୟୱାଡା କ୍ଷେତ୍ରର ସ୍ଥାନ ରହିଛି। ଦିଲ୍ଲୀ ପଶ୍ଚିମ କ୍ଷେତ୍ରର ଫଳାଫଳ ୯୨.୩୪ ପ୍ରତିଶତ ଏବଂ ଦିଲ୍ଲୀ ପୂର୍ବ କ୍ଷେତ୍ରର ଫଳାଫଳ ୯୧.୭୩ ପ୍ରତିଶତ ରହିଛି।

◆◆ପୃଷ୍ଠା ୭

## ଅମୁଲ, ମଦର୍ ଡାଏରୀ ବଢ଼ାଇଲେ କ୍ଷୀର ଦର




ନୂଆଦିଲ୍ଲୀ,୧୩/୫ : ଦୁଇ ସର୍ବବୃହତ୍ ଦୁଗ୍ଧ ବ୍ରାଣ୍ଡ ଅମୁଲ୍ ଏବଂ ମଦର ଡାଏରୀ ସେମାନଙ୍କ ବିଭିନ୍ନ ଉତ୍ପାଦର ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିଛନ୍ତି। ଏହି ବୃଦ୍ଧି ୧୪ ମଇ ଅର୍ଥାତ୍ ଆସନ୍ତାକାଲି ଠାରୁ ଲାଗୁ ହେବ। ଉଭୟ କମ୍ପାନୀ ବୁଧବାର ଏହି ପ୍ରସଙ୍ଗରେ ଏକ ବିବୃତ୍ତି ଜାରି କରିଛନ୍ତି। ମୂଲ୍ୟ ବୃଦ୍ଧି ମଧ୍ୟରେ ଫୁଲ କ୍ରିମ, ଟୋଣ୍ଡ, ଗାଈ, ମଇଁଷି କ୍ଷୀର ଏବଂ ଅନ୍ୟାନ୍ୟ ଉଚ୍ଚ ମୂଲ୍ୟର ଉତ୍ପାଦ ଅନ୍ତର୍ଭୁକ୍ତ । ଏହି ବୃଦ୍ଧି ପରେ ଅମୁଲ ଏବଂ ମଦର ଡାଏରୀର ସମ୍ପୂର୍ଣ୍ଣ କ୍ରିମ କ୍ଷୀର ଏବେ ଲିଟର ପିଛା ୭୦ ଟଙ୍କା ପରିବର୍ତ୍ତେ ୭୨ ଟଙ୍କାରେ ଉପଲବ୍ଧ ହେବ। ଅନ୍ୟପକ୍ଷରେ ଗାଈ କ୍ଷୀରର ମୂଲ୍ୟ ଏବେ ୬୦ ଟଙ୍କା ପରିବର୍ତ୍ତେ ୬୨ ଟଙ୍କା ହେବ। ଉଭୟ ବ୍ରାଣ୍ଡ ପ୍ରାୟ ଏକ ବର୍ଷ ଧରି ସେମାନଙ୍କ ଉତ୍ପାଦର ମୂଲ୍ୟ ବୃଦ୍ଧି କରିନାହାନ୍ତି।

## ବଢୁଛି ତେଲ ସଂକଟ: ଡିଜେଲ୍ ଓ ପେଟ୍ରୋଲ ବିକ୍ରି ଉପରେ କଟକଣା




ଭୁବନେଶ୍ୱର, ୧୩/୫ (ନି.ପ୍ର): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରଠାରୁ ଲାଗି ରହିଛି ଗ୍ୟାସ ସଂକଟ। ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ପରେ ଶକ୍ତି ସଂକଟ ଓ ଏବଂ ଯୋଗାଣ ଶୃଂଖଳ ପ୍ରଭାବିତ ହୋଇଛି। ପ୍ରଥମେ ଗ୍ୟାସ୍ ସଂକଟ ପରେ ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ବଢ଼ିବାରେ ଲାଗିଛି ପେଟ୍ରୋଲ ଓ ଡିଜେଲ ଅଭାବ। ଏଲପିଜି ସଂକଟ ସୁଧୁରିନି ଡରାଇଲାଣି ପେଟ୍ରୋଲ ଓ ଡିଜେଲ ସଂକଟ। ଉପକୂଳରୁ ଉପାନ୍ତ, ଉତ୍ତରରୁ ଦକ୍ଷିଣ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଭୂତ ହେଉଛି ପେଟ୍ରୋଲ ଓ ଡିଜେଲ ଅଭାବ। ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ, ନବରଂଗପୁର, ରାୟଗଡ଼ା, ପଶ୍ଚିମଓଡ଼ିଶାର ରାଉରକେଲା, ଝାରସୁଗୁଡ଼ା, ସମ୍ବଲପୁର, କଳାହାଣ୍ଡି ପରେ ଆଜି ଉପକୂଳ ଜିଲ୍ଲାରେ ଦେଖିବାକୁ ମିଳିଛି ସମାନ ଦୃଶ୍ୟ। ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ପେଟ୍ରେଲ ପମ୍ପରେ ତେଲ ବିକ୍ରି ଉପରେ କଟକଣା ଲଗାଯାଇଛି। ବାଇକ୍ ପିଛା ତିନି ଶହ ଟଙ୍କାର କାର ପିଛା ୨ହଜାର ଟଙ୍କାର ତେଲ ଦିଆଯାଉଛି। କଟକଣା ଯୋଗୁଁ ଦୂର ସ୍ଥାନକୁ ଗାଡି ନେଇ ବାହାରିଥିବା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସୀମାବର୍ତ୍ତୀ ଜିଲ୍ଲା କୋରାପୁଟ, ରାୟଗଡ଼ା, କଳାହାଣ୍ଡିରେ ସ୍ଥିତି ଉଦବେଗଜନକ ରହିଛି। କୋରାପୁଟର ବିଭିନ୍ନ ଟାଙ୍କିରେ କଟକଣା ସହ ପେଟ୍ରୋଲ ମିଳୁଥିଲେ ବି ଡିଜେଲ ମିଳୁନଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପକୂଳ ଜିଲ୍ଲା କେନ୍ଦ୍ରାପଡ଼ାରେ ବି ତେଲ ଆସିନଥିବାରୁ ପମ୍ପ ବନ୍ଦ ହୋଇଯାଇଛି। ତେବେ ଦୁଇ ମାସ ପାଇଁ ତେଲ ମହଜୁଦ୍ ଅଛି। ତେଲ ଅଭାବକୁ ନେଇ କେହି ଭୟଭୀତ ନହେବାକୁ ପରାମର୍ଶ ଦେଇଛନ୍ତି ପେଟ୍ରୋଲିୟମ ଡିଲର ସଂଘର ସମ୍ପାଦକ। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରଠାରୁ ସାରାବିଶ୍ୱରେ ତେଲ ଓ ଗ୍ୟାସ ଯୋଗାଣ ପ୍ରଭାବିତ ହୋଇଛି। ଆଗକୁ ଏହି ସଂକଟ ଲାଗି ରହିବ ବୋଲି ବିଶେଷଜ୍ଞ ଆକଳନ କରୁଛନ୍ତି। ଏଭଳି ସ୍ଥିତିର ମୁକାବିଲା ପାଇଁ ଇନ୍ଧନ ସଂଚୟ ପାଇଁ ଆହ୍ୱାନ ଦେବା ସହ ନିଜେ ପାଳନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

## ତାମିଲନାଡୁର ତିରୁପୁରରେ ସଡକ ଦୁର୍ଘଟଣା: ପୋଲିସ କର୍ମୀଙ୍କ ସମେତ ୬ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୩/୫ : ତିରୁପ୍ପୁର ଜିଲ୍ଲାର ୱେଲ୍ଲାକୋଭିଲ-କରୁର ଜାତୀୟ ରାଜପଥରେ ଥିବା ପୋଲିସ ଚେକ୍‌ପୋଷ୍ଟ ନିକଟରେ ଆଜି ସକାଳେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଡ୍ୟୁଟିରେ ଥିବା ଜଣେ ପୋଲିସକର୍ମୀ ସହିତ ୬ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସୂଚନା ଅନୁସାରେ, ସଡ଼କର ଡିଭାଇଡରକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଟ୍ରକକୁ ପୋଲିସକର୍ମୀ ରବିଚନ୍ଦ୍ରନ ହଟାଉଥିଲେ। ଏହି ସମୟରେ ଏକ ତୀବ୍ର ଗତିର କାର ହଠାତ୍ ନିୟନ୍ତ୍ରଣ ହରାଇ ଟ୍ରକକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ପୋଲିସକର୍ମୀ ରବିଚନ୍ଦ୍ରନ, ଟ୍ରକ ଚାଳକ ଏବଂ କାରରେ ଥିବା ଚାରିଜଣଙ୍କୁ ମିଶାଇ ମୋଟ ୬ ଜଣଙ୍କ ମୃତ୍ୟୁ ଘଟିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସମସ୍ତଙ୍କ ମୃତଦେହକୁ ସରକାରୀ ହସ୍ପିଟାଲକୁ ପଠାଯାଇଛି। ଏପର୍ଯ୍ୟନ୍ତ ମୃତକମାନଙ୍କ ପରିଚୟ ମିଳିପାରିନାହିଁ । ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଜୁନ୍ ୨୧ରେ ଓଟିଇଟି ପରୀକ୍ଷା

ଭୁବନେଶ୍ୱର, ୧୩/୫ (ନି.ପ୍ର): ଆସନ୍ତା ଜୁନ୍ ୨୧ ତାରିଖରେ ରାଜ୍ୟରେ ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ ବା ଓଟିଇଟି ପରୀକ୍ଷା ଅନୁଷ୍ଠିତ ହେବ। ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜୁନ୍ ୨୧ ତାରିଖ ସକାଳ ୯ରୁ ୧୧ଟା ୩୦ ପେପର୍ -୧ ଓ ଦିନ ୨ଟାରୁ ୪ଟା ୩୦ ପେପର-୨ ପରୀକ୍ଷା ହେବ। ପରୀକ୍ଷା ପାଇଁ ଜୁନ୍ ୯ରୁ ବୋର୍ଡର ୱେବ୍‌ସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇ ଓଡ଼ିଶା.ଏନଆଇସି.ଇନ୍ ରେ ଆଡ୍‌ମିଟ୍ କାର୍ଡ ମିଳିବ।

## ସୁନାଚାନ୍ଦି ଉପରେ ଆମଦାନୀ ଶୁଳ୍କ ଏବେ ୧୫ ପ୍ରତିଶତ

ନୂଆଦିଲ୍ଲୀ,୧୩/୫ : ପଶ୍ଚିମ ଏସିଆ ସଙ୍କଟ ମଧ୍ୟରେ ଟଙ୍କାକୁ ସମର୍ଥନ ଦେବା ପାଇଁ ସରକାର ସୁନା ଏବଂ ରୂପା ଉପରେ ଆମଦାନି ଶୁଳ୍କକୁ ବୃଦ୍ଧି କରି ୧୫ ପ୍ରତିଶତ କରିଛନ୍ତି। ଏହି ନୂତନ ହାର ବୁଧବାରଠାରୁ କାର୍ଯ୍ୟକାରୀ ହୋଇଛି। ଅର୍ଥ ମନ୍ତ୍ରାଳୟ ଏହା ସମ୍ପର୍କରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଅଧିସୂଚନା ଜାରି କରିଛି। ଏହା ଅନୁସାରେ, ସରକାର ସୁନା ଏବଂ ରୂପା ଆମଦାନି ଉପରେ ୧୦ ପ୍ରତିଶତ ମୂଳ ସୀମା ଶୁଳ୍କ ଏବଂ ୫ ପ୍ରତିଶତ କୃଷି ଅବସଂରଚନା ଓ ବିକାଶ ସେସ୍ ଲାଗୁ କରିଛନ୍ତି। ଏହା ଫଳରେ ପ୍ରଭାବୀ ଆମଦାନି କର ୬ ପ୍ରତିଶତରୁ ବଢ଼ି ୧୫ ପ୍ରତିଶତକୁ ପହଞ୍ଚିଛି। ଏହି ହାର ୧୩ ମଇଠାରୁ ଲାଗୁ ହୋଇଛି।

◆◆ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ କାରକେଡର ଗାଡି ସଂଖ୍ୟା ଅଧା ହେଲା

### ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସମ୍ମାନ ଦେବାକୁ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ଭୁବନେଶ୍ୱର, ୧୩/୫ (ନି.ପ୍ର): ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଏବେ ଦେଶ ଉପରେ ପଡିଲାଣି। ତେଲ ସଙ୍କଟ ଦୂର ସହ ଖର୍ଚ୍ଚକାଟ କରିବାକୁ ପ୍ରଧାନମନ୍ତ୍ରୀ ଦେଇଥିବା ଆହ୍ୱାନକୁ ଆପଣାଇଛନ୍ତି ଅନେକ ରାଜ୍ୟ। ଓଡ଼ିଶା ମୁଖ୍ୟମନ୍ତ୍ରୀ ମଧ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ଏହି ପ୍ରସଙ୍ଗରେ ଡବଲ ଇଞ୍ଜିନ ସରକାରକୁ ଘେରିଛନ୍ତି ବିରୋଧୀ। ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଭିତରେ ତେଲ ସଙ୍କଟକୁ ଦୂର କରିବାକୁ ଗାଡି ବ୍ୟବହାର କମ କରିବାକୁ ଆହ୍ୱାନ ଦେଇଥିଲେ ପ୍ରଧାନମନ୍ତ୍ରୀ। ଏହାର କିଛି ଘଣ୍ଟା ମଧ୍ୟରେ ନିଜେ ପ୍ରଧାନମନ୍ତ୍ରୀ ମୋଦି ନିଜ ସୁରକ୍ଷା କାରକେଡ୍‌କୁ ହ୍ରାସ କରିଛନ୍ତି। କାରକେଡରେ ଥିବା ଗାଡି ସଂଖ୍ୟା ୫୦ ପ୍ରତିଶତକୁ ହ୍ରାସ କରାଯାଇଛି। ପ୍ରଧାନମନ୍ତ୍ରୀ ଆଜି ମାତ୍ର ୨ଟି ଗାଡିର କାରକେଡକୁ ନେଇ ଯାତ୍ରା କରିଥିବାର ଦେଖିବାକୁ ମିଳିଛି। ଗୃହମନ୍ତ୍ରୀ ଅମିତ ଶାହ ମଧ ମୋଦିଙ୍କ ରାସ୍ତା ଆପଣାଇଛନ୍ତି।.. ଏପଟେ ପ୍ରଧାନମନ୍ତ୍ରୀଙ୍କ ଅପିଲ୍ ପରେ ଓଡ଼ିଶା ସମେତ ଏକାଧିକ ରାଜ୍ୟର ମୁଖ୍ୟମନ୍ତ୍ରୀ ନିଜ

◆◆ପୃଷ୍ଠା ୭

## ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ସାମ୍ବାଦିକ ଚିତ୍ତ ସାହୁଙ୍କ ସ୍ମୃତିଚାରଣ ସଭା



ବାଲେଶ୍ୱର, ୧୩/୫ (ନି.ପ୍ର): ବାଲେଶ୍ୱର ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ସାମ୍ବାଦିକ ଚିତ୍ତ ସାହୁଙ୍କ ସ୍ମୃତିଚାରଣ ସଭା ବାଲେଶ୍ୱର ସାମ୍ବାଦିକ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ବାଲେଶ୍ୱର ବାର ଏଶୋସିଏସନର ସଭାପତି ମନୋଜ ନାୟକ ଯୋଗଦେଇ ସ୍ୱର୍ଗତ ଚିତ୍ତ ସାହୁଙ୍କ ସ୍ମୃତିଚାରଣ କରି କହିଥିଲେ ସେ ଏଭଳି ଜଣେ ସାମ୍ବାଦିକ ଥିଲେ ଯାହାଙ୍କ ପଛରେ ସମ୍ବାଦ ଗୋଡାଉ ଥିଲା ।ସେ ସମ୍ବାଦ ପଛରେ ଗୋଡ଼ାଇବା ଅଥବା ସାଲିସ କରି ସମ୍ବାଦ ପରିବେଷଣ କରିବା କେବେ ନଜରକୁ ଆସିନାହିଁ। ସେହିଭଳି ବାଲେଶ୍ୱର ସମାଜ ଖବରକାଗଜର ମୁଖ୍ୟ କୁଳମଣି ବାରିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ ସ୍ମୃତି କମିଟିର ଏଭଳି ପ୍ରୟାସ ଦିନେ ଓଡ଼ିଶାକୁ ନୂଆ ରାସ୍ତା ଦେଖାଇବ। ସାମ୍ବାଦିକ ଜଣେ ମହମ ବତୀ ହେବା ଦରକାର କାରଣ ସେ ନିଜେ ଜଳିବ ମାତ୍ର ସମାଜକୁ ଆଲୋକ ପ୍ରଦାନ କରିବ ।ମାତ୍ର ସେ ଧୂପ ହେବା ଉଚିତ ନୁହେଁ।କାରଣ ସେ ଧୂପ ହେଲେ ପଦ ବନ୍ଦନ କରିବ ତୋଷାମଦକାରୀ ହେଇଜିବ। ସେହିପରି ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସ୍ମୃତିଚାରଣ କରିବା ସହିତ ସ୍ମୃତି କମିଟି କିଭଳି ଭାବରେ ଆଗକୁ ଆହୁରି ମଜବୁତ ସହକାରେ ସମସ୍ତ ସାମ୍ବାଦିକ ଭାଇମାନଙ୍କ ସୁଖ ଦୁଃଖରେ ଠିଆ ହୋଇପାରିବ ପରାମର୍ଶ ଦେଇଥିଲେ। ପ୍ରେସ ଇମ୍ପ୍ରେସ ମିଡିଆର ସଭାପତି ଉଜ୍ୱଳ କର ମହୋଦୟ ଯୋଗଦେଇ ସ୍ମୃତିଚାରଣ କରିବା ସହ କୈଣଶୀ ପରିସ୍ଥିତିରେ ସାମ୍ବାଦିକ ଖବର ସହିତ ସାଲିସ କରିବା ଉଚିତ ହେବନାହିଁ ବୋଲି ମତ ବ୍ୟକ୍ତ କରିଥିଲେ।

◆◆ପୃଷ୍ଠା ୭

## ଚାଇନାରେ ପହଞ୍ଚିଲେ ଟ୍ରମ୍ପ: ଜିନପିଙ୍ଗଙ୍କ ସହ ହେବ ହାଇଭୋଲ୍ଟେଜ ବୈଠକ



ନୂଆଦିଲ୍ଲୀ,୧୩/୫ :ବିଶ୍ୱର ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଓ ଚାଇନା ମଧ୍ୟରେ ସମ୍ପର୍କକୁ ନେଇ ଆରମ୍ଭ ହୋଇଛି ଏକ ନୂଆ ଅଧ୍ୟାୟ। ଦୀର୍ଘ ଏକ ଦଶନ୍ଧି ପରେ ପ୍ରଥମ ଆମେରିକୀୟ ରାଷ୍ଟ୍ରପତି ଭାବେ ଚାଇନା ଗସ୍ତ କରିଛନ୍ତି ଡୋନାଲ୍ଡ ଟ୍ରମ୍ପ। ବେଜିଂରେ ପହଞ୍ଚିବା ପରେ ତାଙ୍କୁ ଦିଆଯାଇଛି ଭବ୍ୟ ସ୍ୱାଗତ। ବୁଧବାର ବେଜିଂ ବିମାନ ବନ୍ଦରରେ ରାଷ୍ଟ୍ରପତି ଟ୍ରମ୍ପ ଅବତରଣ କରିବା ପରେ ଚାଇନା ଉପ-ରାଷ୍ଟ୍ରପତି ହାନ୍ ଝେଙ୍ଗ୍ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଗସ୍ତରେ ଟ୍ରମ୍ପଙ୍କ ସହ ଟେସଲା ମୁଖ୍ୟ ଏଲନ ମସ୍କ ଏବଂ ଏନଭିଡିଆ ସିଇଓ ଜେନସେନ ହୁଆଙ୍ଗଙ୍କ ଭଳି ବଡ଼ ବଡ଼ ବ୍ୟବସାୟୀ ମଧ୍ୟ ସାମିଲ ଅଛନ୍ତି। ଯୁଦ୍ଧ ଜର୍ଜରିତ ଇରାନ ପରିସ୍ଥିତି ଏବଂ ବିଶ୍ୱର ବାଣିଜ୍ୟିକ ସୁରକ୍ଷା ଉପରେ

◆◆ପୃଷ୍ଠା ୭

# ଆଇସିଏସଏସଆର ପ୍ରତିଷ୍ଠା ଦିବସ ଏବଂ ସିଆଇଆଇର ବାର୍ଷିକ ବ୍ୟବସାୟ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ, ୧୩/୦୫ : ମଣିଷ ସମାଜ ଓ ସଂସ୍କୃତିକୁ ଜାଣିବା ପାଇଁ ଭାରତ ହେଉଛି ସବୁଠାରୁ ବଡ଼ ଉଦାହରଣ ବୋଲି ଆଜି ନୂଆଦିଲ୍ଲୀରେ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ (ଆଇସିଏସଏସଆର)ର ୫୮ତମ ପ୍ରତିଷ୍ଠା ଦିବସ ଏବଂ ସିଆଇଆଇର ବାର୍ଷିକ ବ୍ୟବସାୟ ସମ୍ମିଳନୀ - ୨୦୨୬ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦର ୫୮ତମ ପ୍ରତିଷ୍ଠା ଦିବସ ଅବସରରେ "ସାମାଜିକ ବିଜ୍ଞାନ ଗବେଷଣାର ବି-ଉପନିବେଶୀକରଣ: ଭାରତର ବୌଦ୍ଧିକ ଐତିହ୍ୟର ପୁନରୁଦ୍ଧାର" ବିଷୟବସ୍ତୁ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତ ମାନବ ସଭ୍ୟତାକୁ ବୁଝିବା ପାଇଁ ଏକ ଜୀବନ୍ତ ଗବେଷଣାଗାର । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଆଜି ଟି.ବି ମାକାଉଲେ ଚିନ୍ତାଧାରାରୁ ମୁକ୍ତ ହୋଇ ନିଜର ସାଂସ୍କୃତିକ ଚେତନା ଓ ବୌଦ୍ଧିକ ପରମ୍ପରାକୁ ବିଶ୍ୱ ଦରବାରରେ ସ୍ଥାପିତ କରୁଛି । ତେବେ ଆମକୁ ସୋମନାଥ ମନ୍ଦିରର ପୁନର୍ନିର୍ମାଣ ପରି ଭାରତର ଆତ୍ମଗୌରବ ଓ ଜାତୀୟ ଚେତନାକୁ ସାମାଜିକ ବିଜ୍ଞାନର ନୂଆ ପରିଭାଷାରେ ଯୋଡ଼ିବାକୁ ହେବ । 'ବିକଶିତ ଭାରତ ୨୦୪୭' ପାଇଁ ଭାରତୀୟ ଜ୍ଞାନ ପରମ୍ପରାକୁ ଆଧୁନିକ ପ୍ରସଙ୍ଗରେ ଉପସ୍ଥାପନ କରିବା ଜରୁରୀ ବୋଲି ସେ ମତପ୍ରକାଶ କରିଛନ୍ତି ।

ସେହିପରି ସିଆଇଆଇ ବାର୍ଷିକ ବ୍ୟବସାୟ ଶିଖର ସମ୍ମିଳନୀରେ 'ଶିକ୍ଷା, ଦକ୍ଷତା ବିକାଶ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରତିଭା' ଅଧିବେଶନକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ପ୍ରଧାନ ଶିକ୍ଷା କ୍ଷେତ୍ରରେ ହେଉଥିବା ବୈପ୍ଳବିକ ପରିବର୍ତ୍ତନ ବିଷୟରେ ଆଲୋଚନା କରିଥିଲେ । ସେ କହିଥିଲେ, ଷଷ୍ଠ ଶ୍ରେଣୀରୁ ଦକ୍ଷତା ଭିତ୍ତିକ ଶିକ୍ଷା ଏବଂ କ୍ରେଡିଟ୍-ଆଧାରିତ ଏକାଡେମିକ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କୁ ବୈଶ୍ୱିକ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରୁଛି । ମହିଳା ସଶକ୍ତିକରଣକୁ ମୋଦୀ ସରକାର ଗୁରୁତ୍ୱ ଦେଉଛନ୍ତି । ଗବେଷଣା ଓ ବିକାଶ ଏବଂ ଭିତ୍ତିଭୂମି ବିକାଶରେ ସରକାରୀ ପୁଞ୍ଜିନିବେଶ ସହ ଶିଳ୍ପ ଜଗତର ଅଧିକ ସହଭାଗିତା ପାଇଁ ସେ ଆହ୍ୱାନ ଦେଇଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏକ ଦକ୍ଷ, ସାକ୍ଷର ଏବଂ ନବସୃଜନ-ଆଧାରିତ ଭାରତ ଗଠନ ପାଇଁ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପ ଜଗତ ମଧ୍ୟରେ ଏକ ଦୃଢ଼ ସାଧାରଣ ସହଭାଗିତା ଆବଶ୍ୟକ । ଏହା କେବଳ ଭାରତର ଆଶା ପୂରଣ କରିବ ନାହିଁ, ବରଂ ବିଶ୍ୱର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିବ । ଶିକ୍ଷା କ୍ଷେତ୍ରରେ ସରକାରୀ ପୁଞ୍ଜିନିବେଶ ସହ ଶିଳ୍ପ ଜଗତର ସକ୍ରିୟ ସହଭାଗିତା ଜରୁରୀ । ବିଶେଷ କରି ଗବେଷଣା ଓ ବିକାଶ, ଭିତ୍ତିଭୂମି ବିକାଶ, ପୁଷ୍ଟିଯୁକ୍ତ ଖାଦ୍ୟ ଏବଂ ନବସୃଜନ କ୍ଷେତ୍ରରେ ଘରୋଇ ସଂସ୍ଥାମାନଙ୍କର ସହଯୋଗ ଦେଶର ଶିକ୍ଷା ବ୍ୟବସ୍ଥାରେ ଥିବା ଶୂନ୍ୟସ୍ଥାନକୁ ପୂରଣ କରିପାରିବ । ଏହି କାର୍ଯ୍ୟକ୍ରମରେ ସଫଳ ମହିଳା ଅଧିକାରୀମାନଙ୍କୁ 'ୱିମେନ ଏକଜେମ୍ପଲାର ଆୱାର୍ଡ' ମାଧ୍ୟମରେ ସମ୍ମାନିତ କରିଥିବାରୁ ଶ୍ରୀ ପ୍ରଧାନ ସିଆଇଆଇର ପ୍ରୟାସକୁ ପ୍ରଶଂସା କରିଥିଲେ ।

# ଜୟପୁର ପରିମଳ ଟେଣ୍ଡର ବିବାଦ : କାଉନସିଲରମାନେ ଜିଲ୍ଲାପାଳଙ୍କୁ ଚିଠି ଲେଖି ଟେଣ୍ଡର ବାତିଲ ଦାବି କଲେ

ଜୟପୁର, ୧୩/୦୫ (ନି.ପ୍ର): ଜୟପୁର ସହରର ପରିମଳ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଡକାଯାଇଥିବା ଟେଣ୍ଡର ପ୍ରକ୍ରିୟାକୁ ନେଇ ଗୁରୁତର ଅଭିଯୋଗ ଉଠିଛି। ଜୟପୁର ପୌରପାଳିକାର ୧୫ ଜଣ କାଉନସିଲର ଆଜି କୋରାପୁଟ ଜିଲ୍ଲାପାଳଙ୍କୁ ଚିଠି ଲେଖି ଟେଣ୍ଡର ତୁରନ୍ତ ବାତିଲ କରିବାକୁ ଦାବି କରିଛନ୍ତି। ସେମାନେ ଏହି ପ୍ରକ୍ରିୟାକୁ ବେଆଇନ, ଅସ୍ୱଚ୍ଛ ଓ ପକ୍ଷପାତପୂର୍ଣ୍ଣ ବୋଲି ଅଭିହିତ କରିଛନ୍ତି। କାଉନସିଲରମାନେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଗତ ଫେବୃଆରୀ ୨୪ ତାରିଖରେ ଜୟପୁର ପୌରପାଳିକା ପକ୍ଷରୁ ପରିମଳ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ମୋଟ ୯ଟି ପ୍ରତିଷ୍ଠାନ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଡକ୍ୟୁମେଂଟ ଅଭାବରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା ଏବଂ ଜଣେ ଅନଲାଇନ ଅଂଶଗ୍ରହଣ ନକରିଥିବାରୁ କେବଳ ୪ ଜଣ ବିଡର ରହିଥିଲେ। ଚୂଡ଼ାନ୍ତ ଚୟନ ପାଇଁ ଲଟେରୀ ପଦ୍ଧତି ବ୍ୟବହାର କରାଯିବା ସହ ଏହି ପ୍ରକ୍ରିୟା ଅତ୍ୟନ୍ତ ସନ୍ଦେହଜନକ ଥିଲା ବୋଲି କାଉନସିଲରମାନେ କହିଛନ୍ତି। ଲଟେରୀ ସମୟରେ କେବଳ ଅଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ ଏବଂ ଉପଯୁକ୍ତ ପ୍ରତିନିଧିତ୍ୱ ବା ତଦାରଖ ନଥିଲା। ବନ୍ଦ କୋଠରୀରେ ଚିଟ୍ ସ୍ଥାନାନ୍ତର ଭଳି ଅଭିଯୋଗ ମଧ୍ୟ ଉଠିଛି। ନିର୍ବାଚିତ କାଉନସିଲରମାନଙ୍କୁ ପ୍ରକ୍ରିୟାରେ ସାମିଲ କରାଯାଇ ନଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ଅନିୟମିତତାକୁ ଦୃଷ୍ଟିରେ ରଖି କାଉନସିଲରମାନେ ଟେଣ୍ଡର ବାତିଲ୍ କରି ନୂତନ ଟେଣ୍ଡର ଜାରି କରିବାକୁ ଦାବି କରିଛନ୍ତି। ଯଦି ଏହା ନହୁଏ ତେବେ ସମସ୍ତ ବିଜେଡି କାଉନସିଲର ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ସେମାନେ ଚେତାଉଛନ୍ତି। ଏହି ପ୍ରସଙ୍ଗରେ ପୌରପାଳିକା ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ନଥିବା ବେଳେ ଜିଲ୍ଲାପାଳ କାର୍ଯ୍ୟାଳୟ ଏ ବାବଦରେ ତଦନ୍ତ କରି ଯଥାଶୀଘ୍ର ପଦକ୍ଷେପ ନେବେ ବୋଲି ଆଶା କରାଯାଉଛି। ଜନସ୍ୱାର୍ଥ ସହ ଜଡ଼ିତ ଏହି ଟେଣ୍ଡର ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଏବେ ସମଗ୍ର ଜୟପୁର ନଜର ରଖିଛି। ବିଜେଡି କାଉନସିଲରମାନେ ଏକ ହୋଇ ଆଜି ଧାରଣା ଦେଇଥିଲେ ।

# ପ୍ରକଳ୍ପ ଅଛି, ପାଣି ନାହିଁ: ଡୁଙ୍ଗୁରିପାଲିରେ ପାଣି ସମସ୍ୟା ଉତ୍କଟ

ବଲାଙ୍ଗିର, ୧୩/୦୫ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ କୁଟାସିଂହା ପଂଚାୟତ ଡୁଙ୍ଗୁରିପାଲିରେ ପାଣି ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ବସୁଧା ଯୋଜନାରେ ଗାଁ ରେ ଏକ ବଡ଼ ଓଭର ହେଡ଼ ଟାଙ୍କି ରହିଛି । ଅଙ୍ଗ ନଦୀରୁ ଏଠାକୁ ପାଣି ଆସିଥାଏ ହେଲେ କିଛି ଦୀନ ହେବ ନଦୀର ଶ୍ରୋତ ଶୁଖି ଯିବାରୁ ପ୍ରକଳ୍ପ ଚାଲି ପାରୁ ନାହିଁ । ଫଳରେ ପାଣି ପାଇଁ ଗାଁ ରେ ହାହାକାର ହେଉଥିବା ଦେଖା ଯାଇଛି । ଏପରିକି ଗ୍ରାମରେ ଦୁଇଟି ମାତ୍ର ନଳକୂଅ ଅଛି । ଗୋଟିଏରେ ସୋଲାର ସିଷ୍ଟମ ହୋଇଥିବା ବେଳେ ଶିବ ମନ୍ଦିର ସମ୍ମୁଖରେ ଥିବା ନଳକୂପରେ ପର୍ଯ୍ୟାପ୍ତ ପାଣି ବାହାରୁ ନାହିଁ। ଫଳରେ ସର୍ବଦା ମହିଳାଙ୍କ ଲମ୍ବା ଲାଇନ ଲାଗିଥିବା ଦେଖା ଯାଉଛି । ଏଭଳି ସ୍ଥିତିରେ ପାଣି ପାଇଁ ଗ୍ରାମବାସୀ ଡହଳ ବିକଳ ହେଉଥିବା ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁସାରେ, ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ସାରିଛନ୍ତି ଏବଂ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉ ବୋଲି ଦାବୀ କରିଛନ୍ତି । ଡୁଙ୍ଗୁରିପାଲି ଗ୍ରାମର ଜନସଂଖ୍ୟା ୨୦୦୦ ଉପରେ ହେବ । ଗାଁ ନିକଟ ଦେଇ ପ୍ରବାହିତ କୁଠି ଯୋର ମଧ୍ୟ ଦେଢ଼ ମାସ ହେବ ଶୁଖି ଗଲାଣି । ପ୍ରବଳ ଗ୍ରୀଷ୍ମ ପ୍ରବାହ ଆଗକୁ ଆହୁରି ୨ ମାସ ଜାରି ରହିବ ଓ ପାଣି ସମସ୍ୟା ଆହୁରି ଗମ୍ଭୀର ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

ଏ ସମ୍ପର୍କରେ ସ୍ଥାନୀୟ ସରପଂଚ ଡିଗ୍ରୀ ମେହେରଙ୍କୁ ପଚରାଯିବାରୁ ଅଙ୍ଗ ନଦୀରେ ଜଳ ଶ୍ରୋତ ଶୁଖି ଯିବାରୁ ପ୍ରକଳ୍ପ ଚାଲି ପାରୁନାହିଁ । ଜେସିବି ଦ୍ୱାରା ନଦୀ ଗର୍ଭରେ କୂଅ ଖୋଲି ପାଣି ସମସ୍ୟା ଦୂର କରିବାକୁ ଚେଷ୍ଟା କରାଯାଇଥିଲା ହେଲେ ଯେତେ ଖୋଲିଲେ ବି ପାଣି ବାହାରିଲା ନାହିଁ ବୋଲି କହିଛନ୍ତି । ତେଣୁକରି ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

## ମରଣାନ୍ତକ ଆକ୍ରମଣ ଘଟଣାରେ ଜଣେ ଗିରଫ

ସମ୍ବଲପୁର, ୧୩/୦୫ (ନି.ପ୍ର): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ଟିଆରପଡା ଜଗନ୍ନାଥ ମନ୍ଦିର ସମ୍ମୁଖରେ ଜଣେ ଯୁବକଙ୍କୁ ହତ୍ୟା ଉଦ୍ଦେଶ୍ୟରେ ହୋଇଥିବା ଆକ୍ରମଣ ଘଟଣାରେ ବୁର୍ଲା ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ସୂଚନା ଅନୁସାରେ, କ୍ଷେତପଡା ନିବାସୀ ୬୨ ବର୍ଷୀୟ ସହଦେବ ନାରାୟଣ ରାୟ ଗତ ୧୧ ତାରିଖ ରାତି ସାଢ଼େ ୧୨ଟା ବେଳେ ବୁର୍ଲା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ଗତ ୧୦ ତାରିଖ ସନ୍ଧ୍ୟା ସାଢେ ୭ଟା ବେଳେ କେତେକ ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇଥିଲେ ଯେ ପ୍ରେମ ବାବୁ, ଟୁଲୁ, ଶିବ କୁମାର, ଛୋଟୁ ମହାନନ୍ଦ ଓ ଛୋଟୁ ବାଡ଼ି ସହ ଅନ୍ୟମାନେ ତାଙ୍କ ପୁଅ ବିକି ରାୟଙ୍କୁ ହତ୍ୟା ଉଦ୍ଦେଶ୍ୟରେ ସାଙ୍ଘାତିକ ମାଡ଼ ମାରି ଟିଆରପଡା ଜଗନ୍ନାଥ ମନ୍ଦିର ସମ୍ମୁଖରେ ଫିଙ୍ଗି ଫୋପାଡ଼ି ଚାଲି ଯାଇଥିଲେ। ଏହି ଅଭିଯୋଗ ଆଧାରରେ ବୁର୍ଲା ଥାନାରେ ପୋଲିସ ୨୧୬/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ପରେ ପୋଲିସ ବୁର୍ଲା ଥାନା ଅନ୍ତର୍ଗତ ମହତାବ ନଗରର ୨୮ ବର୍ଷୀୟ ତନ୍ମୟ ବନଛୋର ଓରଫ ଟୁଲୁକୁ ଆଜି ଗିରଫ କରିବାରେ ସଫଳ ହୋଇଛି। ଥାନାରେ ଉକ୍ତ ଦିନର ଘଟଣା ସମ୍ପର୍କରେ ତାକୁ ଭଲ ଭାବେ ଜେରା କରିବା ପରେ ପୋଲିସ ତାକୁ ଆଜି କୋର୍ଟ ଚାଲାଣ କରିଛି ।

# ସାରସକଣାଠାରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦଘାଟନ

- ୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବୃହତ ପାନୀୟ ଜଳ ପ୍ରକଳ୍ପ
- ୨୯ଟି ଗ୍ରାମର ୪୦୭୦ରୁ ଅଧିକ ପରିବାର ଉପକୃତ ହେବେ
- ୨୨୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ରାସ୍ତା ଓ ୨୫ ଲକ୍ଷ ଟଙ୍କା ବ୍ୟୟରେ ନୂତନ ହୋ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟନ



ବାରିପଦା, ୧୨/୫ :ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଆଜି ମୟୂରଭଞ୍ଜ ଜିଲ୍ଲାର ସାରସକଣା ବ୍ଲକ ଅନ୍ତର୍ଗତ ଭୁରଶାଣୀ ଖେଳ ପଡ଼ିଆରେ ଆୟୋଜିତ ବିଶାଳ ଜନସମାବେଶ ଓ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ ୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ବୃହତ ପାନୀୟ ଜଳ ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୨୨୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ପ୍ରକଳ୍ପ ଏବଂ ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ହୋ ଗୋଷ୍ଠୀ କେନ୍ଦ୍ରର ଉଦଘାଟନ କରିଥିଲେ।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ, "ଗ୍ରାମର ବିକାଶ ହେଉଛି ରାଜ୍ୟର ବିକାଶର ମୂଳ ଆଧାର। ଯେତେବେଳେ ଗ୍ରାମର ପ୍ରତ୍ୟେକ ପରିବାର ନିରାପଦ ପାନୀୟ ଜଳ, ଉନ୍ନତ ସଡ଼କ ଓ ମୌଳିକ ସୁବିଧା ପାଇବେ, ସେତେବେଳେ ରାଜ୍ୟର ସାମଗ୍ରିକ ଉନ୍ନତି ସୁନିଶ୍ଚିତ ହେବ।" ସେ କହିଥିଲେ ଯେ ରାଜ୍ୟ ସରକାର ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ଼ କରିବା ସହ ଲୋକଙ୍କ ଜୀବନମାନ ଉନ୍ନତ କରିବାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି।

ମନ୍ତ୍ରୀ ଆହୁରି କହିଥିଲେ ଯେ, "ପ୍ରତ୍ୟେକ ଘରକୁ ପରିଷ୍କାର ପାନୀୟ ଜଳ ଯୋଗାଣ କେବଳ ଏକ ସୁବିଧା ନୁହେଁ, ଏହା ଲୋକଙ୍କ ସ୍ୱାସ୍ଥ୍ୟ ଓ ମାନବୀୟ ଅଧିକାର ସହ ଜଡିତ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ।" ଆଜି ଉଦଘାଟିତ ବୃହତ ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ୨୯ଟି ଗ୍ରାମର ୪୦୭୦ରୁ ଅଧିକ ପରିବାର ଉପକୃତ ହେବେ ବୋଲି ସେ ସୂଚନା ଦେଇଥିଲେ। ଏହା ଫଳରେ ଅଞ୍ଚଳବାସୀଙ୍କୁ ବର୍ଷର ସମସ୍ତ ସମୟରେ ସୁରକ୍ଷିତ ଓ ଶୁଦ୍ଧ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ ହେବ।

ସେହିପରି ପୋଖରୀଡିହା ଗ୍ରାମ ପଞ୍ଚାୟତର ଇଚିଣ୍ଡାଠାରୁ ଜାମକୁଣ୍ଡା ପର୍ଯ୍ୟନ୍ତ ନୂତନ ରାସ୍ତା ପ୍ରକଳ୍ପର ଉଦଘାଟନ କରି ମନ୍ତ୍ରୀ କହିଥିଲେ ଯେ, ଉନ୍ନତ ସଡ଼କ ଯୋଗାଯୋଗ କ୍ଷେତ୍ରରେ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ବଜାର ସଂଯୋଗକୁ ଆହୁରି ସୁଗମ କରିବ । "ରାସ୍ତା ହେଉଛି ଉନ୍ନତିର ମୁଖ୍ୟ ଦ୍ୱାର। ଭଲ ରାସ୍ତା ଥିଲେ ଗ୍ରାମର ଅର୍ଥନୈତିକ ଓ ସାମାଜିକ ପରିବର୍ତ୍ତନ ତ୍ୱରାନ୍ୱିତ ହୁଏ," ବୋଲି ସେ କହିଥିଲେ।

ନୂତନ ହୋ ଗୋଷ୍ଠୀ କେନ୍ଦ୍ର ଉଦଘାଟନ ଅବସରରେ ମନ୍ତ୍ରୀ ଆଦିବାସୀ ସଂସ୍କୃତି, ଭାଷା ଓ ପାରମ୍ପରିକ ଐତିହ୍ୟର ସୁରକ୍ଷା ଓ ପ୍ରଚାର ପାଇଁ ରାଜ୍ୟ ସରକାରଙ୍କ ଅଙ୍ଗୀକାରକୁ ଦୋହରାଇଥିଲେ । ସେ କହିଥିଲେ ଯେ, ଏହି କେନ୍ଦ୍ର ହୋ ସମ୍ପ୍ରଦାୟର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକଳାପର ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିଉଠିବ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସରକାରୀ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ରାଜ୍ୟ ସରକାର ଗ୍ରାମ ଓ ସହର ମଧ୍ୟର ଉନ୍ନତି ତାରତମ୍ୟକୁ କମାଇବା ପାଇଁ ସମନ୍ୱିତ ଭାବେ କାର୍ଯ୍ୟ କରୁଛନ୍ତି। ଉନ୍ନତ ପାନୀୟ ଜଳ, ଭଲ ରାସ୍ତା ଓ ସାମାଜିକ ଭିତ୍ତିଭୂମି ସୃଷ୍ଟି ମାଧ୍ୟମରେ ଲୋକଙ୍କ ଜୀବନମାନରେ ପରିବର୍ତ୍ତନ ଆଣିବା ହିଁ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ନବ ଚରଣ ମାଝୀ, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ଉଦଳା ବିଧାୟକ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସୟ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ଓ ବହୁ ସଂଖ୍ୟକ ସାଧାରଣ ଜନତା ଉପସ୍ଥିତ ଥିଲେ।

## ଦାଦନ ଯାଇ ଶ୍ରମିକ ନିଖୋଜ: ମାସେ ପରେ ବି ମିଳୁନି ସନ୍ଧାନ

ଜୟପୁର, ୧୩/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ମୁଞ୍ଜା ପଂଚାୟତ ଚୌପାଢ଼ି ଗ୍ରାମର ରାମ ଘୋଷଙ୍କ ୨୩ ବର୍ଷ ବୟସର ପୁଅ ଭଗବାନ ଘୋଷ ତେଲେଙ୍ଗାନା ଦାଦନ ଯାଇ ମାସେ ହେବ ନିଖୋଜ ଅଛନ୍ତି । ଭଗବାନ ଓ ତାଙ୍କ ପିତା ରାମଚନ୍ଦ୍ର ଘୋଷ ଚୌପାଢ଼ି ଗ୍ରାମର କିଛି ଲୋକଙ୍କ ସହିତ ତେଲେଙ୍ଗାନାର ରାଜମପେଟ ଅଂଚଳକୁ ଶ୍ରମିକ ଭାବରେ ଦାଦନ ଯାଇଥିଲେ । ସେଠାରେ କିଛି ଦିନ କାମ କଲା ପରେ ସେମାନେ ରହିବା ସ୍ଥାନରୁ ଭଗବାନ କେଉଁ ଆଡେ ଚାଲିଯାଇଥିଲା । ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ମିଳି ନ ଥିଲା। ଶେଷରେ ରାଜମପେଟ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏନେଇ ଖୋଜା ଖୋଜି କରି ପରିବାରକୁ ଜଣାଇବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲା । କିନ୍ତୁ ମାସେରୁ ଉର୍ଦ୍ଧ୍ୱ ସମୟ ହେବ ନା ପୋଲିସ ତରଫରୁ କିଛି ସୂଚନା ମିଳିଛି ନା ଏମାନଙ୍କୁ ଶ୍ରମିକ ଚାଲାଣ କରୁଥିବା ଖଲ୍ଲିକୋଟ ର କଣ୍ଟ୍ରାକ୍ଟର ପାଖରୁ କିଛି ସୂଚନା ମିଳୁଛି । ଯୁବକ ଜଣକ ଅଶିକ୍ଷିତ ସରଳିଆ ଆଦିବାସୀ। ପେଟ ପାଇଁ ବାହାରକୁ ଯାଇଥିଲା। କିନ୍ତୁ, ବାଟ ଭୁଲି କେଉଁଆଡେ ଚାଲି ଯାଇଛି ନା କେହି ବ୍ୟକ୍ତି ଅପହରଣ କରି ନେଇଯାଇଛି ତାକୁ ନେଇ ସନ୍ଦେହ କରି ବର୍ତମାନ ଚିନ୍ତାରେ ଅଛନ୍ତି ତାଙ୍କ ବାପା ରାମ ଘୋଷ । ବାପା ପୁଅଙ୍କ ସହିତ ଯାଇଥିବା ଶ୍ରମିକ ମାନେ ମଧ୍ୟ କାମ ଛାଡି ଗାଁ କୁ ଫେରି ଆସିଲେଣି, କିନ୍ତୁ ପୁଅ ଏ ପର୍ଯ୍ୟନ୍ତ ଘରକୁ ଫେରି ପାରୁନାହିଁ। ପୁଣି ସେପଟେ ନେଇଥିବା ଖଲ୍ଲିକୋଟ ର ଠିକାଦାର ଫୋନ କଲେ ଉଠାଉ ନଥିବାରୁ ଏବଂ ଖୋଜୁ ନଥିବାରୁ ବାପା ଏନେଇ ପୁଅକୁ ଝୁରି ଝୁରି ବାପାଙ୍କ ଅବସ୍ଥା ମଧ୍ୟ ଖରାପ ହେବାକୁ ଲାଗିଲାଣି । ଭଗବାନ ଘୋଷଙ୍କୁ ଖୋଜା ଖୋଜି କରିବାରେ ପ୍ରଶାସନ ହସ୍ତକ୍ଷେପ କରି ଗାଁ କୁ ଫେରାଇ ଆଣିବା ପାଇଁ ଗ୍ରାମବାସୀ ମଧ୍ୟ ଦାବି କରିଛନ୍ତି ।

## ଅବକାରୀ ଚଢ଼ଉ : ୮ କେଜି ଗଞ୍ଜେଇ ସହ ମଦ ଜବତ, ୭ ଗିରଫ

ଝାରସୁଗୁଡା, ୧୩/୦୫ (ନି.ପ୍ର): ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୮ କେଜି ଗଞ୍ଜେଇ, ୫୮ ଲିଟର ଦେଶୀ ମଦ, ୫.୨୦୦ ଲିଟର ବିଅର ଓ ୨୦୦ ଲିଟର ହାଣ୍ଡିଆ ଜବତ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ, ଝାରସୁଗୁଡା ଅବକାରୀ ଥାନା, ଅବକାରୀ ରେଞ୍ଜ ଏବଂ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ସଂଯୁକ୍ତ ଟିମ୍ ପକ୍ଷରୁ ପୁରୁଣାବସ୍ତି (ଓରାମପଡା), ସରବେଣ୍ଡା, ଓଏମପି (ଭୂୟାଁପଡା), ଇବ ରେଲୱେ ଷ୍ଟେସନ, କୁଟୁରାଚୁଁଆ ଓ ବିଦ୍ୟାନଗର (ପଂଚପଡା) ସମେତ ସାତଟି ସ୍ଥାନରେ ଚଢ଼ଉ କରାଯାଇଥିଲା ।

## ପୁଅ ନିଶା ସେବନକୁ ବାରଣ କରିବାରୁ କୀଟନାଶକ ପିଇ ଆତ୍ମହତ୍ୟା କଲା ବାପା

କନ୍ଧମାଳ, ୧୩/୦୫ (ନି.ପ୍ର): ନିଶା ସେବନ କରି ଘରକୁ ଫେରିଥିଲେ ବୃଦ୍ଧ ବାପା ତାଙ୍କ ପୁଅ ଏହାକୁ ବାରଣ କରିବାରୁ, କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି ବାପା। କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ବାଡ଼ାବାଙ୍ଗାର ବାଲୁବାଙ୍ଗା ଗାଁ ରେ ଘଟିଥିବା ଏହି ଘଟଣା ଲୋକଙ୍କୁ ଆଚମ୍ବିତ କରିଛି । ସାଧାରଣତଃ ପୁଅ ନିଶା ସେବନ ଭଳି କାର୍ଯ୍ୟ କରି ଅବାଟକୁ ଗଲେ ବାପା ମା ତାକୁ ତାଗିଦ୍ କରନ୍ତି। ହେଲେ ଏଠାରେ ଘଟିଛି ଓଲଟା ଘଟଣା ଯାହାକି ଅଂଚଳବାସୀଙ୍କ ମନକୁ ଦୋହଲାଇ ଦେଇଛି । ମୃତକ ଜଣକ ଉକ୍ତ ଗ୍ରାମର ସୀତାରାମ ନାୟକ (୬୨) ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ପ୍ରତିଦିନ ଭଳି ସୋମବାର ସନ୍ଧ୍ୟାରେ ସୀତାରାମ ନିଶାଶକ୍ତ ଅବସ୍ଥାରେ ଘରକୁ ଫେରିଥିଲେ ବାପାଙ୍କୁ ନିଶାଗ୍ରସ୍ତ ଅବସ୍ଥାରେ ପୁଅ ମୁରଲୀ ନାୟକ ଦେଖି ଏହାକୁ ବିରୋଧ କରିବା ସହ ମଦ ପିଇବାକୁ ବାରଣ କରି ଭଲ ପରାମର୍ଶ ଦେଇଥିଲେ। ଏଥିରେ ବାପା ଉତକ୍ଷିପ୍ତ ହୋଇ କୋବି ଚାଷରେ ପକାଇବାକୁ ଘରେ ରଖାଯାଇଥିବା କୀଟନାଶକକୁ ପିଇ ଦେଇଥିଲେ ବୋଲି ପୁଅ ମୁରଲୀ କହିଛନ୍ତି। ତାଙ୍କୁ ତୁରନ୍ତ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଅନ୍ୟତ୍ର ଅଧିକ ଚିକିତ୍ସା କରିବାକୁ ନେବାକୁ ପରାମର୍ଶ ଦେଇଥିଲେ। ମୁରଲୀ ବାପାଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଉଥିବା ବେଳେ ଅଧାବାଟରେ ବାପାଙ୍କ ମୃତ୍ୟୁ ହୋଇଥିଲା। ସେ ମୃତଦେହ ନେଇ ଦାରିଙ୍ଗବାଡି ଫେରିବା ସହ ଦାରିଙ୍ଗବାଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ଅଭିଯୋଗ ପାଇ ମୃତଦେହ ଜବତ କରିବା ସହ ବ୍ୟବଛେଦ କରାଇବ ବୋଲି ଆଇଆଇସି ସଂଗ୍ରାମ କେଶରୀ ଜେନା କହିଛନ୍ତି।

# ବିନମ୍ରତାରୁ ମହାନତାର ସ୍ୱପ୍ନ : ଦୀପିକା ଇସ୍ପାତ ଶିକ୍ଷା ସଦନ ଦ୍ୱାରା ଅବହେଳିତ ପିଲାମାନେ ସଶକ୍ତ

ରାଉରକେଲା, ୧୩/୦୫ (ନି.ପ୍ର): "ମୁଁ ଜଣେ ଡାକ୍ତର ହେବି ଏବଂ ଏପର୍ଯ୍ୟନ୍ତ ଚିକିତ୍ସା ସେବା ପାଇଁ ସଂଘର୍ଷ କରୁଥିବା ମୋ ଗାଁ ଗହଙ୍ଗୁରେ କମ୍ ମୂଲ୍ୟରେ ଔଷଧ ସୁବିଧା ସହିତ ଏକ ବଡ଼ ହସ୍ପିଟାଲ ଖୋଲିବି" ଏହିଭଳି କିଛି ମନ୍ତବ୍ୟ ରଖିଛନ୍ତି ଚଳିତ ଦଶମ ଶ୍ରେଣୀ ମାଟ୍ରିକ୍ ପରୀକ୍ଷା-୨୦୨୬ ରେ ୯୦% (୫୪୦ ନମ୍ବର) ହାସଲ କରିଥିବା ଦୀପିକା ଇସ୍ପାତ ଶିକ୍ଷା ସଦନ (ଡ଼ିଆଇଏସଏସ) ର ଟପର୍ କେଶବାନନ୍ଦ ସ୍ୱାଇଁ। ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ଜଣେ ଦକ୍ଷ ବକ୍ତା, କେଶବାନନ୍ଦ ହେଉଛନ୍ତି ରାଉରକେଲା ଇସ୍ପାତ କାରଖାନାରେ ଠିକା କର୍ମଚାରୀ ଭାବରେ କାମ କରୁଥିବା ଶ୍ରୀ ସୂର୍ଯ୍ୟନାରାୟଣ ସ୍ୱାଇଁ ଏବଂ ଶ୍ରୀମତୀ ସନ୍ତୋଷୀ କୁମାରୀ ସ୍ୱାଇଁଙ୍କ ପୁଅ। ସେକ୍ଟର-୧୫ ସ୍ଥିତ ଏକ ବସ୍ତି ଅଞ୍ଚଳରେ ତାଙ୍କ ପରିବାର ସହିତ ରହୁଥିବା କେଶବାନନ୍ଦ ତାଙ୍କ ସଫଳତାର ଶ୍ରେୟ ତାଙ୍କ ଶିକ୍ଷକଙ୍କ ନିରନ୍ତର ମାର୍ଗଦର୍ଶନ ଏବଂ ନିଜ ପିତାମାତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଉତ୍ସାହଜନକ ପାଠ୍ୟ ପରିବେଶକୁ ଦେଇଛନ୍ତି। କେଶବାନନ୍ଦଙ୍କ ଏହି ସଫଳତା ଦୀପିକା ଇସ୍ପାତ ଶିକ୍ଷା ସଦନ ଦ୍ୱାରା ରଚିତ ଏକ ବଡ଼ ସଫଳତାର ଅଂଶ, ଯାହା ଇସ୍ପାତ ସହରର ଅବହେଳିତ ବର୍ଗର ପିଲାମାନଙ୍କ ପାଇଁ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ପ୍ରତିଷ୍ଠିତ ଏକ ଦେୟମୁକ୍ତ ବିଦ୍ୟାଳୟ ଅଟେ। ଏହି ବିଦ୍ୟାଳୟ ଇସ୍ପାତ ସହରର ଏକ ଅଗ୍ରଣୀ ସଂଗଠନ, ଦୀପିକା ମହିଳା ସଂଘତି ଦ୍ୱାରା ପରିଚାଳିତ ହେଉଛି। ବିଦ୍ୟାଳୟଟି ପୁନଶ୍ଚ କ୍ରମାଗତ ୧୧ତମ ବର୍ଷ ପାଇଁ ୧୦୦% ପାସ୍ ଫଳାଫଳ ବଜାୟ ରଖି ଏକ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଏହି ବର୍ଷ, ୮୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ, ଯେଉଁଥିରୁ ୧୫ ଜଣ ପ୍ରଥମ ବିଭାଗ ଏବଂ ୪୦ ଜଣ ଦ୍ୱିତୀୟ ବିଭାଗରେ ଉତୀର୍ଣ୍ଣ ହୋଇଥିଲେ, ଯାହା ବିଦ୍ୟାଳୟର ସ୍ଥିର ଶିକ୍ଷାଗତ ସହାୟତା ବ୍ୟବସ୍ଥାକୁ ପ୍ରତିଫଳିତ କରେ। ସେହିପରି, 'ରାଉରକେଲା ମୋର ଦୃଷ୍ଟିକୋଣକୁ ବିସ୍ତାର କରିଛି ଏବଂ ବିଦ୍ୟାଳୟରେ କାଉନସେଲିଂ ଅଧିବେଶନଗୁଡ଼ିକ ଭବିଷ୍ୟତରେ ସଫଳ ଜୀବନଯାପନ କରିବା ପାଇଁ ଜଣେ ଇଞ୍ଜିନିୟର ହେବାର ଲକ୍ଷ୍ୟ ସ୍ଥିର କରିବାରେ ସାହାଯ୍ୟ କରିଥିଲା,' ୮୦% (୪୮୨ନମ୍ବର) ରଖି ଦ୍ୱିତୀୟ ସର୍ବାଧିକ ନମ୍ବର ରଖିଥିବା ଆଦିତ୍ୟ କୁମାର ସାହୁ ନିଜ ମତପ୍ରକାଶ କରିଛନ୍ତି। ଆଦିତ୍ୟଙ୍କ ପିତା ଶ୍ରୀ ଦୀନା ବନ୍ଧୁ ସାହୁ ଜଣେ ସୁରକ୍ଷା କର୍ମୀ ଏବଂ ମାତା ଶ୍ରୀମତୀ ଅରୁନ୍ଧତୀ ସାହୁ ସେକ୍ଟର-୧୬ ସ୍ଥିତ ଜଗନ୍ନାଥ ପାଲିର ବାସିନ୍ଦା ଅଟନ୍ତି। ସେ ତାଙ୍କ ସଫଳତାର ଶ୍ରେୟ ବିଦ୍ୟାଳୟରେ ଦିଆଯାଉଥିବା ଅତିରିକ୍ତ କାଳାଂଶ, ପରାମର୍ଶ ଏବଂ ଉତ୍ସର୍ଗୀକୃତ ପରାମର୍ଶଦାତାଙ୍କୁ ଦେଇଥିଲେ। ଅନୁରୂପ ଭାବେ, 'ଅତିରିକ୍ତ ଶ୍ରେଣୀ ଏବଂ ନିୟମିତ ପରୀକ୍ଷା ପତ୍ର ସମାଧାନ ଅଭ୍ୟାସ ମୋତେ ୭୮% (୪୬୮ନମ୍ବର) ସହିତ ବିଦ୍ୟାଳୟରେ ତୃତୀୟ ସ୍ଥାନ ଅଧିକାର କରିବାରେ ସାହାଯ୍ୟ କରିଥିଲା' ବୋଲି ସେକ୍ଟର-୭ ର ଭିଏସଏସ ପଲ୍ଲୀର ପରିବା ବିକ୍ରେତା ଶ୍ରୀଯୁକ୍ତ ସସଧର ବେହେରା ଏବଂ ଶ୍ରୀମତୀ ଜ୍ୟୋତିର୍ମୟୀ ବେହେରାଙ୍କ ଝିଅ ସୁଶ୍ରୀ ସୌମ୍ୟଶ୍ରୀ ବେହେରା କହିଛନ୍ତି। ଏହା କେବଳ ତାଙ୍କର ଆତ୍ମବିଶ୍ୱାସକୁ ବୃଦ୍ଧି କରିନାହିଁ ବରଂ ଭବିଷ୍ୟତରେ ଜଣେ ଇଞ୍ଜିନିୟର ହୋଇ ଦେଶ ସେବାରେ ନିଜକୁ ଉତ୍ସର୍ଗ କରିବାକୁ ଦୃଢ଼ ସଂକଳ୍ପବଦ୍ଧ ହୋଇଛନ୍ତି। ସୂଚନା ଯୋଗ୍ୟ ଯେ, ଆରଏସପି ର ସିଏସଆର ପଦକ୍ଷେପ ଅଧୀନରେ ୨୦୦୭ ମସିହାରେ ପ୍ରତିଷ୍ଠିତ, ଡ଼ିଆଇଏସଏସ ଏକ ଦେୟମୁକ୍ତ ଶିକ୍ଷାନୁଷ୍ଠାନ ଯେଉଁଠାରେ ଛାତ୍ରଛାତ୍ରୀଙ୍କୁ ମାଗଣା ୟୁନିଫର୍ମ, ସ୍କୁଲ ଜୋତା, ବ୍ୟାଗ ଏବଂ ଅତ୍ୟାବଶ୍ୟକୀୟ ଶିକ୍ଷଣୀୟ ଆନୁଷଙ୍ଗିକ ସାମଗ୍ରୀ ପ୍ରଦାନ କରାଯାଏ। ଆଉ ମଧ୍ୟ ପ୍ରତିଷ୍ଠିତ ଅକ୍ଷୟ ପାତ୍ର ଫାଉଣ୍ଡେସନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛ ପାନୀୟ ଜଳ, ପରିମଳ ସୁବିଧା ଏବଂ ପୁଷ୍ଟିକର ମଧ୍ୟାହ୍ନ ଭୋଜନ ମଧ୍ୟ ଯୋଗାଇ ଦିଆଯାଉଛି। ଉଲ୍ଲେଖ ଯୋଗ୍ୟ ଯେ, ବିଦ୍ୟାଳୟ ପ୍ରତିବର୍ଷ ଏହାର ଭିତ୍ତିଭୂମିକୁ ଉନ୍ନତ କରିଚାଲିଛି, ଯାହା ନିଶ୍ଚିତ କରେ ଯେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପୃଷ୍ଠଭୂମିର ପିଲାମାନେ ଯେକୌଣସି ମାନକ ସ୍କୁଲ ସହିତ ସମକକ୍ଷ ଶିକ୍ଷା ପାଇପାରିବେ।

# ଧାରାବାହିକ:

ଭାଗ-୪୨

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ପ୍ରଭୁ ଶ୍ରୀକୃଷ୍ଣ ଓ ବସୁଦେବଙ୍କ ଏପରି କଥୋପକଥନ କୁ ଦେବମାତା ସ୍ୱରୂପିଣୀ ଦେବକୀ ଅତ୍ୟନ୍ତ ଶ୍ରଦ୍ଧାର ସହ ଶ୍ରବଣ କରୁଥିଲେ । ସେ ନିଜର ଜନ୍ମିତ ପୁତ୍ର ଶ୍ରୀକୃଷ୍ଣଙ୍କର ମହିମା ଶ୍ରବଣ କରି ଆନନ୍ଦିତ ହେବା ସହିତ ଆଶ୍ଚର୍ଯାନ୍ୱିତ ହେଲେ । ତାଙ୍କର ସ୍ମରଣ ହେଲା ଯେ, କୃଷ୍ଣବଳରାମ ଗୁରୁଦେବ ସାନ୍ଦିପନୀ ଋଷିଙ୍କର ମୃତ ପୁତ୍ରକୁ ଯମଲୋକରୁ ଫେରାଇ ଆଣିଥିଲେ । ଏହାର ସ୍ମରଣ ମାତ୍ରେ କଂସ ବଧ କରିଥିବା ଛଅଗୋଟି ଶିଶୁଙ୍କ କଥା ମନେ ପଡିବାରୁ ସେ ଅତ୍ୟନ୍ତ ବ୍ୟାକୁଳ ଭାବେ କ୍ରନ୍ଦବ କରିବାକୁ ଲାଗିଲେ । କିଛି ସମୟ ପରେ ପ୍ରକୃତିସ୍ଥ ହୋଇ ରାମକୃଷ୍ଣଙ୍କ ସମ୍ବୋଧନ କରି କହିଲେ, ହେ ଲୋକାଭିରାମ ବଳରାମ ତୁମର ଅମୋଘ ଶକ୍ତି ମନୁଷ୍ୟର ମନ ଓ ବାକ୍ୟର ଅଗୋଚର । ହେ ଶ୍ରୀକୃଷ୍ଣ ତୁମେ ଆଦି ପୁରୁଷ, ନିର୍ଗୁଣ, ନିରାକାର ମହା ଯୋଗେଶ୍ୱର । ସାରା ବିଶ୍ୱବ୍ରହ୍ମାଣ୍ଡ ତୁମର ଗର୍ଭଗତ, ତୁମରି ଇଛାରେ ସବୁକିଛି ପରିଚାଳିତ ଅଥଚ କେଉଁ ପୁଣ୍ୟ ବଳରେ ମୁଁ ତୁମକୁ ଗର୍ଭରେ ଧାରଣ କରିଥିଲି । ସଂସାରରେ ମୋ ପରି ସୌଭାଗ୍ୟ ବତୀ ଆଉ କିଏ ଅଛି ? ମାତ୍ର ମୁଁ ନିଜକୁ ଅତ୍ୟନ୍ତ ଦୁଃଖୀ ଓ ଅଭାଗୀ ବୋଲି ମନେ କରୁଛି । କଂସର ତୁମର ଛଅଟି ଅଗ୍ରଜଙ୍କୁ ଅତି ନିର୍ମମ ଓ ନିଷ୍ଠୁର ଭାବେ ମୋ ଚକ୍ଷୁ ସମ୍ମୁଖରେ ହତ୍ୟା କରିଛି ବୋଲି ସ୍ମରଣ ମାତ୍ରେ ମୋର ହୃଦୟ ବ୍ୟାକୁଳ ହେଉଛି । ଯେପରି ଗୁରୁଦେବଙ୍କ ମୃତପୁତ୍ରକୁ ଯମଲୋକରୁ ଫେରାଇ ଆଣିଥିଲ ସେହିପରି ଏହି ଅଭାଗିନୀ ମାତାକୁ ତାର ଷଡପୁତ୍ରକୁ ଆଣି ଫେରାଇ ଦିଅ । ସେମାନଙ୍କୁ ଦେଖିଲେ ମୋର ସନ୍ତାପିତ ଆତ୍ମା ଶୀତଳ ହେବ । ବାରମ୍ବାର ଗର୍ଭଧାରଣ କଷ୍ଟ ସ୍ୱୀକାର କରି ମଧ୍ୟ ଗୋଟାଏ ମୁହୂର୍ତ୍ତ ସେମାନଙ୍କୁ କୋଳରେ ଧରିନାହିଁ । ମାତାଙ୍କର ଅନୁରୋଧ ରକ୍ଷା କରିବା ନିମିତ୍ତ ରାମକୃଷ୍ଣ ଯୋଗମାୟା ବଳରେ ସୁତଳରେ ପ୍ରବେଶ କଲେ । ସେଠାରେ ଦୈତ୍ୟରାଜ ବଳୀ ଭଗବାନଙ୍କୁ ଦର୍ଶନ କରି ପରମାନନ୍ଦରେ ଶ୍ରୀଚରଣକୁ ସୁବାସିତ ଜଳରେ ଧୌତକରି ଚରଣାଦୋକକୁ ସପରିବାରେ ଶିରରେ ସିଞ୍ଚନ କଲେ ଓ ପ୍ରଭୁଙ୍କୁ ଉତ୍ତମ ଆସନରେ ବସାଇ ବହୁ ମୂଲ୍ୟ ବସ୍ତ୍ର, ଅଳଙ୍କାର, ଚନ୍ଦନ, କର୍ପୂର, ତାମ୍ବୁଳ, ଦୀପକ, ଅମୃତ ତୁଲ୍ୟ ଭୋଜନାଦିରେ ପୂଜାର୍ଚ୍ଚନା କଲେ । ବଳୀରାଜାଙ୍କର ହୃଦୟ ଭଗବତ ପ୍ରେମରେ ବିଗଳିତ ହୋଇ ଚକ୍ଷୁରୁ ପ୍ରେମାଶ୍ରୁ ନିର୍ଗତ ହେଲା, ଶରୀର ପୁଲକିତ ଓ ରୋମାଞ୍ଚିତ ହେବା ସହ ଗଦଗଦ କଣ୍ଠରେ ସ୍ତୁତିଗାନ କଲେ । ହେ ପ୍ରଭୁ ବଳରାମ, ତୁମେ ସ୍ୱୟଂ ବିଶ୍ୱରୂପ ଅନନ୍ତ, ଶେଷଦେବ ; ବିଶ୍ୱବ୍ରହ୍ମାଣ୍ଡର ଆଧାର ସ୍ୱରୂପ । ପୁଣି ଶ୍ରୀକୃଷ୍ଣଙ୍କୁ କହିଲେ ତୁମେ ସଚ୍ଚିଦାନନ୍ଦ ସ୍ୱରୂପୀ ସ୍ୱୟଂ ପରଂବ୍ରହ୍ମ ପରମାତ୍ମା । ଆମ୍ଭମାନଙ୍କପରି ରଜଃ ଓ ତମୋଗୁଣୀ ଦୈତ୍ୟମାନଙ୍କୁ ତୁମର ଦୁର୍ଲ୍ଲଭ ଦର୍ଶନ ଦେଇ କୃତାର୍ଥ କଲ । ତୁମ ଶ୍ରୀଚରଣରେ କୃତଜ୍ଞତା ପ୍ରକାଶ କରିବାକୁ ଆମ ମୁଖରେ ଭାଷା ନାହିଁ । ହେ ସର୍ବଭେଦ ବର୍ଜିତ ପ୍ରଭୁ, ସର୍ବଦର୍ଶୀ, ଦୟା, କ୍ଷମାର ସାଗର ! ନିନ୍ଦିତ ବ୍ୟକ୍ତି ମଧ ଯଥାର୍ଥ ଅନୁତାପ କଲେ ତାର ଦୋଷ କ୍ଷମା କରୁଥିବା କ୍ଷମାସାଗର ତୁମକୁ କଣ ବା କହିବୁ । ସନ୍ତାନ ଶରୀରରେ ଧୂଳି ଲାଗିଥିଲେ ମାତା ତାକୁ ଝାଡିଦେଇ କୋଳକୁ ନେବା ଭଳି ତୁମେ ମଧ ପାତକର ପାପତାପକୁ ଖଣ୍ଡନ କରି ପବିତ୍ର କରାଅ । ଏପରିକି ତୁମ ସହ ଶତ୍ରୁତା କରୁଥିବା ବ୍ୟକ୍ତିକୁ ମଧ ତୁମେ ପର କରନାହିଁ । ଯେହେତୁ ତୁମେ ସର୍ବମୟ  କର୍ତ୍ତା ଓ ସର୍ବସ୍ରଷ୍ଟା ତେଣୁ ତୁମ ସହ ଶତ୍ରୁତା କି ମିତ୍ରତାର କୌଣସି ଅର୍ଥନାହିଁ । ତୁମରିଠାରୁ ଜାତ ହୋଇ ପୁଣି ତୁମରିଠାରେ ଲୀନ ହୁଅନ୍ତି କେବଳ କର୍ମାନୁସାରେ ପୁନର୍ଜନ୍ମ ପ୍ରାପ୍ତ ହୁଅନ୍ତି । ବଳିରାଜାଙ୍କର ଏପରି ସ୍ତୁତି ବାକ୍ୟ ଶୁଣି ଭଗବାନ କୋମଳ ବଦନରେ କହିଲେ, ହେ ରାଜା, ମୋର ପୂଜ୍ୟା ଜନନୀ ଦେବକୀ ତାଙ୍କର କଂସ ଦ୍ୱାରା ନିହତ ଷଡପୁତ୍ରକୁ ଦେଖିବାକୁ ଇଛା ପୋଷଣ କରିଛନ୍ତି । ଏମାନେ ପ୍ରଥମେ ପ୍ରଜାପତି ମରିଚିଙ୍କ ପତ୍ନୀ ଉର୍ଣ୍ଣୀଙ୍କ ଗର୍ଭରୁ ଦେବତା ରୂପେ ଜାତ ହୋଇଥିଲେ ମାତ୍ର ଥରେ ଦେବଳ ନାମକ ଋଷିଙ୍କ ତପୋବନରେ ପ୍ରବେଶ କରି ତାଙ୍କ ପୁତ୍ରୀସହ ଅସଦାଚରଣ କରିବାରୁ ଋଷି ଅଭିଶାପରେ ହିରଣ୍ୟକଶିପୁର ପୁତ୍ରଭାବେ ଜନ୍ମ ନେଇଥିଲେ ଏବଂ ପରେ ମାତା ଦେବକୀଙ୍କ ଗର୍ଭରୁ ଜନ୍ମ ନେଇ କଂସ ହାତରେ ନିହତ ହୋଇଛନ୍ତି । ସେମାନେ ଏବେ ଏହି ସୁତଳରେ ଅମୋକ୍ଷ ଅବସ୍ଥାରେ ଅଛନ୍ତି । ବଳିରାଜା ଏହା ଶୁଣି ତତ୍‌କ୍ଷଣାତ୍ ସେମାନଙ୍କୁ ଅଣାଇ ରାମକୃଷ୍ଣଙ୍କୁ ଅର୍ପଣ ପୂର୍ବକ ଶ୍ରୀଚରଣ ବନ୍ଦାପନା କରି ବିଦାୟ ନେଲେ । ମାତା ଦେବକୀ ନିଜର ମୃତ ଛଅ ପୁତ୍ରଙ୍କୁ ଦେଖି ଆନନ୍ଦରେ ଆତ୍ମହରା ହେବା ସହ ବାତ୍ସଲ୍ୟ ମମତ୍ୱରୁ ତାଙ୍କ ସ୍ତନରୁ କ୍ଷୀର ସ୍ରବିଲା ଓ ସେ ସେହି ପୁତ୍ରମାନଙ୍କୁ ସ୍ତନ୍ୟପାନ କରାଇ ପରିତୃପ୍ତି ଲାଭ କଲେ । ମାତାଙ୍କଠାରୁ କ୍ଷୀରପାନ ସମୟରେ ଭଗବାନଙ୍କ ଦର୍ଶନ କରି ସେହି ପୁତ୍ରମାନଙ୍କର ପୂର୍ବ ଜନ୍ମପାପ ନାଶ ଯିବାରୁ ସେମାନେ ରାମକୃଷ୍ଣଙ୍କ ଚରଣ ବନ୍ଦନା ଉତ୍ତାରୁ ପୁନର୍ବାର ଦେବତ୍ୱ ପ୍ରାପ୍ତ ହୋଇ ସ୍ୱର୍ଗ ଗମନ କଲେ । ସର୍ବ ସମ୍ମୁଖରେ ସେମାନେ ବିଦ୍ୟୁତ ବେଗରେ ଆକାଶରେ ମିଶିଗଲେ । ଶ୍ରୀ ଶୁକଦେବ କହିଲେ, ରାଜା ଭଗବାନ ଶ୍ରୀକୃଷ୍ଣଙ୍କର ମହିମା ଏହିପରି ଅବର୍ଣ୍ଣନୀୟ, ଯୁଗ ଯୁଗ କହିଲେ ମଧ ତାର ଶେଷ ହେବାନାହିଁ

### ୮୭ ଅଧ୍ୟାୟ, ସୁଭଦ୍ରା ହରଣ

ଶ୍ରୀ ପରୀକ୍ଷିତ ପଚାରିଲେ, ହେ ମହର୍ଷି ରାମ୍‌କୃଷ୍ଣଙ୍କର ଭଗିନୀ ତଥା ମୋର ମାତାମହୀ ସୁଭଦ୍ରା ଏବଂ ପିତାମହ ମହାବୀରଙ୍କ ଅର୍ଜୁନଙ୍କ କିପରି ବିବାହ ଅନୁଷ୍ଠିତ ହୋଇଥିଲା ଦୟାକରି ବର୍ଣ୍ଣନା କରନ୍ତୁ । ବ୍ୟାସଦେବ କହିଲେ ଏକଦା ମହାବୀର ଅର୍ଜୁନ ତୀର୍ଥଯାତ୍ରା ନିମିତ୍ତ ବାହାରି ଦେଶର ସମସ୍ତ ବଡ ତୀର୍ଥ ପର୍ଯ୍ୟଟନ କରି ପ୍ରଭାସ କ୍ଷେତ୍ରରେ ଥିବା ସମୟରେ ସମ୍ବାଦ ପାଇଲେ ଯେ, ବଳରାମଙ୍କ ଇଛାମତେ ସୁଭଦ୍ରା ଦେବୀ ଖୁବ ଶୀଘ୍ର ଦୁଷ୍ଟ ଦୁର୍ଯ୍ୟୋଧନକୁ ବିବାହ କରିବାକୁ ଯାଉଛନ୍ତି ହେଲେ ଏ ବିବାହରେ ବଳରାମଙ୍କ ବିନା ଆଉ କାହାରି ସମ୍ମତି ନାହିଁ । ଶ୍ରୀକୃଷ୍ଣଙ୍କର ଇଛା ନଥିଲେ ମଧ ସେ ଅଗ୍ରଜଙ୍କ କଥାକୁ କାଟି ପାରୁନାହାନ୍ତି । ଅର୍ଜୁନଙ୍କ ମନରେ ସୁଭଦ୍ରା ପ୍ରାପ୍ତିର ଇଛା ବଳବତୀ ହେବାରୁ ସେ ତ୍ରିଦଣ୍ଡୀ ସନ୍ୟାସୀର ରୂପନେଇ ଦ୍ୱାରକାରେ ବର୍ଷା ଚାରିମାସ ରହିଲେ । ତାଙ୍କର ତେଜସ୍ୱୀ ରୂପ ଦେଖି ବଳରାମ ତାଙ୍କୁ ଶ୍ରଦ୍ଧା କରିବା ସହ ଭୋଜନ ନିମିତ୍ତ ରାଜପୁରୀକୁ ନିମନ୍ତ୍ରଣ କଲେ । ଏହି ଅବସରରେ ସୁଭଦ୍ରାଙ୍କ ସହ ତାଙ୍କର ଭେଟ ହୋଇଗଲା ଓ ଚାରିଚକ୍ଷୁର ମିଳନ ଘଟିଲା । ସୁଭଦ୍ରାଙ୍କର ମଧୁର କଟାକ୍ଷରୁ ତାଙ୍କର ଅଙ୍ଗୀକାର ଜାଣି ଅର୍ଜୁନ ଗୋପନରେ ଦେବକୀ, ବସୁଦେବ, ଶ୍ରୀକୃଷ୍ଣଙ୍କ ଠାରୁ ଅନୁମତି ନେଇ ସୁଭଦ୍ରା ଦେବଦର୍ଶନ ନିମିତ୍ତ ଯାଉଥିବା ସମୟରେ ବଳାତ୍କାରେ ପଥ ମଧ୍ୟରୁ ହରଣ କରି ରଥରେ ବସାଇ ନେଇଗଲେ ଏବଂ ଅଙ୍ଗରକ୍ଷୀମାନଙ୍କୁ ଅକ୍ଳେଶରେ ଘଉଡାଇ ଦେଲେ । ସୁଭଦ୍ରା ହରଣ କଥା ବ୍ୟାପିଯିବାରୁ ଦ୍ୱାରକାର ସୈନ୍ୟବାହିନୀ ଅର୍ଜୁନଙ୍କ ପଥରୋଧ କରିବାକୁ ପ୍ରୟାସ କରି ବିଫଳ ହେଲେ । ପୂର୍ଣ୍ଣିମା ତିଥିରେ ସମୁଦ୍ରର ଉଦବେଳନ ପରି ମହା କ୍ରୋଧରେ ସହସ୍ର ସିଂହର ପରାକ୍ରମୀ ମହାବଳଶାଳୀ ବଳରାମ ଅର୍ଜୁନଙ୍କ ସହ ଯୁଦ୍ଧ କରି ପରାସ୍ତ କରି ନପାରିବାରୁ ଭଗବାନ ଶ୍ରୀକୃଷ୍ଣ ଯୋଗମାୟାରେ ନିଜକୁ ଅର୍ଜୁନଙ୍କ ଶରୀରରେ ପ୍ରବିଷ୍ଟ କରାଇଲେ । ଅଗ୍ରଜ ନିଜର ଅନୁଜଙ୍କୁ ଅର୍ଜୁନଠାରେ ଦେଖି ଶରାସନ ତ୍ୟାଗକଲେ । ଏହି ସମୟରେ ସ୍ୱୟଂ ପ୍ରଭୁ ନିଜର ଆତ୍ମୀୟ ସ୍ୱଜନମାନଙ୍କ ସହ ସେଠାରେ ପହଞ୍ଚି ପିତା, ମାତା ଓ ତାଙ୍କର ସମ୍ମତି ଏହି ବିବାହରେ ଥିବା କଥା କହିଲେ ଏବଂ ଅଗ୍ରଜଙ୍କ ପାଦଧରି ଅର୍ଜୁନଙ୍କୁ କ୍ଷମା କରିବାକୁ ପ୍ରାର୍ଥନା କଲେ । କ୍ଷଣକୋପୀ ବଳରାମ ଯେତେ ଶୀଘ୍ର କ୍ରୋଧ କରନ୍ତି ସେତେ ଶୀଘ୍ର ମଧ ଶାନ୍ତ ହୋଇଯାଆନ୍ତି, ଏଣୁ ତାଙ୍କର କ୍ରୋଧ ଶାନ୍ତ ହେବାରୁ ସେ ଅର୍ଜୁନଙ୍କୁ ଆଲିଙ୍ଗନ କରି ବର-ବଧୂକୁ ଅନେକ ଧନସମ୍ପଦ, ବସ୍ତ୍ର ଅଳଙ୍କାର, ଚତୁରଙ୍ଗ ବଳ, ଦାସଦାସୀ ଦେଇ ସସମ୍ମାନେ ବିଦାୟ ଦେଲେ।

### ୮୮ ଅଧ୍ୟାୟ, ଭଗବାନ ଶ୍ରୀକୃଷ୍ଣଙ୍କର ବିଦେହ ରାଜ୍ୟ ଗମନ ଓ ଭକ୍ତୋଦ୍ଧାର

ଶ୍ରୀ ଶୁକଦେବ କହିଲେ ହେ ରାଜା, ବିଦେହ ରାଜ୍ୟର ରାଜଧାନୀ ମିଥିଳା ନଗରୀରେ ଜଣେ ଗୃହସ୍ଥ ବ୍ରାହ୍ମଣ ପରମ ଜ୍ଞାନୀ, ଶ୍ରୀକୃଷ୍ଣଙ୍କର ପରମ ଭକ୍ତ, ବିବେକୀ ଶ୍ରୁତଦେବ ନିର୍ଲିପ୍ତ ଜୀବନ ଯାପନ କରୁଥିଲା । ଯତ୍‌କିଞ୍ଚିତ ଭିକ୍ଷାଲବ୍ଧ ଧନରେ କୁଟୁମ୍ବ ପ୍ରତିପୋଷଣ କରି ସର୍ବଦା ହରିନାମରେ ରତ ରହୁଥିଲା । ସେହି ଦେଶର ରାଜା ବହୁଳାଶ୍ୱ ମଧ ଅନୁରୂପ ଭଗବାନ ଭକ୍ତ ଥିଲେ, କାହାରିଠାରେ ଗର୍ବ ବା ଅହଂକାର ନଥିଲା । ଉଭୟେ ଭଗବାନଙ୍କ ଭକ୍ତ । ଦିନେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ସେମାନଙ୍କୁ ଅନୁଗ୍ରହୀତ କରିବାକୁ ରଥାରୋହଣ ପୂର୍ବକ ସେଠାକୁ ଗମନ କଲେ । ଭଗବାନଙ୍କ ସହ ନାରଦ, ବାମଦେବ, ଅତ୍ରି, ବେଦବ୍ୟାସ, ପର୍ଶୁରାମ, ଅସିତ, ଆରୁଡି, ବୃହସ୍ପତି, କଣ୍ୱ, ମୈତ୍ରେୟ, ଚ୍ୟବନ ଆଦି ମହର୍ଷିଗଣ ଯାଇଥିଲେ । ମୁଁ ମଧ ତାଙ୍କ ସହ ଥିଲି । ପଥରେ ବିଦେହ ନଗରୀର ନରନାରୀମାନେ ଭଗବାନଙ୍କ ତ୍ରିଭୁବନ ମୋହନ ରୂପ ମାଧୁରୀ ଦର୍ଶନ କରି ନିଜକୁ ଧନ୍ୟ କରିବା ସହ ବିଭିନ୍ନ ପ୍ରକାର ପୂଜା ଓ ଉପହାର ପ୍ରଦାନ କରୁଥିଲେ । ସେମାନେ ପ୍ରଭୁଙ୍କୁ ଦର୍ଶନ କରି ସମସ୍ତ ପାପରୁ ମୁକ୍ତ ହେବା ସହ ଅନ୍ଧକାର ରୂପୀ ଅଜ୍ଞାନତା ନାଶ ପାଇ ଜ୍ଞାନାଲୋକ ଉଭାସିତ ହୋଇ ଉଠୁଥିଲା । ସେମାନେ ଭଗବାନଙ୍କ ଶ୍ରୀଚରଣରେ ନିଜକୁ ଅର୍ପଣ କରିବା ସହ ସମବେତ ସ୍ତୁତିପାଠ କରିବାକୁ ଲାଗିଲେ । ମିଥିଳା ନରେଶ ବହୁଳାଶ୍ୱ ଓ ବ୍ରାହ୍ମଣ ଶ୍ରୁତଦେବ ପ୍ରଭୁ ଆମ ପ୍ରତି ଅନୁଗ୍ରହ କରି ଦର୍ଶନା ଦେବାକୁ ଆସିଛନ୍ତି ବୋଲି ଜାଣି ଆନନ୍ଦରେ ଆତ୍ମହରା ହୋଇ ପ୍ରଭୁଙ୍କ ଶ୍ରୀଚରଣରେ ଲୋଟିଗଲେ ଏବଂ ନିଜ ନିଜର ଗୃହକୁ ଶୁଭାଗମନ କରିବାକୁ ସାଦରେ ନିମନ୍ତ୍ରଣ ଜଣାଇଲେ । ଭାବଗ୍ରାହୀ ଭକ୍ତ ଚିନ୍ତାମଣି ପ୍ରଭୁ ଶ୍ରୀକୃଷ୍ଣ ସେମାନଙ୍କର ନିର୍ମଳ ମନ ଜାଣି ପ୍ରତ୍ୟେକଙ୍କ ମନସ୍କାମନା ପୂର୍ଣ୍ଣ କରିଥିଲେ । ରାଜା ବହୁଳାଶ୍ୱ ଭଗବାନ ଶ୍ରୀକୃଷ୍ଣଙ୍କୁ ମୁନିମାନଙ୍କ ସହ ପରମାନନ୍ଦରେ ନିଜର ଆବାସକୁ ପାଛୋଟି ନଇେ ଶ୍ରୀଚରଣ ବନ୍‌ଗଦନା କରି ଯଥାବିଧି ପୂଜାର୍ଚ୍ଚନା କଲେ ଏବଂ ସମସ୍ତଙ୍କୁ ଉତ୍ତମ ଭୋଜନରେ ଆପ୍ୟାୟିତ କଲେ । ମୁନିମାନେ ପରମ ଆନନ୍ଦରେ ରାଜାଙ୍କୁ ଆଶୀର୍ବାଦ କଲେ । ବହୁଳାଶ୍ୱ ନିଜ ହସ୍ତରେ ଭଗବାନଙ୍କ ଶ୍ରୀଚରଣ ସେବା କରୁ କରୁ ଆନନ୍ଦରେ ବିହ୍ୱଳିତ ହୋଇ ଗଦଗଦ କଣ୍ଠରେ କହିଲେ, ପ୍ରଭୁ ତୁମର ଦର୍ଶନାଭିଳାଷୀ କଳ୍ପ ଯୋଗୀମାନେ ଯୁଗ ଯୁଗ ତପସ୍ୟା କରି ତୁମ ଦର୍ଶନ ଲାଭ କରି ପାରୁନଥିବା ସମୟରେ ଏହି ଦୀନ ଅକିଞ୍ଚନ ପ୍ରତି ଦୟାପୂର୍ବକ ମୋ ନିଜ ଗୃହରେ ଦର୍ଶନ ଦେଇ କୃତାର୍ଥ କଲ । ମୋର ଚର୍ମ ଚକ୍ଷୁ ପବିତ୍ର ହେଲା । ( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରିଙ୍ଗ

# ନିଷ୍ଠୁରଙ୍କୁ ବି ଧନ୍ୟବାଦ



ଶ୍ୱେତା ରାଉତ୍

ରେ ଖରାପ ସମୟ'ତୋତେ ଅନ୍ତରରୁ ଧନ୍ୟବାଦ ଆମକୁ ଦୁଃଖ ଦେଉଥିବାରୁ। ସବୁବେଳେ ସୁଖରେ ରହିଲେ ହୁଏତ ଆମେ ଅହଂକାରୀ ହୋଇ ଯାଆନ୍ତେ। ଅନ୍ୟ କାହାର ଦୁଃଖ ବୁଝି ପାରିନଥାନ୍ତେ। ସୁଖ ସବୁବେଳେ ବ୍ୟଭିଚାରକୁ ଜନ୍ମଦିଏ ଓ ଦୁଃଖ ସବୁବେଳେ ନମ୍ରତା ଓ କରୁଣାକୁ ଜନ୍ମଦିଏ। ସେଥିପାଇଁ ସୁଖରେ ଥିଲେ ମଣିଷ ଅୟାସୀ କରେ, ଅହଂକାର ଦେଖାଏ ଆଉ ଦୁଃଖରେ ଥିଲେ ନୀରବ ରହେ, ଇଶ୍ୱରଙ୍କ ଶରଣାପନ୍ନ ହୋଇଥାଏ। ତେଣୁ 'ରେ ଦୁଃଖ ତୁ ଜୀବନରେ ଆସି ଆମର ଅହଂକାରର ଦମନ କରିଥିବାରୁ, ଇଶ୍ୱରଙ୍କ ପ୍ରତି ଆସ୍ଥା ବଢାଇ ଥିବାରୁ ତୋତେ ଧନ୍ୟବାଦ।

ଆମଠୁ ସହଯୋଗ, ସେବା, ଶ୍ରଦ୍ଧା ପାଇ ଆମକୁ ତିରସ୍କାର ଦେଉଥିବା ବନ୍ଧୁ ପରିବାରବର୍ଗଙ୍କୁ ଧନ୍ୟବାଦ। ଏମାନେ ନଥିଲେ ହୁଏତ କଳିଯୁଗ ଜୀବନର ଯଥାର୍ଥତା ଓ ନିଜର ସୁକର୍ମ ପ୍ରତି ସଚେତନ ହେବା ଆମେ ଜାଣି ପାରିନଥାନ୍ତେ। ଏକା ବଞ୍ଚିବାର କଳା କୌଶଳ ଆମେ ଶିଖି ପାରିନଥାନ୍ତେ।

ଉନ୍ନତି ପଥରେ ଆଗକୁ ବଢୁଥିବା ବେଳେ ଆମ ଗୋଡ ଟାଣୁଥିବା ଲୋକଙ୍କୁ ବି ଧନ୍ୟବାଦ। କାରଣ ସେମାନେ ଯେତେଥର ଆମ ଗୋଡ ଟାଣି ତଳେ ପକେଇ ଦିଅନ୍ତି, ଆମେ ପାଦକୁ ଆହୁରି ଟାଣ କରିବା ଶିଖି ପାରନ୍ତି। ହାରିବା ସବୁବେଳେ ଜିତିବାର ପ୍ରଥମ ପାହାଚ। ଆମକୁ ହରାଉଥିବା ଲୋକଙ୍କଠୁ ଆମେ ଶିଖିପାରନ୍ତି ଆମ ଜିତିବାର ସଫଳତା ପାଇଁ ଅଭାବ କୋଉଠି ଅଛି ! ତେଣୁ ଆମକୁ ପଛକୁ ଠେଲି ଦେଇ ସଫଳତାର ଶୀର୍ଷ ଛୁଇଁବାକୁ ଧାଉଁଥିବା ସମସ୍ତଙ୍କୁ ଧନ୍ୟବାଦ। ସେମାନେ ପ୍ରତିଯୋଗିତାରେ ଜିତି ପାରନ୍ତି ହେଲେ ଆମେ ନୈତିକ ମୂଲ୍ୟବୋଧର ମୁକୁଟ ପିନ୍ଧିଥାନ୍ତି।

ଆମକୁ କଟୁକଥା କହି ବାରମ୍ବାର ଅପମାନ କରି ନିଚ୍ଚା ଦେଖାଉଥିବା ଆତ୍ମାମାନଙ୍କୁ ଧନ୍ୟବାଦ, ସେମାନଙ୍କ ପାଇଁ ଆମର ଧର୍ଯ୍ୟ, ସହନଶୀଳତା ବଢିଥାଏ। ଆମକୁ ଘୃଣା କରୁଥିବା ଆତ୍ମୀୟମାନଙ୍କୁ ଧନ୍ୟବାଦ କାରଣ ଯେତେବେଳେ ନିଜ ଲୋକମାନଙ୍କ ପାଇଁ ଜୀବନ ସମର୍ପିତ କଲାପରେ ପ୍ରତିବଦଳରେ ଘୃଣା, ତିରସ୍କାର ମିଳେ ସେତେବେଳେ ଆମେ ଇଶ୍ୱରଙ୍କ ଶରଣରେ ଯାଇ ସବୁ ଇଶ୍ୱରଙ୍କ ଉପରେ ଛାଡିଦିଅନ୍ତି, ଫଳରେ ଆମର ଭକ୍ତିଭାବ ବଢେ। ସ୍ୱାର୍ଥପର ହୋଇ ଆମଠୁ ଦୂରେଇ ଯାଉଥିବା ସମସ୍ତ ସମ୍ପର୍କମାନଙ୍କୁ ଧନ୍ୟବାଦ। ସେମାନଙ୍କ ପାଇଁ ଆମେ ଏକା ରହିବା,ଏକା ସଂଘର୍ଷ କରିବାର ସାହସ ଜୁଟାଇ ପାରନ୍ତି।

ଚାଲନ୍ତୁ ଭାବିନେବା ଜୀବନ ରଙ୍ଗମଞ୍ଚରେ ଆମେ ଜଣେ ଜଣେ ଅଭିନେତା। ଯେମିତି ଖଳନାୟକର ଭୂମିକା ନିର୍ବାହ କରୁଥିବା ବ୍ୟକ୍ତି ବାସ୍ତବ ଚରିତ୍ରରେ  ଖୁବ୍ ଭଲ ମଧ ହୋଇଥାନ୍ତି, ଠିକ୍ ସେମିତି ଆମ ସହିତ ନିଷ୍ଠୁର ଆଚରଣ କରୁଥିବା ବ୍ୟକ୍ତିକୁ ଭାବିନିଅନ୍ତୁ ଜୀବନ ନାଟକରେ ଖଳନାୟକ ଭାବେ ସେ କେବଳ ତାଙ୍କର ଭୂମିକା ନିର୍ବାହ କରୁଛନ୍ତି। ବାସ୍ତବରେ ତାଙ୍କ ଭିତରର ଆତ୍ମା ସବୁବେଳେ ସ୍ୱଚ୍ଛ, ପବିତ୍ର, ଶାନ୍ତିପ୍ରିୟ। ତେଣୁ ଅଯଥାରେ ସେ ଆତ୍ମା ଉପରେ ଆକ୍ରୋଶ କରି ଲାଭ କଣ ! ବରଂ ଆମକୁ ଆମ ଭୂମିକା ଉପରେ ଗୁରୁତ୍ୱ ଦେଇ ଜୀବନ ନାଟକର ହିରୋ ଭାବେ ସମ୍ମାନିତ ହେବାକୁ ଚେଷ୍ଟା କରି ସମସ୍ତଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଦେବା ଉଚିତ୍।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦




ହଳଦୀକୁ ଭାରତୀୟ ରୋଷେଇ ଘରେ ସବୁଠାରୁ ପ୍ରଥମ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ । ଏହା ତରକାରୀ ରାନ୍ଧିବାଠାରୁ ଆରମ୍ଭ କରି ସୌନ୍ଦର୍ଯ୍ୟ ଉପଚାର ପର୍ଯ୍ୟନ୍ତ ସବୁଥିରେ ବ୍ୟବହାର ହୁଏ । ତଥାପି, ବଜାରରେ ଭେଜାଲ୍ ହଳଦୀର ବେପାର  ଜୋରଦାର୍ ବୃଦ୍ଧି ପାଉଛି, ଯାହା ସ୍ୱାସ୍ଥ୍ୟ ପାଇଁ ଅତି କ୍ଷତିକାରକ । ତେଣୁ, ଅସଲି ଏବଂ ନକଲି ହଳଦୀ ମଧ୍ୟରେ ପାର୍ଥକ୍ୟ କରିବା ଗୁରୁତ୍ୱପୂର୍ଣ୍ଣ।

ଭାରତୀୟ ଘରେ ପ୍ରତ୍ୟେକ ରୋଷେଇ ଘରେ ହଳଦୀ ଥିବା ନିଶ୍ଚିତ  । ଏହାକୁ କେବଳ ଖାଦ୍ୟର ସ୍ୱାଦ ଏବଂ ରଙ୍ଗ ବୃଦ୍ଧି କରିବା ପାଇଁ ନୁହେଁ, ବରଂ ଏହାର ଔଷଧୀୟ ଗୁଣ ପାଇଁ ଖାଦ୍ୟରେ ବ୍ୟବହାର କରାଯାଏ । ଆୟୁର୍ବେଦରେ ହଳଦୀକୁ ଏକ ପ୍ରାକୃତିକ ଉପାଦାନ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ମସଲା ଭାବରେ ବିବେଚନା କରାଯାଏ । ଗତ କିଛି ଦିନ ମଧ୍ୟରେ, ସ୍ୱାସ୍ଥ୍ୟ ଅଧିକାରୀମାନେ ହଳଦୀର ଏକ ବିପୁଳ ପରିମାଣ ଜବତ କରିଛନ୍ତି, ଯାହାକୁ ଗହମ ଅଟା ଏବଂ ଚଣା ଅଟା ସହିତ ମିଶ୍ରିତ କରାଯାଇ ଏହାର ପରିମାଣ ବୃଦ୍ଧି କରାଯାଇଥିବା ଅଭିଯୋଗ ହୋଇଛି । ଅଧିକାରୀମାନେ ବିଭିନ୍ନ ସ୍ଥାନରୁ ଗୋଦାମରୁ ୨୫୦୦ କେଜି ହଳଦୀ ଜବତ କରିଛନ୍ତି ଏବଂ ପରୀକ୍ଷାଗାର ପରୀକ୍ଷା ପରେ ଏହାକୁ ଖାଇବା ପାଇଁ ଅସୁରକ୍ଷିତ ଘୋଷଣା କରିଛନ୍ତି ।

ଭେଜାଲ୍ ହଳଦୀକୁ ଦୀର୍ଘ ସମୟ ଧରି ଖାଇବା ଦ୍ୱାରା ପେଟ ସମସ୍ୟା, ଆଲର୍ଜି, ଯକୃତ କ୍ଷତି ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ ।

ତେଣୁ ଆସନ୍ତୁ ଜାଣିବା ଅସଲି ଏବଂ ନକଲି ହଳଦୀ ମଧ୍ୟରେ କିପରି ପାର୍ଥକ୍ୟ କିପରି ଜାଣିବେ...

ଅସଲି ଏବଂ ନକଲି ହଳଦୀ କିପରି ଚିହ୍ନିବେ ?

**ଏହାକୁ ହାତ ପାପୁଲିରେ ଘଷନ୍ତୁ :**
ଆପଣଙ୍କ ହାତ ପାପୁଲିରେ ଅଳ୍ପ ପରିମାଣର ହଳଦୀ ନେଇ ଘଷନ୍ତୁ । ପ୍ରକୃତ ହଳଦୀର ଏକ ପ୍ରାକୃତିକ, ମାଟିର ବାସ୍ନା ଥାଏ, ଯେତେବେଳେ ନକଲି ହଳଦୀର ଏକ ତୀବ୍ର, ଅଦ୍ଭୁତ ଏବଂ ରାସାୟନିକ ଗନ୍ଧ ହୋଇପାରେ  ।

**ଆୟୋଡିନ୍ ପରୀକ୍ଷା :**
ହଳଦୀରେ ଷ୍ଟାର୍ଚ୍ଚ ପରିମାଣ ଯାଞ୍ଚ କରିବା ପାଇଁ, କିଛି ବୁନ୍ଦା ଆୟୋଡିନ୍ ମିଶାନ୍ତୁ । ଯଦି ରଙ୍ଗ ନୀଳ କିମ୍ବା କଳା ହୋଇଯାଏ, ତେବେ ଏହା ସୂଚିତ କରେ ଯେ ଷ୍ଟର୍ଚ ମିଶାଯାଇଛି ।

**କପଡ଼ାରେ ଥିବା ଦାଗ ପରୀକ୍ଷା କରନ୍ତୁ:**
ଧଳା କପଡ଼ାରେ ଅଳ୍ପ ପରିମାଣର ହଳଦୀ ଲଗାନ୍ତୁ । ପ୍ରକୃତ ହଳଦୀ ହାଲୁକା ଦାଗ ଛାଡ଼ିପାରେ, ଯେତେବେଳେ ନକଲି ହଳଦୀରେ କୃତ୍ରିମ ରଙ୍ଗ ମିଶାଗଲେ କପଡ଼ାରେ ଗାଢ଼ ଦାଗ ପଡ଼ିପାରେ ।

**ଗୋଟା ହଳଦୀ  କିଣନ୍ତୁ:**
ବିଶେଷଜ୍ଞଙ୍କ ମତରେ ହଳଦୀ ପାଉଡର କିଣିବା ଅପେକ୍ଷା ସମ୍ପୂର୍ଣ୍ଣ ହଳଦୀ ଗୁଣ୍ଡ କିଣିବା ଅଧିକ ସୁରକ୍ଷିତ  । ଘରେ ଏହାକୁ ପେଷିବା ଦ୍ୱାରା ମିଶ୍ରଣର ଆଶଙ୍କା ନଥାଏ ।

# ସୌରଚାଳିତ ପମ୍ପସେଟ୍

ପାରମ୍ପରିକ ଶକ୍ତି ଉତ୍ସ ବ୍ୟବହାର ମହଙ୍ଗା ଏବଂ ଅନେକ ସମୟରେ ସମୟ ସାପେକ୍ଷ ହେଉଥିବାରୁ କୃଷକମୋନେ ସମ୍ପ୍ରତି ସୌରଶକ୍ତି ବ୍ୟବହାର କରିବାକୁ ଅଧିକ ପସନ୍ଦ କରୁଛନ୍ତି। ବିଶେଷକରି ଚଳିତ ଗ୍ରୀଷ୍ମ ଋତୁରେ ଜଳସ୍ତର ହ୍ରାସ ପାଇବା ସହିତ ବିଦ୍ୟୁତ୍ ଶକ୍ତି ନିଅଣ୍ଟ ହେଉଥିବା ପରିପ୍ରେକ୍ଷୀରେ ମହାରାଷ୍ଟ୍ରର ବିଜୟପୁରା ଜିଲ୍ଲାର କୃଷକମାନେ ଅଧିକ ସଂଖ୍ୟାରେ ସୌରଶକ୍ତି ଚାଳିତ ପମ୍ପସେଟ୍ ବ୍ୟବହାର କରୁଛନ୍ତି। ବିଶେଷକରି ଉଦ୍ୟାନକୃଷିର ନିୟୋଜିତ କୃଷକମାନେ ଏବେ ଏଭଳି ପମ୍ପସେଟକୁ ଅଧିକ ପସନ୍ଦ କରୁଛନ୍ତି। ଏହି ଉଦ୍ୟାନକୃଷି ଚାଷୀମାନେ ମୁଖ୍ୟତ। ଲେମ୍ବୁ, ଅଙ୍ଗୁର ଏବଂ ଡାଳିମ୍ବ ଚାଷ କରୁଛନ୍ତି। ସେମାନେ ଏଥିପାଇଁ ନିରବଚ୍ଛିନ୍ନ ଜଳ ଯୋଗାଣ ଆବଶ୍ୟକ କରୁଛନ୍ତି। ପାଣି ଯଥେଷ୍ଟ ନହେଲେ ଗଛ ମରିଯିବାର ଆଶଙ୍କା ରହିଛି। ସେମାନଙ୍କୁ ନୂଆ ଚାରା ଲଗାଇବାକୁ ହେଲେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ଏବଂ ସେଥିରେ ଫଳ ଧରିବାକୁ ଅନ୍ୟୁନ ତିନିବର୍ଷ ଲାଗିଯିବ ବୋଲି ଜଣେ ଅଙ୍ଗୁର ଚାଷୀ ମହନ୍ତେଶ ଚୌହାନ କହିଛନ୍ତି। ଏଭଳି ପରିସ୍ଥିତିରେ ବାରମ୍ବାର ବିଦ୍ୟୁତ କାଟ ହେଉଥିବାରୁ ଚାଷୀମାନେ ସୌରଚାଳିତ ପମ୍ପସେଟ ବ୍ୟବହାରର କରିବା ଆରମ୍ଭ କରିଥିଲେ। ସୌରଚାଳିତ ପମ୍ପସେଟ ସେମାନଙ୍କୁ ୮ଘଣ୍ଟା ନିରବଚ୍ଛିନ୍ନ ଶକ୍ତି ଯୋଗାଣ ସହିତ ପାଣି ଯୋଗାଉଛି। ପୂର୍ବରୁ ସୋମନେ ତିନି ଫେଜ ବିଦ୍ୟୁତ ଲାଇନରୁ ମାତ୍ର ୩ ରୁ ୪ଘଣ୍ଟା ବିଦ୍ୟୁତ ଶକ୍ତି ପାଉଥିଲେ ଏବଂ ସେଥିପାଇଁ ସେମାନଙ୍କୁ ଜଗି ରହି ପାଣି ମଡ଼ାଇବାକୁ ପଡୁଥିଲା। ଅନେକ ସମୟରେ ତାହା ସେମାନଙ୍କ ଚାହିଦା ମେଣ୍ଟାଇ ପାରୁନଥିଲା। ଏବେ ସେମାନେ ନିଜ ସୁବିଧା ସମୟରେ ପାଣି ମଡ଼ାଉଛନ୍ତି।



ଧ୍ୱନି ପ୍ରତିଧ୍ୱନି

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଊର୍ଦ୍ଧ୍ୱଗାମୀ ଖୁଚୁରା ମୁଦ୍ରାସ୍ଫୀତି

ସାମ୍ପ୍ରତିକ ଅର୍ଥନୈତିକ ପରିଦୃଶ୍ୟରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି । କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ, ଏପ୍ରିଲ ୨୦୨୬ ମାସରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ବା କନଜ୍ୟୁମର ପ୍ରାଇସ ଇଣ୍ଡେକ୍ସ ୩.୪୮ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ମାର୍ଚ୍ଚ ମାସରେ ୩.୪୦ ପ୍ରତିଶତ ରହିଥିଲା । ଜାନୁଆରୀ ୨୦୨୬ ରୁ ସରକାର ନୂତନ ଆଧାର ବର୍ଷ ୨୦୨୪ ସହିତ ଏକ ନୂଆ ସାମଗ୍ରୀ ବାସ୍କେଟ୍ ଲାଗୁ କରିଛନ୍ତି, ଯାହା ଆଧାରରେ ଏହି ତଥ୍ୟ ପ୍ରକାଶ ପାଇଛି । ଯଦିଓ ଏହି ୩.୪୮ ପ୍ରତିଶତ ଆକଳନ ଭାରତୀୟ ରିଜର୍ଭ ବ୍ୟାଙ୍କର ଧାର୍ଯ୍ୟ ଲକ୍ଷ୍ୟ ୪ ପ୍ରତିଶତ ତଳେ ରହିଛି, ତଥାପି ଗତ କିଛି ମାସର ନିମ୍ନମୁଖୀ ଧାରା ପରେ ଏହାର ଊର୍ଦ୍ଧ୍ୱଗାମୀ ପ୍ରବୃତ୍ତି ଅର୍ଥନୀତିଜ୍ଞମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । କେବଳ ଗୋଟିଏ ସାଧାରଣ ସଂଖ୍ୟା ଭାବରେ ଏହାକୁ ବିଚାର କଲେ ଏହାର ପ୍ରକୃତ ଗମ୍ଭୀରତା ଉପଲବ୍ଧି କରିହେବ ନାହିଁ । ଏକ ବିକାଶଶୀଳ ଅର୍ଥନୀତିରେ ମୁଦ୍ରାସ୍ଫୀତିର ସାମାନ୍ୟ ପରିବର୍ତ୍ତନ ମଧ୍ୟ ଲକ୍ଷ ଲକ୍ଷ ପରିବାରର କ୍ରୟ କ୍ଷମତା ଏବଂ ଜୀବନଧାରଣ ମାନକୁ ସିଧାସଳଖ ପ୍ରଭାବିତ କରିଥାଏ । ଖାଦ୍ୟପେୟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ସାଧାରଣ ଖାଉଟିଙ୍କ ବଜେଟ୍ ଉପରେ ଗଭୀର ପ୍ରଭାବ ପକାଉଥିବାରୁ ଏହି ଆକଳନର ଅନ୍ତର୍ନିହିତ ତଥ୍ୟକୁ ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରିବା ନିହାତି ଆବଶ୍ୟକ ଅଟେ ।

ମୁଦ୍ରାସ୍ଫୀତିର ଏହି ଆକଳନକୁ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଭିତ୍ତିରେ ବିଭକ୍ତ କରି ଦେଖିଲେ ଏକ ସ୍ପଷ୍ଟ ଆର୍ଥିକ ଅସମାନତା ପରିଲକ୍ଷିତ ହୁଏ । ଏପ୍ରିଲ ମାସରେ ଗ୍ରାମାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ହାର ୩.୭୪ ପ୍ରତିଶତ ରହିଥିବା ବେଳେ ସହରାଞ୍ଚଳରେ ଏହା ୩.୧୬ ପ୍ରତିଶତ ରେକର୍ଡ କରାଯାଇଛି । ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ବା କନଜ୍ୟୁମର ଫୁଡ୍ ପ୍ରାଇସ୍ ଇଣ୍ଡେକ୍ସର ସବିଶେଷ ବିଶ୍ଳେଷଣ କଲେ ସ୍ଥିତି ଆହୁରି ସ୍ପଷ୍ଟ ହୋଇଥାଏ । ମାର୍ଚ୍ଚ ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ୩.୮୭ ପ୍ରତିଶତ ଥିବା ବେଳେ ଏପ୍ରିଲରେ ଏହା ୪.୨୦ ପ୍ରତିଶତକୁ ବୃଦ୍ଧି ପାଇଛି । ଗ୍ରାମାଞ୍ଚଳର ଖାଦ୍ୟ ମୁଦ୍ରାସ୍ଫୀତି ୪.୨୬ ପ୍ରତିଶତ ରହିଥିବା ବେଳେ ସହରାଞ୍ଚଳରେ ଏହା ୪.୧୦ ପ୍ରତିଶତ ରହିଛି । ଏହି ବୃଦ୍ଧି ପଛରେ ପନିପରିବା ଦରର ଏକ ପ୍ରମୁଖ ଭୂମିକା ରହିଛି । ଗୋଟିଏ ପଟେ ଟମାଟୋ ଦରରେ ବାର୍ଷିକ ୩୫.୨୮ ପ୍ରତିଶତର ଅହେତୁକ ବୃଦ୍ଧି ଘଟିଥିବା ବେଳେ ଅନ୍ୟ ପଟେ ଆଳୁ ଦର ୨୩.୬୯ ପ୍ରତିଶତ ଏବଂ ପିଆଜ ଦର ୧୭.୬୭ ପ୍ରତିଶତ ହ୍ରାସ ପାଇବା ଭାରତୀୟ କୃଷି ବଜାରର ଅସଂଗଠିତ ସ୍ୱରୂପକୁ ଦର୍ଶାଉଛି । ଗ୍ରାମାଞ୍ଚଳରେ ଲୋକଙ୍କ ଆୟ କମ୍ ଥିଲେ ମଧ୍ୟ ପରିବହନ ଖର୍ଚ୍ଚ, ଉପଯୁକ୍ତ ଶୀତଳ ଭଣ୍ଡାର ଅଭାବ ଏବଂ ଯୋଗାଣ ଶୃଙ୍ଖଳରେ ଥିବା ତ୍ରୁଟି ଯୋଗୁଁ ସେଠାରେ ଦରଦାମ ବୃଦ୍ଧିର ପ୍ରଭାବ ଅଧିକ ଅନୁଭୂତ ହେଉଛି । ଆଗାମୀ ଦିନରେ ଏଲ୍ ନିନୋ ପ୍ରଭାବରେ ମୌସୁମୀ ବର୍ଷା ବାଧାପ୍ରାପ୍ତ ହେବାର ଆଶଙ୍କା ଥିବାରୁ କୃଷି ଉତ୍ପାଦନ ଆହୁରି ପ୍ରଭାବିତ ହୋଇପାରେ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି । କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ବରଂ ଅଣ-ଖାଦ୍ୟ କ୍ଷେତ୍ରରେ ମଧ୍ୟ ମୂଲ୍ୟ ବୃଦ୍ଧିର ଚିତ୍ର ଉଦ୍‌ବେଗଜନକ ରହିଛି । ବ୍ୟକ୍ତିଗତ ଯତ୍ନ ଏବଂ ବିବିଧ ସାମଗ୍ରୀ ବର୍ଗରେ ସର୍ବାଧିକ ୧୭.୬୬ ପ୍ରତିଶତ ମୁଦ୍ରାସ୍ଫୀତି ରେକର୍ଡ କରାଯାଇଛି । ଏହାର ମୁଖ୍ୟ କାରଣ ହେଉଛି ମୂଲ୍ୟବାନ ଧାତୁ ଦରରେ ଘଟିଥିବା ଐତିହାସିକ ବୃଦ୍ଧି । ଏପ୍ରିଲ ମାସରେ ରୂପା ଅଳଙ୍କାର ଦରରେ ୧୪୪.୩୪ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ସୁନା, ହୀରା ଏବଂ ପ୍ଲାଟିନମ୍ ଅଳଙ୍କାର ଦରରେ ୪୦.୭୨ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ କୋର୍ ଇନଫ୍ଲେସନ୍ ବା ମୂଳ ମୁଦ୍ରାସ୍ଫୀତି, ଯେଉଁଥିରେ ଖାଦ୍ୟ ଏବଂ ଇନ୍ଧନ ସାମିଲ ନଥାଏ, ତାହା ୩.୩ ରୁ ୩.୪ ପ୍ରତିଶତ ମଧ୍ୟରେ ସୀମିତ ରହିଛି, ଯାହାକି ଘରୋଇ ବଜାରରେ ଚାହିଦା ସ୍ଥିର ଥିବାର ସୂଚନା ଦେଉଛି । ତଥାପି, ଅଳଙ୍କାର ଏବଂ ବ୍ୟକ୍ତିଗତ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦର ସାଧାରଣ ମଧ୍ୟବିତ୍ତ ପରିବାରର ବଜେଟକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇ ଦେଇଛି ।

ବିଶ୍ୱସ୍ତରୀୟ ଶକ୍ତି ବଜାର ଏବଂ ଭୂ-ରାଜନୈତିକ ଉତ୍ତେଜନା ବର୍ତ୍ତମାନ ଭାରତୀୟ ଅର୍ଥନୀତି ପାଇଁ ସବୁଠାରୁ ବଡ଼ ବିପଦ ସାଜିଛି । ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଲଗାଇଥିବା ଯୁଦ୍ଧ ଏବଂ ଏହା ଯୋଗୁଁ ଉତ୍ପନ୍ନ ମଧ୍ୟପ୍ରାଚ୍ୟ ସଙ୍କଟ ଅଧିକ ଗୁରୁତର ପରିସ୍ଥିତି ସୃଷ୍ଟି କରିଛି । ଏହି ସଂଘର୍ଷ କାରଣରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାର ଉପରେ ରହିଛି । ଆଶ୍ୱସ୍ତିର କଥା ହେଉଛି, ଏପ୍ରିଲ ମାସରେ ଭାରତରେ ପରିବହନ ମୁଦ୍ରାସ୍ଫୀତି ବିଯୁକ୍ତ ଶୂନ ଦଶମିକ ଶୂନ ଏକ (-୦.୦୧) ପ୍ରତିଶତ ରହିଛି । ସରକାର ପେଟ୍ରୋଲ ଏବଂ ଡିଜେଲ ଦରକୁ ସ୍ଥିର ରଖିଥିବାରୁ ଏହା ସମ୍ଭବ ହୋଇପାରିଛି । କିନ୍ତୁ ଅର୍ଥନୀତିଜ୍ଞମାନଙ୍କ ମତରେ ଏହି ସ୍ଥିରତା ଅଧିକ ଦିନ ବଜାୟ ରହିବା କଷ୍ଟକର ଅଟେ । ଯଦି ଆଗାମୀ ଦିନରେ ତୈଳ କମ୍ପାନୀମାନେ ପେଟ୍ରୋଲ ଏବଂ ଡିଜେଲ ଦର ଲିଟର ପିଛା ୫ ଟଙ୍କା ମଧ୍ୟ ବୃଦ୍ଧି କରନ୍ତି, ତେବେ ଏହାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ପ୍ରଭାବ ଯୋଗୁଁ ସାମଗ୍ରିକ ମୁଦ୍ରାସ୍ଫୀତି ହାର ବହୁମାତ୍ରାରେ ବଢ଼ିଯିବ । ତୈଳ ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଇଲେ ଦେଶର ଚଳିତ ଖାତା ନିଅଣ୍ଟ ବଢ଼ିବା ସହ ଟଙ୍କାର ମୂଲ୍ୟ ମଧ୍ୟ ହ୍ରାସ ପାଇବାର ଆଶଙ୍କା ରହିଛି, ଯାହାକି ଭାରତ ଭଳି ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଆମଦାନୀକାରୀ ଦେଶ ପାଇଁ ଏକ ବଡ଼ ସମସ୍ୟା ଅଟେ ।

ଭାରତୀୟ ରିଜର୍ଭ ବ୍ୟାଙ୍କ ପାଇଁ ଏହି ପରିସ୍ଥିତି ଏକ କଠିନ ଆହ୍ୱାନ ସୃଷ୍ଟି କରିଛି । ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟି ମୁଦ୍ରାସ୍ଫୀତିକୁ ଦୀର୍ଘମିଆଦୀ ଭିତ୍ତିରେ ୪ ପ୍ରତିଶତରେ ସୀମିତ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଆରବିଆଇର ପୂର୍ବାନୁମାନ ଅନୁଯାୟୀ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ମୁଦ୍ରାସ୍ଫୀତି ୪ ପ୍ରତିଶତ, ଦ୍ୱିତୀୟ ତ୍ରୈମାସିକରେ ୪.୪ ପ୍ରତିଶତ ଏବଂ ତୃତୀୟ ତ୍ରୈମାସିକରେ ସର୍ବାଧିକ ୫.୨ ପ୍ରତିଶତ ରହିବାର ଆକଳନ କରାଯାଇଛି । ବର୍ତ୍ତମାନର ୩.୪୮ ପ୍ରତିଶତ ହାର ଲକ୍ଷ୍ୟ ତଳେ ଥିଲେ ସୁଦ୍ଧା, ଇରାନ ଯୁଦ୍ଧ ଏବଂ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ଭଳି ଯୋଗାଣ ଜନିତ ସମସ୍ୟା କେନ୍ଦ୍ରୀୟ ବ୍ୟାଙ୍କକୁ ସତର୍କ କରାଇ ଦେଇଛି । ଭବିଷ୍ୟତର ବିପଦକୁ ଆଖିଆଗରେ ରଖି ରିଜର୍ଭ ବ୍ୟାଙ୍କ ଜୁନ୍ ମାସର ନୀତିଗତ ସମୀକ୍ଷାରେ ସୁଧ ହାର ବା ରେପୋ ରେଟ୍ କମାଇବାର ସମ୍ଭାବନା ଅତ୍ୟନ୍ତ କ୍ଷୀଣ । ବରଂ ପରିସ୍ଥିତି ଅଣାୟତ୍ତ ହେଲେ ଅକ୍ଟୋବର ମାସ ବେଳକୁ ସୁଧ ହାର ବୃଦ୍ଧି କରିବାର ଆଶଙ୍କା ସୃଷ୍ଟି ହୋଇଛି । ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଭଳି ଦୁଇଟି ବିପରୀତମୁଖୀ ଦିଗ ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ବର୍ତ୍ତମାନ ଏକ କଠିନ ପରୀକ୍ଷା ହୋଇଛି । ଦୀର୍ଘ ଦିନ ଧରି ଉଚ୍ଚ ସୁଧ ହାର ବଜାୟ ରହିଲେ ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଋଣ ମହଙ୍ଗା ହେବ, ଯାହା ନୂତନ ନିବେଶ ଏବଂ ନିଯୁକ୍ତି ସୃଷ୍ଟିକୁ ବାଧାପ୍ରାପ୍ତ କରିବ ।

ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେବଳ ମୁଦ୍ରାନୀତି ଉପରେ ନିର୍ଭର କରିବା ଯଥେଷ୍ଟ ନୁହେଁ, ବରଂ ସରକାରଙ୍କ ପକ୍ଷରୁ ଦୃଢ଼ ଆର୍ଥିକ ନୀତି ଏବଂ ସଂରଚନାଗତ ସଂସ୍କାରର ଆବଶ୍ୟକତା ରହିଛି । କୃଷି କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ, ଜଳସେଚନ ବ୍ୟବସ୍ଥାର ଉନ୍ନତିକରଣ ଏବଂ ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର ପ୍ରତିଷ୍ଠା ଦିଗରେ ବ୍ୟାପକ ପୁଞ୍ଜି ନିବେଶ କରାଯିବା ଉଚିତ । ଏଥି ସହିତ କଳାବଜାରୀ ଏବଂ ମଧ୍ୟସ୍ଥିମାନଙ୍କର ଅନୁଚିତ ହସ୍ତକ୍ଷେପକୁ ରୋକିବା ପାଇଁ ଯୋଗାଣ ଶୃଙ୍ଖଳକୁ ଅଧିକ ସ୍ୱଚ୍ଛ ତଥା ପ୍ରଭାବଶାଳୀ କରିବା ଜରୁରୀ ଅଟେ । ଅନ୍ତର୍ଜାତୀୟ ବଜାରର ଅସ୍ଥିରତା ବିଶେଷକରି ମଧ୍ୟପ୍ରାଚ୍ୟ ସଙ୍କଟକୁ ମୁକାବିଲା କରିବା ପାଇଁ ଦେଶର ଶକ୍ତି ନିରାପତ୍ତା ଏବଂ ନବୀକରଣଯୋଗ୍ୟ ଶକ୍ତି ଉତ୍ସର ବିକାଶ ଉପରେ ଜୋର ଦେବାକୁ ପଡ଼ିବ । ସାମଗ୍ରିକ ଆକଳନ ସରକାରୀ ନିୟନ୍ତ୍ରଣରେ ଥିବା ଭଳି ମନେ ହେଉଥିଲେ ସୁଦ୍ଧା, ବଜାରରେ ଦେଖାଦେଇଥିବା ଖାଦ୍ୟ ଓ ଅଳଙ୍କାର ଦରବୃଦ୍ଧି ଏବଂ ବିଶ୍ୱସ୍ତରୀୟ ତୈଳ ସଙ୍କଟ ଏକ ସତର୍କ ଘଣ୍ଟି ସଦୃଶ ଅଟେ । ଯେପର୍ଯ୍ୟନ୍ତ ସାଧାରଣ ଖାଉଟିର କ୍ରୟ କ୍ଷମତା ସୁରକ୍ଷିତ ନରହିଛି ଏବଂ ମୌଳିକ ଆବଶ୍ୟକତାଗୁଡ଼ିକ ସୁଲଭ ମୂଲ୍ୟରେ ଉପଲବ୍ଧ ନହୋଇଛି, ସେପର୍ଯ୍ୟନ୍ତ କୌଣସି ବିକାଶମୂଳକ ଆକଳନ ବା ଜିଡିପି ଅଭିବୃଦ୍ଧି ପ୍ରକୃତ ଅର୍ଥରେ ସଫଳ ବୋଲାଯାଇପାରିବ ନାହିଁ ।

# ଉଚ୍ଚାରଣ ଏବଂ ଆଚରଣରେ ପାର୍ଥକ୍ୟ କାହିଁକି ?



## ବିଷ୍ଣୁ ପ୍ରସାଦ ଦାସ

ମନରେ ଅସମାହିତ ପ୍ରଶ୍ନ ଉଠେ ଯାହାର ଉତ୍ତର ଖୋଜି ବାହାର କରିବା କଷ୍ଟକର ବ୍ୟାପାର। ଆମେ ଯଦି ରାଜନୀତି ଆଡ଼କୁ ଯିବା ତେବେ.... ଯେଉଁମାନେ ଦିବା ସ୍ୱପ୍ନ ଦେଖାଇ ଜନତାଙ୍କ ଭୋଟ୍ ପାଇ ନିର୍ବାଚିତ ହେଲେ, ସେମାନେ ଆମ ନେତା ଆମ ସେବକ ଭାବେ ନିଜକୁ ପ୍ରତିପାଦିତ କଲେ । ଯଦିଓ ତାହା ଶତ ପ୍ରତିଶତ ସତ୍ୟ ନୁହେଁ, କେବଳ ଛଳନା ବୋଲି ଜନତା ଅନୁଭବ କରୁଛନ୍ତି । ସେମନେ ଦଳୀୟ ବହୁମତରେ ଶାସନ ଗାଦିରେ ଅଧିଷ୍ଠିତ ହେଲେ, ସରକାର୍ ଗଢ଼ିଲେ ଏବଂ ସବୁ ପ୍ରତିଶ୍ରୁତି ଭୂଲିଗଲେ । ବୁଝି ହୁଏନା ଗଣତନ୍ତ୍ର ଶାସନରେ ସେମାନଙ୍କ ଉଚ୍ଚାରଣ ଏବଂ ଆଚରଣ ଅଲଗା କାହିଁକି ହୋଇ ଯାଉଛି ? ଜନତା କାହିଁକି ପ୍ରବଞ୍ଚନାର ଶୀକାର ହେଉଛନ୍ତି ? ଟିକସ ଉପରେ ଟିକସ ଦେଇ ଦେଇ ନୟାନ୍ତ ହେଉଛନ୍ତି ? ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ ଆକାଶ ଛୁଆଁ କାହିଁକି ହୋଇ ଯାଉଛି ? ଶିକ୍ଷା ସ୍ୱାସ୍ଥ୍ୟ ପାନୀୟ ଜଳର ସୁପରିଚାଳନା ପାଇଁ ଆଉ କେତେ ବର୍ଷ ଆମକୁ ଅପେକ୍ଷା କରିବାକୁ ପଡିବ ? ସରକାର୍ ବଦଳେ, ଦଳ ବଦଳେ କିନ୍ତୁ ଜନତା ଯଥା ପୂର୍ବଂ ତଥା ପରଂ ସରକାରୀ ନିୟମ କାନୁନ୍ ଭିତରେ ପେଶୀ ହୋଇ ଯାଏ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ... ଜନତାଙ୍କ ପାଇଁ, ଜନତାଙ୍କ ଦ୍ୱାରା, ଜନତାଙ୍କର ସରକାର୍ ଏବେ ଓଲଟା ହୋଇ ଯାଇଛି । କିଛି ଦିନ ପୂର୍ବରୁ ଭାରତର ୫ ଗୋଟି ରାଜ୍ୟରେ ନିର୍ବାଚନ ହେଲା। ବିଭିନ୍ନ ରାଜନୈତିକ ଦଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଲୋଭନୀୟ ଯୋଜନା ଗୁଡିକର ସୁନେଲି ସ୍ୱପ୍ନ ଦେଖାଇ ଭୋଟ୍ ନେଇ ଗଲେ। କିଛି ରାଜ୍ୟ କିଛି ମାତ୍ରାରେ ପ୍ରତିଶ୍ରୁତି ପାଳନ କରୁଛନ୍ତି ବୋଲି ବହୁଳ ପ୍ରଚାରିତ ହେଉଛି । ତେବେ ସତ୍ୟାସତ୍ୟ ଜାଣିବାକୁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡିବ। ତେବେ କଥା ଉଠେ ପ୍ରତିଶ୍ରୁତି ପାଳନ ପାଇଁ ଅର୍ଥ କେଉଁଠୁ ଆସିବ ? ଦଳୀୟ ପାଣ୍ଠିରୁ ନା ରାଜକୋଷରୁ ? ପରୋକ୍ଷରେ ଜନତାଙ୍କ ଟିକସ ଟଙ୍କା ଜନତାଙ୍କୁ ଦେଇ ସମ୍ପୃକ୍ତ ଦଳ କାହିଁକି ବାଃ ବାଃ ନେବ ? ମେଣ୍ଢାଙ୍କ ଲୋମ ନେଇ ସେଥିରୁ କମ୍ବଳ ତିଆରି କରି ମେଣ୍ଢାଙ୍କୁ ବାଣ୍ଟିବା ପରି କଥା ହେଲା । ଯେଉଁ ରାଜ୍ୟରେ ପ୍ରତିଦିନ ଲୁଣ, ଲଙ୍କା, ପିଆଜ ଦେଇ ପଖାଳ ଗରିବ ଆଦିବାସୀ ଖଟିଖିଆ ଖାଆନ୍ତି ସେହି ରାଜ୍ୟରେ ପଖାଳ ଦିବସ ଶତାଧିକ କୋଟି ଟଙ୍କା ବିନିମୟରେ ପାଳିତ ହୋଇ ଯାଇଛି। ମାଛ ମାଂସ ଛଅ ତିଅଣ ନଅ ଭଜା ସହିତ ବାତାନୁକୁଳିତ୍ ତାରକା ହୋଟେଲରେ ଭିଆଇପି ମାନଙ୍କ ସମାଗମ ନିଶ୍ଚିତ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ ବୋଲି ଧରି ନେବାକୁ ହେବ । ଯେଉଁ ରାଜ୍ୟରେ ମା' ଭଉଣୀ ମାନେ ଗରା, ହାଣ୍ଡି ମାଠିଆ ମୁଣ୍ଡେଇ ପାନୀୟ ଜଳ ପାଇଁ ମାଇଲ୍ ମାଇଲ୍ ବାଟ ଯାଆନ୍ତି ସେହି ରାଜ୍ୟରେ ଦଳୀୟ ପ୍ରଚାର ପାଇଁ, ପ୍ରୋଟୋକଲ ପାଇଁ, କେନ୍ଦ୍ରକୁ ସନ୍ତୁଷ୍ଟି ପାଇଁ, କୋଟି କୋଟି ଟଙ୍କାର ଅପବ୍ୟୟ ହୁଏ। ଦେଶର ମୁଖିଆ ଖୁବ୍ ଭାବ ବିହ୍ୱଳ ହୋଇ ଭାଷଣ ଦିଅନ୍ତି, କୁମ୍ଭୀର କାନ୍ଦଣା କାନ୍ଦନ୍ତି, ଖର୍ଚ୍ଚ କାଟ ପାଇଁ ଅନୁରୋଧ କରନ୍ତି। କରୋନା ମହାମାରୀ ସମୟ ପରି ଜୀବନ ନିର୍ବାହ କରିବାକୁ ଉପଦେଶ ଦିଅନ୍ତି । ସ୍ୱର୍ଣ୍ଣ ଅଳଙ୍କାର କ୍ରୟ କରିବାକୁ, ବିଦେଶ ଭ୍ରମଣ, ନିଜସ୍ୱ କାର ଚଢ଼ିବାକୁ, ତୈଳ ଖର୍ଚ୍ଚ କରିବାକୁ ବାରଣ କରନ୍ତି । ଦେଶର ଆର୍ଥିକ ପରିସ୍ଥିତି ଅଣାୟତ୍ତ ହେବାରୁ ବୋଧହୁଏ ମାନ୍ୟବର ଏପରି ନିର୍ଣ୍ଣୟ ନେଉଛନ୍ତି। ମାନ୍ୟବରଙ୍କ କଥାର ଯଥାର୍ଥତା ଉପଲବ୍ଧି କରିବାର ସମୟ ଆସିଛି ଏଥିରେ କୌଣସି ସନ୍ଦେହ ନାହିଁ। ତେବେ ପୁନଶ୍ଚ ମନରେ ପ୍ରଶ୍ନ ଉଠେ ଏହା କ'ଣ ତାଙ୍କ ପ୍ରତି, ତାଙ୍କ ମନ୍ତ୍ରୀମଣ୍ଡଳ ପ୍ରତି, ଭିଆଇପି ମାନଙ୍କ ପ୍ରତି, ସରକାରୀ ବାବୁ ମାନଙ୍କ ପ୍ରତି ଲାଗୁ ହେବ ନା କେବଳ ସଧାରଣ ଜନତାଙ୍କ ପାଇଁ ଲାଗୁ ହେବ ? ? ମାନ୍ୟବର ନିଶ୍ଚିତ ଭାବରେ ଅବଗତ ଥିବେ, ସରକାରୀ ଅର୍ଥରୁ କେତେ ଶହ କୋଟି ଟଙ୍କା ର୍ନିବାଚନ ପାଇଁ ଖର୍ଚ୍ଚ ହୋଇଛି ? ମୁଖିଆଙ୍କ ସହିତ ଅନ୍ୟ ମନ୍ତ୍ରୀ, ଯନ୍ତ୍ରୀ ବାବୁ ମାନେ ଦଳୀୟ ପ୍ରଚାର ପାଇଁ କେତେ କୋଟିର ତୈଳ ବିମାନ, ମୋଟର ଗାଡ଼ି ନିମନ୍ତେ ଖର୍ଚ୍ଚ କରିଦେଲେ ? ରାଜ୍ୟ ସାରା ଦଳୀୟ ପତାକା ବାନ୍ଧି ସହରର ସୌନ୍ଦର୍ଯ୍ୟକୁ ନଷ୍ଟ କରିଦେଲେ । କେତେ ହିଂସା ଜନିତ ଜୀବନ ହାନୀ ହେଲା ? ସରକାର୍ ଅନ୍ୟାୟ ଅତ୍ୟାଚାରକୁ ପରୋକ୍ଷ ତଥା ପ୍ରତ୍ୟକ୍ଷ ଭାବେ କିପରି ଅନୁମତି ଦେଲେ ?

ସତ କହିବାକୁ ଗଲେ କାହାରି ଆଚରଣ ଏବଂ ଉଚ୍ଚାରଣ ଭିତରେ ସାମଞ୍ଜସ୍ୟତା ଦେଖିବାକୁ ମିଳେ ନାହିଁ। ମିଥ୍ୟା ଆଭିଜାତ୍ୟର ଦ୍ୱାହି ଦେଇ, ସୁରକ୍ଷାର ଦ୍ୱାହି ଦେଇ ଦେଶବାସୀଙ୍କୁ ଅଣ ଦେଖା କରାଯାଉଛି । ଦେଶବାସୀ କର୍ମରେ ବିଶ୍ୱାସ ରଖନ୍ତି ଭାଷଣରେ ନୁହେଁ କିମ୍ବା ମାଗଣା ପାଇବା ଆଶାରେ ନୁହେଁ। ଜନହିତକର କାର୍ଯ୍ୟ ବଦଳରେ ସାଗର ଗର୍ଭକ ଭାଷଣ ଦେଇ ନେତା ମାନେ କ'ଣ ପ୍ରମାଣିତ କରିବାକୁ ଚାହାଁନ୍ତି ? ରାତାରାତି ରୋମ୍ ନଗର ଗଢ଼ି ଦେବେ ନା ରାମ ରାଜ୍ୟର ସବୁ ସୁବିଧା ଯୋଗାଇ ଦେବେ ? ସ୍ଥିର ସରକାର୍ ମାନେ ନୁହେଁ ଯେ, ଜନତାଙ୍କୁ ପ୍ରତାରଣା କରୁଥିବା ସଫଳ ସରକାର୍ । ଗାଦି ଲୋଭ ତଥା ନିଜର ଦୋଷ ଦୁର୍ବଳତା ଏଡାଇ କିଛି ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ତୁଷ୍ଟ କରିବା ସରକାରଙ୍କ ପ୍ରଧାନ କାର୍ଯ୍ୟ ହୋଇଛି । ଆଫ୍ରିକା ମହାଦେଶର ଅନୁନ୍ନତ ଦେଶ ଠାରୁ ମଧ ଅସହାୟ, ଅବସ୍ଥାରେ ଆମ ଦେଶର ଅନେକ ସ୍ଥାନ ରହିଛି । ସାମାନ୍ୟ ପୋଲଟିଏ ନାହିଁ, ପିଲା ପାଣିରେ ପଶି ସ୍କୁଲ୍ ଯାଉଛନ୍ତି। ପୃଷ୍ଟିକର ଖାଦ୍ୟ ଅଭାବରୁ ଶିଶୁ ମୃତ୍ୟୁ ହେଉଛି, ଆସନ୍ନ ପ୍ରସବା ମହିଳା ଚିକିତ୍ସା ଅଭାବରୁ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ଅନେକ ଉପାନ୍ତ ଅଞ୍ଚଳରେ ଗମନା ଗମନର ସୁବିଧା ସୁଯୋଗ ଉପଲବ୍ଧ ହେଉ ନାହିଁ । ପ୍ରକୃତ ହିତାଧିକାରୀ ମାନେ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି । ଅତ୍ୟାବଶ୍ୟକୀୟ ସାମଗ୍ରୀ, ଔଷଧର ଆକାଶ ଛୁଆଁ ଦର ବୃଦ୍ଧି ଉପରେ ନିୟନ୍ତ୍ରଣ ରଖିବା କ'ଣ ସରକାରଙ୍କ ଦାୟିତ୍ୱ ନୁହେଁ? ସ୍ୱର୍ଣ୍ଣ କିଣିବା ଉପରେ ବାରଣ ଯଥାର୍ଥ, ତେବେ ସ୍ୱର୍ଣ୍ଣ କିଏ କିଣୁଥିଲେ ? ଗରିବ ଖଟିଖିଆ ନା ପଇସା ବାଲା ? ସ୍ୱର୍ଣ୍ଣ କ୍ରୟ ଉପରେ ବିକ୍ରୀ କର ବଢ଼ାଇ ଦିଅନ୍ତୁ ? ପେଟ୍ରୋଲ କିଏ ବେଶି ଖର୍ଚ୍ଚ କରୁଛନ୍ତି ? ଅଶି ଭାଗ ଲୋକ ଦୁଇବେଳା ପେଟ ପୂରାଇ ଖାଇବା କଷ୍ଟ ହୋଇ ଯାଉଛି ବାକି କୋଡ଼ିଏ ଭାଗ ଲୋକ ଦେଶର ଶତ୍ରୁ ପରି ଅଯଥା ଖର୍ଚ୍ଚ ରେ ଲିପ୍ତ ଥିବା ପର୍ଯ୍ୟନ୍ତ ଏହିପରି ଚାଲି ଥିବ। ମହାତ୍ମା ଗାନ୍ଧୀଙ୍କ ସ୍ୱଦେଶୀ ଅଭିଯାନ ବଦଳରେ ଏବେ ବିଦେଶୀ ଅଭିଯାନ ଆରମ୍ଭ ହୋଇଛି। ଡାକି ଡାକି ବିଦେଶୀ କମ୍ପାନୀଙ୍କୁ ଦେଶରେ ପୁରାଉଛନ୍ତି । ଠିକ୍ ଅଛି ଭାଇ ମାନେ ଆପଣ ଦେଶର ଅର୍ଥନୀତି ସଜାଡ଼ିବା ପାଇଁ ଯାହା ଠିକ୍ ମନେ କରିବେ କରନ୍ତୁ । ବିଦେଶୀ ମୁଦ୍ରା ପାଇଁ ପର୍ଯ୍ୟଟନ ଶିଳ୍ପର ବିକାଶ ହେଉ, ରପ୍ତାନୀ ବୃଦ୍ଧି କରନ୍ତୁ, ଦେଶକୁ ସ୍ୱାବଲମ୍ବୀ କରନ୍ତୁ, କୃଷି ଶିଳ୍ପ ଉପରେ ଗୁରୁତ୍ୱ ଦିଅନ୍ତୁ । ଦୁର୍ନୀତିରେ ବୁଡିଥିବା ବ୍ୟକ୍ତିଙ୍କୁ ଉଚିତ୍ ଦଣ୍ଡ ବିଧାନ କରନ୍ତୁ ଏହାହିଁ ମହମନ୍ୟଙ୍କ ନିକଟରେ ଅନୁରୋଧ କରୁଛି । ପଣ୍ଡିତ୍ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଲେଖା ମନେ ପଡ଼ି ଯାଏ.. ମିଶୁ ମୋର ଦେହ ଏ ଦେଶ ମାଟିରେ ଦେଶବାସୀ ଚାଲି ଯାଆନ୍ତୁ ପିଠିରେ, ସ୍ୱରାଜ୍ୟ ପଥେ ଅଛି ଯେତେ ଗାଡ ପୁରୁ ତହିଁ ପଡି ମୋର ମାଂସ ହାଡ଼। କିଏ ଏକଥାର ଗୁରୁତ୍ୱ ବୁଝନ୍ତି? ନିଜ ସ୍ୱାର୍ଥ ପାଇଁ, ଲୁଟିବାରେ ସମସ୍ତେ ବ୍ୟସ୍ତ ଅଛନ୍ତି। ଝିଣ୍ଟିକା ମାରି ବଣି ଚଢ଼େଇ ପୋଷିବା ନୀତିରେ ଶାସକ ମାନେ ଲଗି ପଡ଼ିଛନ୍ତି । ସରକାରୀ କର୍ମଚାରୀ/ବାବୁ ମାନେ ନିଜକୁ ନିଜେ ଭଗବାନ ସାଜିଛନ୍ତି । ସରକାରୀ ଦପ୍ତର ଗୁଡ଼ିକରେ ଭୋଗ ନ ଚଢ଼ାଇବା ପର୍ଯ୍ୟନ୍ତ, ମଧ୍ୟସ୍ଥି ପୂଜାରୀଙ୍କ ପାଉଣା ପ୍ରଦାନ ନ କରିବା ଯାଏଁ ତଥା କଥିତ ଭଗବାନଙ୍କଙ୍କ ଆଶୀର୍ବାଦ/ ବର ମିଳୁ ନାହିଁ । ଉତ୍କଳ ଗୌରବ ମଧୁସୂଦନ ଦାସ ମହୋଦୟଙ୍କ ଭାଷାରେ 'ଜାତିର ଉନ୍ନତି ସେ କାହୁଁ କରିବ, ସ୍ୱାର୍ଥରେ ବ୍ୟସ୍ତ ଯା'ର ମନ, ଶାଗୁଣା ବିଲୁଆ ଚିକିତ୍ସକ ହେଲେ ଶବ କି ପାଇବ ପ୍ରାଣ'

ସରକାରଙ୍କୁ ବିନମ୍ର ଅନୁରୋଧ, ସରକାର୍ ବାବୁ ମାନଙ୍କ ଉପରେ ଆଶା ଠାରୁ ଅଧୀକ ବିଶ୍ୱାସ ନକରି, ଉପର ଠାଉରିଆ ନ ହୋଇ ଟିକେ ତୃଣ ମୂଳରୁ ପରିସ୍ଥିତି ସମୀକ୍ଷା କରନ୍ତୁ ଏବଂ ଉଚିତ୍ ପଦକ୍ଷେ ନିଅନ୍ତୁ ।

ବନ୍ଦେ ଉତ୍କଳ ଜନନୀ ।

+ ଝାଞ୍ଜିରିମଙ୍ଗଳା
କଟକ - ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ପୋଲିସ ନୁହେଁ ଜନତା ସାଜିଲେ ନ୍ୟାୟଦାତା



## ଅଖିଳ ତରାଇ

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଗ୍ରାମ ନିକଟ ବାଲିଅନ୍ତା ପୋଲିସ ଅଞ୍ଚଳରେ ଘଟିଥିବା ଅମାନବୀୟ ଗୋଷ୍ଠୀଗତ ଆକ୍ରମଣ ଘଟଣା ସଭ୍ୟ ସମାଜର ମୁଣ୍ଡ ନୁଆଁଇ ଦେଇଛି। ଜଣେ ସରକାରୀ ରେଳବାଇ ପୋଲିସ (ଜି.ଆର.ପି) କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟିପିଟି ହତ୍ୟା କରିବା ଏବଂ ଅନ୍ୟ ଜଣେ ଯୁବକ ଗୁରୁତର କରିବା ଘଟଣା କେବଳ ଏକ ଅପରାଧ ନୁହେଁ ବରଂ ଆମ ନ୍ୟାୟିକ ବ୍ୟବସ୍ଥା ପ୍ରତି ଏକ ବଡ଼ ଆହ୍ୱାନ। ଦୁଇଜଣ ମହିଳାଙ୍କ ସହ ଦୁର୍ବ୍ୟବହାର ଓ ଦୁଷ୍କର୍ମ ଉଦ୍ୟମ ଭଳି ସଂଗୀନ ଅଭିଯୋଗକୁ ଭିତ୍ତି କରି ସ୍ଥାନୀୟ ଲୋକେ ଯେଉଁଭଳି ଭାବେ ନିଜେ ବିଚାରପତି ସାଜି ଆଇନକୁ ହାତକୁ ନେଲେ, ତାହା ଗଣତନ୍ତ୍ର ପାଇଁ ଏକ କଳଙ୍କିତ ଅଧ୍ୟାୟ। ପୋଲିସ ଏହି ମାମଲାରେ ପାଞ୍ଚ ଜଣଙ୍କୁ ଗିରଫ କରିଥିଲେ ହେଁ ଏହି ଘଟଣା ପଛରେ ଥିବା ସାମାଜିକ ଓ ମାନସିକ କାରଣଗୁଡ଼ିକୁ ଗଭୀର ଭାବେ ବିଶ୍ଳେଷଣ କରିବା ଏବେ ସମୟର ଆହ୍ୱାନ।

ଏହି ଘୃଣ୍ୟ କାଣ୍ଡର ମୂଳ କାରଣ ଖୋଜିଲେ ଜଣାପଡ଼େ ଯେ, ସମାଜରେ ନ୍ୟାୟିକ ପ୍ରକ୍ରିୟା ପ୍ରତି ଲୋକଙ୍କ ବିଶ୍ୱାସ ହ୍ରାସ ପାଇବା ଏବଂ 'ତୁରନ୍ତ ନ୍ୟାୟ' ପାଇବାର ଅହେତୁକ ଇଚ୍ଛା ଏହି ମୋବ୍ ଲିଞ୍ଚିଂ ବା ଗୋଷ୍ଠୀଗତ ଆକ୍ରମଣ ପାଇଁ ମୁଖ୍ୟତଃ ଦାୟୀ। ଯେତେବେଳେ ମହିଳାଙ୍କ ପ୍ରତି ଅସଦାଚରଣ ଭଳି ସମ୍ବେଦନଶୀଳ ଘଟଣା ଘଟେ, ସେତେବେଳେ ସାଧାରଣ ଜନତା ଉତ୍ତ୍ୟକ୍ତ ହେବା ସ୍ୱାଭାବିକ କିନ୍ତୁ ସେହି ଉତ୍ତେଜନାକୁ ହିଂସାରେ ପରିଣତ କରି ଜଣଙ୍କ ଜୀବନ ନେବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ଅନେକ ସମୟରେ ଗୁଜବ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ଅଧାପନ୍ତରିଆ ତଥ୍ୟ ଲୋକଙ୍କୁ ହିଂସ୍ର କରିଥାଏ। ବାଲିଅନ୍ତା ଘଟଣାରେ ମଧ୍ୟ ଭିଡିଓ ଭାଇରାଲ ହେବା ଏବଂ ଲୋକେ ଏକାଠି ହୋଇ ଯୁବକ ଦୁଇଙ୍କୁ ବାନ୍ଧି ପିଟିବା ଦର୍ଶାଉଛି ଯେ, ସେଠାରେ ଆଇନର ଭୟ ଅପେକ୍ଷା ଉନ୍ମାଦନା ଅଧିକ ଥିଲା। ପୋଲିସ ପ୍ରଶାସନ ଉପରେ ଭରସା ନ ରହିବା କିମ୍ବା ପୋଲିସ ପହଞ୍ଚିବା ପୂର୍ବରୁ ନିଜେ ଦଣ୍ଡବିଧାନ କରିବାର ଏହି ମାନସିକତା ଏକ ଗୁରୁତର ସାମାଜିକ ବ୍ୟାଧି। ଆଜିକାଲି ସୋସିଆଲ ମିଡିଆର ପ୍ରଭାବରେ କୌଣସି ଘଟଣାର ସତ୍ୟାସତ୍ୟ ନଜାଣି ଲୋକେ ଉତ୍କ୍ଷିପ୍ତ ହୋଇପଡୁଛନ୍ତି। ଭିଡ଼ର ମନସ୍ତତ୍ତ୍ୱ ସବୁବେଳେ ବିନା ତର୍କରେ ପରିଚାଳିତ ହୋଇଥାଏ, ଯେଉଁଠି ମଣିଷ ନିଜର ବ୍ୟକ୍ତିଗତ ବିବେକ ହରାଇ ବସେ। ଏହା ବ୍ୟତୀତ, ଗୋଷ୍ଠୀଗତ ହିଂସା ସମୟରେ ନିଜକୁ 'ନ୍ୟାୟଦାତା' ମନେ କରିବାର ଏକ ମିଥ୍ୟା ଗର୍ବ ମଧ୍ୟ ଏଭଳି ଘଟଣାକୁ ପ୍ରୋତ୍ସାହିତ କରିଥାଏ। ଅନେକ ସମୟରେ ପୂର୍ବ ଶତ୍ରୁତା କିମ୍ବା ସ୍ଥାନୀୟ ରାଜନୈତିକ ପ୍ରଭାବ ମଧ୍ୟ ଏଭଳି ଗୋଷ୍ଠୀଗତ ଆକ୍ରମଣକୁ ଜଳାଞ୍ଜଳି ଦେଇଥାଏ।

ଏହାର ସମାଧାନ ପାଇଁ ବହୁମୁଖୀ ପଦକ୍ଷେପର ଆବଶ୍ୟକତା ରହିଛି। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବାକୁ ହେବ, ଯେପରି କୌଣସି ଅପରାଧ ଘଟିବା ମାତ୍ରେ ଲୋକେ ଆଇନକୁ ହାତକୁ ନ ନେଇ ତୁରନ୍ତ ପୋଲିସକୁ ଖବର ଦେବେ। ସେହିପରି ସୋସିଆଲ ମିଡିଆର ଅପବ୍ୟବହାର ରୋକିବା ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଉଚିତ। 'ଗୋଷ୍ଠୀଗତ ଆକ୍ରମଣ ଏକ ଜଘନ୍ୟ ଅପରାଧ' - ଏହି ବାର୍ତ୍ତା ପ୍ରତିଟି ଗ୍ରାମ ଓ ସହରରେ ପହଞ୍ଚିବା ଦରକାର। ଏହା ସହିତ ପୋଲିସର ପ୍ରତିକ୍ରିୟା ସମୟ କୁ କମ କରିବାକୁ ହେବ, ଯେପରି ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବା ପୂର୍ବରୁ ସୁରକ୍ଷା ବଳ ଉପସ୍ଥିତ ରହିବେ। ଗ୍ରାମ ସ୍ତରରେ ଶାନ୍ତି କମିଟି ଗଠନ କରାଯାଇ ଲୋକଙ୍କୁ ଆଇନର ଗୁରୁତ୍ୱ ବୁଝାଇବା ଆବଶ୍ୟକ। ଶିକ୍ଷା ଓ ମୂଲ୍ୟବୋଧର ବିକାଶ ଦ୍ୱାରା ହିଁ ଏଭଳି ବର୍ବରତାକୁ ରୋକାଯାଇପାରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମହିଳା ସୁରକ୍ଷା ଓ ଅପରାଧୀଙ୍କୁ ଦଣ୍ଡ ଦେବା ପାଇଁ ଥିବା ଆଇନଗତ ପ୍ରକ୍ରିୟାକୁ ଅଧିକ ଦ୍ରୁତଗତିରେ କାର୍ଯ୍ୟକାରୀ କରିବାକୁ ହେବ, ଯାହାଦ୍ୱାରା ଲୋକଙ୍କ ମନରେ ବିଶ୍ୱାସ ଜନ୍ମିବ ଯେ ଅପରାଧୀ ଖସିଯିବ ନାହିଁ। ଯେତେବେଳେ ନ୍ୟାୟିକ ବ୍ୟବସ୍ଥା ତ୍ୱରାନ୍ୱିତ ହୁଏ, ସେତେବେଳେ ଜନସାଧାରଣ ନିଜେ ଆଇନର ରକ୍ଷକ ସାଜିବାର ଭୁଲ୍ କରନ୍ତି ନାହିଁ।

ଭାରତୀୟ ସମ୍ବିଧାନ ଓ ଆଇନ ଅନୁଯାୟୀ, କୌଣସି ବ୍ୟକ୍ତିଙ୍କୁ ଅନ୍ୟ ଜଣଙ୍କର ପ୍ରାଣ ନେବାର ଅଧିକାର ନାହିଁ, ସେ ଅଭିଯୁକ୍ତ ହେଲେ ମଧ୍ୟ। ଭାରତୀୟ ନ୍ୟାୟ ସଂହିତା ଅନୁସାରେ, ଗୋଷ୍ଠୀଗତ ଆକ୍ରମଣ ବା ମୋବ୍ ଲିଞ୍ଚିଂ ପାଇଁ କଠୋର ଦଣ୍ଡର ବ୍ୟବସ୍ଥା ରହିଛି। ଯଦି ପାଞ୍ଚ ବା ତହିଁରୁ ଅଧିକ ବ୍ୟକ୍ତି ସମାନ ଉଦ୍ଦେଶ୍ୟ ରଖି କାହାକୁ ହତ୍ୟା କରନ୍ତି, ତେବେ ସେମାନଙ୍କୁ ଆଜୀବନ କାରାଦଣ୍ଡ କିମ୍ବା ମୃତ୍ୟୁଦଣ୍ଡ ମଧ୍ୟ ମିଳିପାରେ। ସୁପ୍ରିମକୋର୍ଟଙ୍କ ୨୦୧୮ର 'ତହସିନ ପୁନାୱାଲା ବନାମ ଭାରତ ସରକାର' ମାମଲାର ନିର୍ଦ୍ଦେଶନାମା ଅନୁଯାୟୀ, ପ୍ରତ୍ୟେକ ରାଜ୍ୟରେ ଏଭଳି ଘଟଣା ରୋକିବା ପାଇଁ ସ୍ୱତନ୍ତ୍ର ନୋଡାଲ ଅଫିସର ନିଯୁକ୍ତି ହେବା ସହ ଦ୍ରୁତ ବିଚାର ହେବା ବାଧ୍ୟତାମୂଳକ। ବାଲିଅନ୍ତା ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ହତ୍ୟା ମାମଲା (ବି.ଏନ୍.ଏସ ଧାରା ୧୦୩) ଏବଂ ବେଆଇନ ଜନସମାବେଶ କରି ହିଂସା ଉପୁଜାଇବା ଭଳି କଠୋର ଧାରା ଲଗାଇ ଉଦାହରଣମୂଳକ ଦଣ୍ଡ ଦେବା ଉଚିତ। ଆଇନର ଶାସନ ରହିଥିବା ଏକ ଦେଶରେ 'ଜଙ୍ଗଲି ନିୟମ'କୁ ସ୍ଥାନ ମିଳିବା ଅନୁଚିତ। ସରକାରଙ୍କୁ ଏଭଳି ମାମଲାଗୁଡ଼ିକରେ କ୍ଷତିପୂରଣର ବ୍ୟବସ୍ଥା କରିବା ସହ ସାକ୍ଷୀମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ପଡ଼ିବ, ଯାହାଦ୍ୱାରା ଅପରାଧୀମାନେ ଦଣ୍ଡରୁ ବଞ୍ଚିପାରିବେ ନାହିଁ।

ଶେଷରେ, ଏହା ବୁଝିବାକୁ ହେବ ଯେ ହିଂସା ଦ୍ୱାରା କେବେ ବି ପ୍ରକୃତ ନ୍ୟାୟ ମିଳିନଥାଏ। ଯଦି ସୌମ୍ୟରଞ୍ଜନ ସ୍ୱାଇଁ ଦୋଷୀ ଥିଲେ, ତେବେ ତାଙ୍କୁ ପୋଲିସରେ ଜିମା ଦେଇ କୋର୍ଟ ଜରିଆରେ ଦଣ୍ଡ ଦେବାର ସୁଯୋଗ ଥିଲା। ଏହି ଘଟଣାଟି ସମାଜ ପାଇଁ ଏକ ଚେତାବନୀ। ଆମକୁ ଏକ ସଂସ୍କାରୀ ଓ ଆଇନ ମାନୁଥିବା ସମାଜ ଗଠନ କରିବାକୁ ହେଲେ ଭାବପ୍ରବଣତାରେ ବଶବର୍ତ୍ତୀ ନ ହୋଇ ବିବେକ ଓ ଆଇନର ପରିସୀମା ମଧ୍ୟରେ ରହିବାକୁ ପଡ଼ିବ। ଗଣତନ୍ତ୍ରରେ ଆଇନର ସୁରକ୍ଷା ପାଇଁ ଧୈର୍ଯ୍ୟ ଓ ବିଶ୍ୱାସ ଅପରିହାର୍ଯ୍ୟ। ଯଦି ଲୋକେ ନିଜେ ବିଚାରକ ସାଜିବେ, ତେବେ ନ୍ୟାୟାଳୟର ପ୍ରାସଙ୍ଗିକତା ରହିବ ନାହିଁ। ତେଣୁ ପ୍ରଶାସନ ଓ ନାଗରିକଙ୍କ ସମ୍ମିଳିତ ପ୍ରୟାସ ହିଁ ବାଲିଅନ୍ତା ଭଳି ଘଟଣାର ପୁନରାବୃତ୍ତି ରୋକିବାରେ ସହାୟକ ହେବ। ନଚେତ୍ ଆଜିର ରକ୍ଷକ କାଲିର ଭକ୍ଷକ ସାଜିବ ଏବଂ ସାଧାରଣ ମଣିଷ ଭୟର ବାତାବରଣ ମଧ୍ୟରେ ଜୀବନ ବିତାଇବାକୁ ବାଧ୍ୟ ହେବ। ଏକ ସୁସ୍ଥ ସମାଜ ଗଠନ ପାଇଁ ଘୃଣା ନୁହେଁ ବରଂ ନ୍ୟାୟିକ ଶୃଙ୍ଖଳା ହିଁ ଶ୍ରେଷ୍ଠ ପନ୍ଥା। ଆଜିର ଏହି ଘଟଣା ସୂଚାଉଛି ଯେ ଆମକୁ ଆଇନ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିବାକୁ ପଡ଼ିବ, ଯାହା ଦ୍ୱାରା କୌଣସି ନିରପରାଧୀର ଜୀବନ ଯିବ ନାହିଁ କିମ୍ବା କୌଣସି ଅଭିଯୁକ୍ତ ବିନା ବିଚାରରେ ମୃତ୍ୟୁବରଣ କରିବ ନାହିଁ।

+ ଗଞ୍ଜାମ
ମୋ: ୭୭୮୭୦୦୧୦୦୧




## ଧିକଜନ୍ମ

### ବିନୟ କୁମାର ମିଶ୍ର

ଜନ୍ମ ମୃତ୍ୟୁ ଜରା ଯୌବନ ସମସ୍ତ
ପ୍ରାଣୀଙ୍କ ଜୀବନେ ଆସେ,
ଭିନ୍ନ ଭିନ୍ନ ଏହି ଅବସ୍ଥା ବ୍ୟବସ୍ଥା
ସବୁ ଏକା ଏକା ଦିଶେ,
କାହାପାଇଁ କେଉଁପରି,
କର୍ମ ଅନୁସାରେ ଫଳ ଲଭେ ପ୍ରାଣୀ
ଜୀବନକୁ ଅନୁସରି।

ହୀରା ଖିଆ ସଙ୍ଗେ ହେଡା ଖିଆ କେବେ
ସମାନ ନୁହେଁ ସଂସାରେ,
ମଢ଼ରେ ସୁଦୃଷ୍ଟି ଶାଗୁଣାର ସଦା
ଉଡୁ ସେ ଯେତେ ଉଚ୍ଚରେ,
ଚରିତ୍ର ଯାହାର ଯାହା,
ସେହିପରି ତାକୁ ସ୍ଥାନ କାଳ ପାତ୍ର
ଦେଇଥାନ୍ତି ଚଉବାହା।

ଆଧିଭୌତିକ ଚିନ୍ତନ ଜୀବକୁ
ଦୂରେଇ ଆଧାତ୍ମିକରୁ,
ସେ ପାଇଁ ସାଧନା କରିବାର କ୍ଷେତ୍ର
ଅପହଞ୍ଚ ଚରିତ୍ରରୁ,
ବୃଦ୍ଧା ବେଶ୍ୟା ତପସ୍ୱିନୀ,
ହେଲେ କିବା ଆଉ ମେଘେ
ବେଳ ଥାଏ
ଲାଗେ ତେଣେ ଚିତା ଅଗ୍ନି।

ଦୋଷ ଅପରାଧ ଭ୍ରମ ମଧେ ଖୋଜେ
ପାଇବାକୁ କିଛି ସୁଖ,
ସୁଖ ଖୋଜୁଥାଏ ଦୁଃଖ କଷ୍ଟେ ପଡ଼ି
ସଂସାର ଲାଗେ ବିମୁଖ,
ବୟସ କାଳେ ନ ଶହ,
ଘଇତା କରି ସେ ବୃଦ୍ଧ କାଳେ ଚିତା
ଚୈତନେ କରେ ମୋହ।

ନିର୍ବାପ ଦୀପରେ ତୈଳ ଦାନ କଲେ
ଚୋର ନେଲା ପରେ ତାଲା,
ବୟସ ଶେଷକୁ ଯୁବା ସ୍ତିରୀ ଭୋଗ
ଜଳ ଗଲେ ବନ୍ଧ ତୋଳା,
ଆସିବ କେଉଁ କାମକୁ,
ବାଲ୍ୟ କାଳୁ ଧର୍ମ ଧନ ଯେ ନ ସଞ୍ଚେ
ଧିକ ତାର ଜନମକୁ।

+ ନିଆଳ, ଖୋର୍ଦ୍ଧା

## କେମିତି ଅଛ ତମେ କୋଉଠି ଅଛ

### ଦିବାକର ନାୟକ



କେମିତି ଅଛ ତମେ କୋଉଠି ଅଛ
ପଦ୍ମରେ ଅଛ ନା ତମେ କଇଁରେ ଅଛ
ତମେ ତ କହିନ ଦିନେ
ନିଇତି ପଡୁଛ ମନେ
ଦେଖାହେଲେ ଦେହ ଛୁଇଁ
କହିବି – ମୁଁ କହୁନି ମିଛ ।।

ଭାବୁଛି ମୁଁ ଭିଡ଼ରେ ବି
ତମକୁ ପାରିବି ଚିହ୍ନି
ଏମିତି ଜାଣିଛି ସିନା
ଆଖିରେ କେବେ ଦେଖିନି;
ପାଇଥିଲି ତମ ଛବି
ଲେଖିଗଲି କେତେ ଭାବି;
ସୁରରେ ଅଛ ନା ତମେ ତାଳରେ ଅଛ
ଗୀତିରେ ଅଛ ନା ତମେ ପ୍ରୀତିରେ ଅଛ;
ତମ ବିନା ଆଜି ମତେ
ସବୁକିଛି ଲାଗୁଛି ତୁଚ୍ଛ ।।

ତମେ ସେଠି ଯେବେ ହସ
ଏଠି ଗୋଲାପଟେ ଫୁଟେ
ମନ ମାରି ଯେବେ ବସ
ମୋ ଆକାଶେ ଅମା ଘୋଟେ;
ତମେ ଥିଲେ ଉଜାଗର
ନିଦ ଚୋରି ହୁଏ ମୋର;
ଜହ୍ନରେ ଅଛ ନା ତମେ ମନରେ ଅଛ
କତିରେ ଅଛ ନା ତମେ ଛାତିରେ ଅଛ;
ତମେ ଯୋଉଠି ବି ଥାଅ
ତମେ ପରା ମୋ ଭିତରେ ଅଛ ।।

+ ପାଟପୁର, କନିସି, ଗଂଜାମ
ମୋ:୯୯୩୮୬୧୯୯୮୧

# ‘ସ୍ମୃତି’

ବିକାଶୀ ପ୍ରିୟଦର୍ଶିନୀ ରାଉତ





ଏକଦମ ଗୁମସୁମ୍ ପାଲଟି ଯାଇଛି ଶ୍ରଦ୍ଧା। ଉଁ.... ହୁଁ.... ଏମିତି ନୀରବ ହେଇଯିବାକୁ ଏକରକମର ବାଧ ହେଇଯାଇଛି ସେ । ଉପରକୁ ଏକ ଷ୍ଟାଚ୍ୟୁ ପରି ପ୍ରତ୍ୟୟ ହେଉଥିଲେ ବି ଅନ୍ତର୍ବେଦନାରେ ଘାଣ୍ଟି ହେଉଛି ନିତି। ଅତୀତର ସ୍ମୃତିକୁ ଜାବୁଡି ଧରି ଲୁହ ଢ଼ାଳିବା ଛଡା ଆଜି ତା ପାଖରେ ଆଉ କିଛି ନାହିଁ । ଏ ଛଳ ଛଳ ଆଖି, ତୀବ୍ରତର ହେଉଥିବା ହୃଦସ୍ପନ୍ଦନକୁ ଆଭୋଏଡ଼ କରିବା ପାଇଁ ଶ୍ରଦ୍ଧା ତକିଆ ତଳୁ କାଢିଲା ତା ସ୍ମାର୍ଟ ଫୋନ୍, ଯାହା ଆଜି ଏ ମଣିଷର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି । ହଠାତ ମୁଖପତ୍ରିକାରେ ତାର ଅତି ପ୍ରିୟ ମଣିଷକୁ ଦେଖି କିଛି ସମୟ ପାଇଁ ହଜିଗଲା ସେଇ ଛବି ଭିତରେ। ଫୋନ୍‌କୁ ଧରି ଗେହ୍ଲା କରି ବସିଲା ଛୋଟ ଛୁଆଟେ ପରି । ଛାତିରେ ଜାକି ଧରି ଗୁଣୁଗୁଣୁ ହେଇ କଣ ବକି ଯାଉଥାଏ ତ ଓଠ ଲଗେଇ ଭଲ ପାଇବାର ପ୍ରତିବିମ୍ବଟେ ଆଙ୍କିଦେଉଥାଏ। ଏମିତି ଏମିତି ଭିତରେ ନିଜେ ନିଜର ଜ୍ଞାତକୁ ଆସିବା ପରେ କଇଁ କଇଁ ହେଇ କାନ୍ଦି ଉଠିଲା। ତକିଆଟିକୁ ଜାବୁଡି ଧରି ଚିପୁଡ଼ି ହେଇ ବାହୁନି ଉଠିଲା । ସ୍ମୃତିର ମାନସ ପଟରେ ଅତୀତର ସେଇ ଅଭୁଲା କଥା ମଥା ପିଟୁଥିଲା ଯେମିତି ତା ଛାତିରେ ।

ଶଶାଙ୍କ ସମନ୍ତରାୟ । ଡି. ଜି ସାହେବ ଅମରେନ୍ଦ୍ର ସାମନ୍ତରାୟଙ୍କର ଏକମାତ୍ର ସନ୍ତାନ । ଶିକ୍ଷିତ ବେକାର । ବାପାଙ୍କର ଅଚଳାଚଳ ସମ୍ପତ୍ତି ଆଉ ବୃତ୍ତି ପାଇଁ ବେକାର ଶବ୍ଦଟା ବଡ଼ ବିଚାରା ମନେ ହୁଏ ତାଙ୍କ ପାଖେ । ଲଙ୍ଗ ଡ୍ରାଇଭରେ ଯିବା, ସାଙ୍ଗମାନଙ୍କ ସହ ଖଟି କରିବା, ଝିଅ ମାନଙ୍କ ସହ ଟାଇମ ପାସ କରିବା....... ଏସବୁ ଭିତରେ ନିତି ହଜୁଥାନ୍ତି ସେ । ହେଲେ ଶ୍ରଦ୍ଧା ଚୁପଚାପ ସ୍ୱଭାବର । ସ୍ନେହୀ, ଦରଦୀ ଓ ଲଜ୍ଜାଶୀଳା । ଦିନେ କଲେଜରୁ ଫେରିବା ସମୟରେ ହଠାତ ସାଇକେଲରେ କଣ କେମିତି ଚୁନିଟା ଛନ୍ଦି ହେଇ ବେକଟା ଚାପି ହେଇଗଲା । ଆଉ କିଛି ଘଟିବା ପୂର୍ବରୁ ବ୍ରେକ ମାରି ଅଟକିଗଲା ବଜାର ମଝିରେ । ହେଲେ ଚୁନିଟା ଏମିତି ଚେନରେ ପଶି ଗୁଡେଇ ହେଇ ଯାଇଥିଲା ଯେ ତାକୁ ନିଜେ ନିଜେ କାଢି ସଜାଡି ହେବା ସମ୍ଭବପର ନଥିଲା । ବଜାର ମଝିରେ ଟୋକାଗୁଡା ଯାଉସ୍ୟାଉ କମେଣ୍ଟ କରି ଚାଲୁଥିଲେ । ସେଦିନ କେଜାଣି କେଉଁ ଏକ ଅଜଣା ମଣିଷ ପଣିଆ ଆଳରେ ଶଶାଙ୍କ ସାହାଯ୍ୟର ହାତ ବଢ଼ାଇଦେଇଥିଲେ । ବହୁତ ଚେଷ୍ଟା ପରେ ବି ଚୁନି ଆଉ ଚେନକୁ ଅଲଗା କରିପାରୁନଥିଲେ। ସେପଟୁ ଛଡରା ଟୋକାଙ୍କ ରଡି ଶୁଭୁଥାଏ। ଆବେ ଏ ଶଶାଙ୍କ ! ଆଗ ସେ ବିୟୁଟିଫୁଲର ଚୁନି ତା ଦେହରୁ ଅଲଗା କର, ତା’ପରେ ହିରୋଗିରି କରିବୁ । କଥାଟା ବି ସତରେ ସେଇଆ । ଏସବୁ ବୁଝିପାରୁଥିଲେ ବି ଉଭୟ ଶଶାଙ୍କ ଓ ଶ୍ରଦ୍ଧା କେହି କିଛି କହିବାକୁ କି କରିବାକୁ ପ୍ରସ୍ତୁତ ହୋଇପାରୁ ନଥିଲେ । ନାଇଁ ଏବେ ଆଉ ଡେରି କରି ଲାଭ ନାଇଁ । ବର୍ଷା ବି ଅଚାନକ କୁଆଡୁ ମାଡି ଆସିଲା । ଶଶାଙ୍କ ତା କୋଟ ଖୋଲି ଶ୍ରଦ୍ଧାକୁ ଘୋଡାଇ ଦେଇ ଆରପଟକୁ ମୁହଁ ଦେଇ ଚୁନି ଖସାଇ ନେଲା । ଆଉ ତା ପରେ ଚୁନିରୁ ଚେନ ଅଲଗା କରିବାକୁ ବେଶୀ ସମୟ ଲାଗିଲା ନାହିଁ । ବର୍ଷାର ତାଣ୍ଡବଟା ଏମିତି ବଢିଗଲା ଯେ ଶ୍ରଦ୍ଧା ଧନ୍ୟବାଦ ଦେବାକୁ ପଛକୁ ରଖି ସାଇକେଲ ଧରି ଘରମୁହାଁ ହେଲା, ହେଲେ ଘରେ ପହଂଚି ତାର ଆଉ କୋଉଥିରେ ମନ ନାଇଁ । ସେଇ ଚୁନି ଆଉ ଚେନର ସଂଘର୍ଷ ସମୟର କଥା ଭାବି ବାରମ୍ବାର ଅନ୍ୟମନସ୍କ ହେଇ ପଡୁଥିଲା । ଏପଟେ ନିତି ନିତି ନୂଆ ଝିଅଙ୍କ ସହ ସମୟ ଖର୍ଚ୍ଚ କରୁଥିବା ପ୍ଲେ ବଏ ଶଶାଙ୍କ ନରମ ଗଦିରେ ଶୋଇ ଶ୍ରଦ୍ଧା ସ୍ୱପ୍ନରେ ହଜେଇ ଦେବାକୁ ଚାହୁଁଥିଲେ ନିଜକୁ । ପ୍ରଥମ ଥର ଶ୍ରଦ୍ଧା ସହ ସାରା ଜୀବନ ବିତାଇବାକୁ ତାଙ୍କ ଭିତରେ କିଏ ଯେମିତି ତାଙ୍କୁ ଉସୁକାଉଥିଲା। ଏ କଥା ଶ୍ରଦ୍ଧାକୁ କହିବାକୁ ବହୁଥର ଚେଷ୍ଟା କରିଛନ୍ତି । କଲେଜ ଫାଟକ ପାଖରେ ଅନେକ ଥର ପଇଁତରା ମାରିଛନ୍ତି, କିନ୍ତୁ ଶ୍ରଦ୍ଧାର ଦେଖା ମିଳେନି । ଗୋଟେ ସପ୍ତାହ ପରେ ଶ୍ରଦ୍ଧାର ବାବା ତାକୁ କଲେଜ ଛାଡିବାକୁ ଆସିଥିଲେ। ବୁଝୁ ବୁଝୁ ଜଣାପଡିଲା ସେଦିନ ସେ ଝଡ଼ ବର୍ଷାରେ ତିନ୍ତି ଶ୍ରଦ୍ଧାକୁ ଭୀଷଣ ଜ୍ୱର ହେଇ ହସ୍ପିଟାଲରେ ଆଡମିଟ ହେବାକୁ ପଡିଥିଲା । ବେଶୀ ଦୁର୍ବଳ ହେଇପଡ଼ିଥିବାରୁ ତାକୁ ଏକା ନ ଛାଡ଼ି ତା ବାବା ନିଜେ ଆଣି କଲେଜରେ ଛାଡ଼ି ଆସିଥିଲେ। କଲେଜ ଛୁଟି ପରେ ଫାଟକ ନିକଟରେ ବାବାଙ୍କ ଅପେକ୍ଷାରେ ଥାଏ ସେ । ହଠାତ ହାଏ! ଶବ୍ଦରେ ଚମକି ଉଠିଲା ସେ । ପଛକୁ ଚାହିଁ ଦେଖେ ତ ସେଇ ପୁଅଟି, ଯେ ତାକୁ ମଝି ବଜାରରେ ଏତେ ବଡ଼ ସାହାଯ୍ୟଟେ କରିଥିଲେ । ତା ଇଜ୍ଜତ ବଂଚେଇ ଥିଲେ। ମୁହଁରେ ସ୍ମିତ ହାସ ରଖି ଉତ୍ତର ରଖିଥିଲା - ଆରେ, ଆପଣ ?

ବହୁତ ବହୁତ ଧନ୍ୟବାଦ ଆପଣଙ୍କୁ। ସେଦିନ ଆପଣ ନଥିଲେ ମୋର ଯେ......

-ବାସ୍ (ହାତଯୋଡି),ଏଇଟି ମାତ୍ର ସାଧାରଣ ମଣିଷ ପଣିଆଟି ଥିଲା ମ୍ୟାମ । ମୋ ସ୍ଥାନରେ ଆଉ କେହି ବି ଥିଲେ ଠିକ ଏମିତି ହିଁ କରିଥାନ୍ତେ ।

-ନାଇଁ, ସେଠି ତ ଅନେକଙ୍କର ଭିଡ଼ ଥିଲା। କାଇଁ କେହି ତ ଆଗକୁ ମୋ ପାଇଁ ଆସି ନଥିଲେ। ବରଂ ଆପଣଙ୍କ ସହଯୋଗ ସମୟରେ କେମିତି ଅଶ୍ଳୀଳ ଇସାରା ଦେଉଥିଲେ, କି କଥା ସବୁ କହି କମେଣ୍ଟ କରୁଥିଲେ ? ଏବେ ବି ସେ ସମୟକୁ ଭୁଲି ହେଉନି।

ଏମିତି ଏମିତି ବାର୍ତ୍ତାଳାପ ଭିତରେ ଦୁଇ ଅଜଣା ମଣିଷ ପରସ୍ପରର ପରିଚିତ ହୋଇସାରିଥିଲେ । ଆଉ ଯା ଭିତରେ ଶ୍ରଦ୍ଧାର ବାବା ମଧ ଆସି ପହଂଚି ଯାଇଥିଲେ । ନିଜ ନିଜଠୁ ବିଦାୟ ନେଇ ମନ ଭିତରେ ପୁଣି ଥରେ ଭେଟିବାର ପ୍ରତୀକ୍ଷା ରଖି ଫେରିଥିଲେ ଘରକୁ ଦୁହେଁ ।

ଯା ପରଠୁ ଅନେକ ଥର ଭେଟ ହେଇଛି ଦୁହିଁଙ୍କର । ମନ ଖୋଲି ଗପୁ ଗପୁ ଦୁହେଁ ଦୁହିଁଙ୍କ ମନ କଥା ବି ଜଣାଇସାରିଛନ୍ତି । ବିପଦରୁ ବନ୍ଧୁ, ବନ୍ଧୁରୁ ପ୍ରେମ ଆଉ ପ୍ରେମରୁ ବନ୍ଧନ ଆଡକୁ ମୁହାଁଉଥିବାବେଳେ ହଠାତ ଶ୍ରଦ୍ଧା ଶଶାଙ୍କର ଦୂରତ୍ୱ ଅନୁଭବ କଲା । ଏପଟେ ଶ୍ରଦ୍ଧା ଶଶାଙ୍କର ବଧୂ ସାଜିବାର ସ୍ୱପ୍ନରେ ବିଭୋର କିନ୍ତୁ ସେପଟେ ଶଶାଙ୍କ ନିଜ ପ୍ରକୃତିକୁ ବଳବତ୍ତର ରଖିବାରେ ମସଗୁଲ। ସେଦିନ ସେ ରୋଜ ଗାର୍ଡେନରେ ଗୋଟେ ଅଜଣା ଅଜଣା ଝିଅ ସହ ଶଶାଙ୍କୁ ଅତି ଅସଂଯତ ପରିସ୍ଥିତିରେ ଦେଖି ଶ୍ରଦ୍ଧା ପାଦ ତଳୁ ମାଟି ଖସିଗଲା ଯେମିତି । ତା ପାଦଟା ସେଇଠି ଅଚଳ ହେଇପଡ଼ିଲା ଯେମିତି। ଦେହରୁ ହୃଦୟଟା ବାହାରି ଛିଟିକି ଯେମିତି ଅନତି ଦୂରକୁ ଚାଲିଯାଉଥିଲା। ବାସ ସେବେଠୁ ସବୁ କ୍ଲୋଜ ।

ଯେବେଠୁ ଶଶାଙ୍କ ଅଣଦେଖା କରିବା ଆରମ୍ଭ କରିଥିଲେ, ସେତେବେଳେ ବି ଶ୍ରଦ୍ଧା ତା ତରଫରୁ ତାଙ୍କୁ ଦେଖା କରେ,କଲ କରେ, ମେସେଜ ଦିଏ ମଧ । ଉତ୍ତର ପାଉ କି ନ ପାଉ ମନକୁ ବୁଝେଇବାକୁ ଯାଇ ପାଗଳାମୀ ବଢ଼େ । ଭାରି ସରଳିଆ ଝିଅଟେ। କପଟର ଛାୟା କେବେ ଯାହାକୁ ଛୁଇଁ ନଥିଲା, ଆଜି ଗୋଟେ ଲମ୍ପଟ ତାକୁ ଯେ ଏମିତି ଭାବେ ଠକିବ ସେ ବିଶ୍ୱାସ କରି ପାରୁ ନଥିଲା। ତାର ପ୍ରେମକୁ ସେ ଭୁଲି ପାରୁନଥିଲା । ଯଦି କେହି ସାଙ୍ଗ ତା ଶଶାଙ୍କ ବିରୁଦ୍ଧରେ କିଛି କହୁଥିଲେ ସେ ତା ଉପରେ ରାଗିଯାଏ। ଏଇ ! ଖବରଦାର, ମୋ ଶଶାଙ୍କ ପ୍ଲେ ବଏ ନୁହନ୍ତି। ସେ ବହୁତ ଭଲ। ମୁଁ ତାଙ୍କ ପ୍ରେମକୁ ଅନୁଭବ କରିଛି । ତାଙ୍କୁ ଭଲ କି ବୁଝିଛି । ସେ କେବେ ବି ଏମିତି ହେଇ ପାରିବେ ନାହିଁ। ସେ ଫେରିବେ । ନିଶ୍ଚୟ ଫେରିବେ ତାଙ୍କର ଏ ଶ୍ରଦ୍ଧା ପାଖକୁ । ହେଲେ କାଇଁ..........

ଶ୍ରଦ୍ଧାର ଗ୍ରାଜୁଏସନ କମ୍ପ୍ଲିଟ ପରେ, ଶିକ୍ଷକତା ପାଇଁ ପ୍ରଶିକ୍ଷଣ ନେଇ, ଭଲ ଡିଭିଜନ ରଖି ପାସ କରେ । ପରେ ଶିକ୍ଷକତାକୁ ନିଜର ବୃତ୍ତି କରି ନିଜ ବାବାଙ୍କ ପରିଶ୍ରମର ମୂଲ୍ୟ ରଖେ । ହେଲେ ଏତେ ବର୍ଷ ପରେ ବି, ସେ ଭୁଲି ନଥାଏ ତା ପ୍ରେମକୁ। ଆଜି ବି ସେ ଅପେକ୍ଷା କରି ବସିଛି। ଯେତେବେଳେ କି ତାର ଯୌବନ ପାହାଚ ଅତିକ୍ରାନ୍ତ ହୋଇସାରିଛି । ଅନ୍ୟତ୍ର ବିବାହ କରିବ ନାହିଁ ବୋଲି ସ୍ଥିର କରି ସାରିଛି । ବାସ୍, ବାବା - ମା’ଙ୍କ ସହ ସାରା ଜୀବନ କାଟିଦେବ ବୋଲି ଜିଦ୍ ଧରି ବସିଛି ।

ଆଜି ସକାଳୁ ସକାଳୁ ନେଟ ଅନ କରି ମୁଖ ପତ୍ରିକାରେ ହଠାତ ଆଖି ପଡିଛି ଶ୍ରଦ୍ଧାର। ଶଶାଙ୍କର ଫୋଟୋ ଦେଖି ହଜି ଯାଇଛି ସେ ଅତୀତର ସ୍ମୃତିରେ । ବିଭୋର ପଣରେ ଗେଲ କରି ଚାଲିଛି ସେ ଛବିକୁ । ଆଖିରୁ ବହିଯାଉଛି ଅମାନିଆ ଲୁହ ହେଇ ଜମାଟ ବନ୍ଧା ଅକୁହା କଥାସବୁ ।

ହଠାତ ମା’ଙ୍କ ଡାକରାରେ ନିଜକୁ ପ୍ରକୃସ୍ଥିତ କରିବାକୁ ଚେଷ୍ଟା କରେ ଶ୍ରଦ୍ଧା, ଆଉ ସେ ଭିତରେ ସେ ଏଇ ସତ ବି ଦେଖିନିଏ କି ସେ ଫୋଟୋରେ ଶଶାଙ୍କ ଏକା ନୁହନ୍ତି ବରଂ ତାଙ୍କ ସ୍ତ୍ରୀ ଆଉ ଝିଅ ବି ଥିଲେ । ହ୍ୟାସ ଟାଗ ମାଇଁ ୱାର୍ଲଡ, ମାଇଁ ଡଟର ଆଣ୍ଡ ମାଇଁ ବେଟରହାଫ ପୋଷ୍ଟରୁ ବହୁତ ଭଲ ଭାବେ ବୁଝି ହେଉଥିଲା । ଅନ୍ତର୍ଜ୍ୱଳନର ପ୍ରତିଛବି ଝରି ଚାଲୁଥିଲା ଲୁହ ହେଇ ସେମିତି, ଶ୍ରଦ୍ଧା ଆଖି ତଳୁ । ନିଜକୁ ଆୟତ୍ତକୁ ଆଣୁ ଆଣୁ ଟିୟୁସନ ପିଲାଙ୍କ କୋଳାହଳ ନଈ ସୁଅ ପରି ଶ୍ରଦ୍ଧାକୁ ଟାଣି ନେଇ ଯାଉଥିଲା ଅନ୍ୟ ଏକ ସୀମାକୁ।

ଏତେବଡ ସଂଘର୍ଷକୁ ନିଜ ସହ ସାମ୍ନା କରି ଚାଲୁଥିଲା ସେ ବିନା ପ୍ରତିବାଦରେ ଆଉ ବିନା ହିଂସାରେ ଯାହା ଆଜିର ପ୍ରେମରେ ବିରଳ ନିଶ୍ଚୟ।

+ବଡ଼ପଲ୍ଲୀ, ରାଜନଗର, କେନ୍ଦ୍ରାପଡ଼ା
ମୋ: ୭୮୭୩୦୮୩୯୦୮

# ଅବକ୍ଷୟର ପାହାଚରେ କନ୍ଧମାଳ ସଂସ୍କୃତି

ଡ଼ ସ୍ୱାଗତିକା ସାହୁ



କନ୍ଧମାଳ, ଗିରି ପର୍ବତ ଘେରା ମୁକୁଟ ପିନ୍ଧା ଏବଂ ଝରଣାର କୁଳୁ କୁଳୁ ବୀଣା ବଜାଉଥିବା, ଶାଳପର୍ଣ୍ଣରେ ଜୁଡ଼ା ବାନ୍ଧିଥିବା ସୁନ୍ଦରୀ ତରୁଣୀଟିଏ...., ଯାର ଗର୍ଭରେ ଶୋଭାପାଏ ଦାରିଙ୍ଗବାଡି, କାଠବଙ୍ଗଳା, ଲୁଦୁ-ଜଳପ୍ରପାତ, ଇତ୍ୟାଦି ଇତ୍ୟାଦି...। ଓଡିଶାର ଭୂସ୍ୱର୍ଗ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି । ଆମର କାଶ୍ମୀର ଦାରିଙ୍ଗବାଡ଼ି । ପ୍ରକୃତିର ଶାନ୍ତଶୀତଳ ସବୁଜିମା ଭରା ସୌନ୍ଦର୍ଯ୍ୟର ପରିବେଶରେ ରହିଛି ଦାରିଙ୍ଗବାଡ଼ି । ଯେଉଁ ସ୍ଥାନ ସମୁଦ୍ରପତ୍ତନ ଠାରୁ ୩ ହଜାର ଫୁଟ ଉଚ୍ଚରେ ଅବସ୍ଥିତ।

ବିଶେଷକରି ଶୀତଦିନରେ ମଜା ନେବାକୁ ଏଠାରେ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ଭିଡ଼ ଜମାନ୍ତି । ଏହି ସମୟରେ ତୁଷାରପାତ ପର୍ଯ୍ୟଟକଙ୍କ ପାଇଁ ଏକ ଅଭୁଲା ସ୍ମୃତି ଆଣି ଦେଉଥିବାରୁ ଏହା ଓଡ଼ିଶାର କାଶ୍ମୀର ଭାବେ ଜଣାଶୁଣା । ଦାରିଙ୍ଗବାଡ଼ିର ଆଖପାଖରେ ରହିଛି ହିଲ୍ ଭ୍ୟୁ ପାର୍କ, ନେଚର ପାର୍କ ଓ କଫି ଗାର୍ଡେନ। ସେହିପରି ପାଇନ ବଣ, ଏମୁ ପକ୍ଷୀ, ସାଇଲେଣ୍ଟ ଭ୍ୟାଲି ଓ ମନୋରମ ଲଭର୍ସ ପଏଣ୍ଟ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ।

ଦାରିଙ୍ଗବାଡିଠାରୁ ପ୍ରାୟ ୧ କିଲୋମିଟର ଦୂରରେ ରହିଛି ହିଲ୍ ଭ୍ୟୁ ପାର୍କ ।ସେହିପରି ଏଠାକାର ୱାଚ୍ ଟାୱାରରୁ ପ୍ରକୃତିର ଅପୂର୍ବ ଦୃଶ୍ୟ ଉପଭୋଗ କରିହୁଏ ।ସେପଟେ ହିଲ୍ ଭ୍ୟୁ ପାର୍କ ନିକଟରେ ନେଚର୍ ପାର୍କର ସୌନ୍ଦର୍ଯ୍ୟ, ଔଷଧୀୟ ବୃକ୍ଷ, ବଟର ଫ୍ଲାଏ ଗାର୍ଡେନ୍, କୃତ୍ରିମ ଝରଣା, କଫି ଗାର୍ଡେନ୍, ଗୋଲମରିଚ, ପାଇଁନ ବଣ, ଏମୁ ପକ୍ଷୀ ଦେଖିବାକୁ ବି ପର୍ଯ୍ୟଟକ ଭିଡ଼ ଲଗାନ୍ତି ।ପ୍ରେମୀଯୁଗଳଙ୍କ ପାଇଁ ଏଠାକାର ଆକର୍ଷଣ ହେଉଛି ସାଇଲେଣ୍ଟ ଭ୍ୟାଲି। ଅନ୍ୟପକ୍ଷରେ ଦାରିଙ୍ଗବାଡି ବ୍ଲକ୍ ଦାସିଙ୍ଗବାଡ଼ି ନିକଟରେ ରହିଛି ମିଡ଼ିୟୁବାନ୍ଦା ଜଳପ୍ରପାତ ଯାହା ପର୍ଯ୍ୟଟକଙ୍କୁ ଆହୁରି ଆକର୍ଷିତ କରେ । ଭୁବନେଶ୍ୱରରୁ ଦାରିଙ୍ଗବାଡିର ଦୂରତା ପ୍ରାୟ ୨୫୧ କିଲୋମିଟର । ବ୍ରହ୍ମପୁରରୁ ୧୨୦ କି. ମି ଓ ଫୁଲବାଣୀରୁ ଏହାର ଦୂରତା ୧୧୦ କିଲୋମିଟର। ଦାରିଙ୍ଗବାଡିକୁ ସିଧାସଳଖ ଯିବା ଆସିବା ଲାଗି ବସ୍ ସୁବିଧା ଥିବାବେଳେ ରାୟପୁର-ଗୋପାଳପୁର ୫୯ ନମ୍ବର ଜାତୀୟ ରାଜପଥରେ ଏହା ଅବସ୍ଥିତ ।ଏଠାରେ ରହିବା ପାଇଁ ହୋଟେଲ୍,ଇକୋ ହୋମ୍ ଓ ଡାକବଙ୍ଗଳା ରହିଛି।

କନ୍ଧମାଳରେ ରହିଛି ବେଲଘରର କାଠ ବଙ୍ଗଳା ଯେଉଁଠିକୁ ଯିବାପାଇଁ ଅଙ୍କା ବଙ୍କା ଘାଟିଦେଇ ପାହାଡ଼ ଚଢି ଯିବାକୁ ହୁଏ। ପ୍ରକୃତିର ସୌନ୍ଦର୍ଯ୍ୟ ପରିକଳ୍ପନା କରିବା ପାଇଁ ଏକ ଆକର୍ଷଣୀୟ ସ୍ଥାନ। ଏପଟେ କୋଟଗଡ଼ ବ୍ଲକଠାରୁ ପ୍ରାୟ ୩୦ କି. ମି. ଦୂରରେ ରହିଛି ଲୁଦୁ ଜଳପ୍ରପାତ। ପାଖାପଖି ୩୦ ଫୁଟ ଉଚ୍ଚରୁ ପାଣି ପଡୁଛି, ଏଇ ଝରଣା ଦେଖିବାକୁ ଏବଂ ବାଣଭୋଜି ପାଇଁ ଛୁଟି ଆସିଥାନ୍ତି ଦର୍ଶକ। ତୁମୁଡିବନ୍ଧ ବ୍ଲକରେ ଜଳେଶପଟା ଗ୍ରାମରେ ବହିଯାଉଛି ରାହୁଲ ନଦୀ ।ନଦୀ ମଝିରେ ପୂଜା ପାଉଛନ୍ତି ଶିବଶମ୍ଭୁ, ପଥର ଭିତରୁ ଲିଙ୍ଗ ଫୁଟି ବାହାରିଛନ୍ତି। ଜିଲ୍ଲା ତଥା ଜିଲ୍ଲା ବାହାରୁ ଦର୍ଶନ ପାଇଁ ଆସିଥାନ୍ତି ଲୋକ। କାର୍ତ୍ତିକ ପୂର୍ଣ୍ଣମା ଏବଂ ମହାଶିବରାତ୍ରିରେ ବିରାଟ ଯାତ୍ରା ହୁଏ ଏଠି।

ଫୁଲବାଣୀରେ ରହିଛି କାଟ୍ରା ଜଳପ୍ରପାତ, ପୁତୁଡ଼ି ଜଳପ୍ରପାତ,ବରାଳଦେବୀଙ୍କ ମନ୍ଦିର ଯେଉଁଠିକୁ ବୁଲିବାକୁ ଲୋକଙ୍କର ଭିଡ଼ ଜମେ। ରାଇକିଆ ପାଖରେ ରହିଛି ମଣ୍ଡାସରୁ। ଜଳପ୍ରପାତ ସାଙ୍ଗକୁ ପ୍ରକୃତିକୁ ଉପଭୋଗ କରିବାର ନିଆରା ପରିବେଶ। ପ୍ରକୃତି ଭିତରେ ହଜିବା ସାଙ୍ଗକୁ କନ୍ଧମାଳର ହଳଦୀ, ମହୁ ଓ ଝୁଣା କିଣିନେବାକୁ ପର୍ଯ୍ୟଟକ ଭୁଲନ୍ତି ନାହିଁ । କନ୍ଧମାଳ ହଳଦୀର ଏକ ସ୍ୱତନ୍ତ୍ର ଗୁଣ ରହିଛି। ଉଭୟ ହର୍ବାଲ ଓ ଔଷଧୀୟ ଗୁଣ ଭରି ରହିଛି କନ୍ଧମାଳ ହଳଦୀରେ। ତେଣୁ କନ୍ଧମାଳ ହଳଦୀକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏ ନେଇ ସିଟିଟିସି ପକ୍ଷରୁ ପ୍ରାରମ୍ଭିକ ତଥ୍ୟ ସଂଗ୍ରହ କାର୍ଯ୍ୟ କରାଯାଇଛି। କନ୍ଧମାଳ ଜିଲ୍ଲାରେ ପ୍ରାୟ ୧୨ଶହ ହଳଦୀ ଚାଷୀ ରହିଛନ୍ତି। ସେମାନେ ‘କସମ’ ନାମକ ଏକ ଚାଷୀ ସଂଗଠନ ରହିଛନ୍ତି। ଦାରିଙ୍ଗବାଡ଼ି ଓ ଫୁଲବାଣୀରେ କସମର ଦୁଇଟି ବିକ୍ରୟ କେନ୍ଦ୍ର ରହିଛି ।

‘ପରମ୍ପରା: ଏବେ ଅଶିକ୍ଷିତ ଗାଉଁଲୀ ଓଡ଼ିଆ ନିକଟରେ ଧର୍ମ ଓ ଶିକ୍ଷିତ ଓଡ଼ିଆ ନିକଟରେ ଇତିହାସ’ ଓଡିଶାର ସଂସ୍କୃତି ଓ ପରମ୍ପରା ମହାନ୍ । ଏହା ଅନ୍ୟ ଭାଷା ସଂସ୍କୃତି ଠାରୁ ନିଆରା ଅଟେ । ଆମର ବେଶ ପୋଷାକ ସଂସ୍କୃତି ସଭ୍ୟତା ରୂଚି ଭିନ୍ନ କିନ୍ତୁ ଏବେ ପ୍ରାୟ ଲକ୍ଷ୍ୟ କରାଯାଉଅଛି ସମସ୍ତେ ବିଦେଶୀ ସଂସ୍କୃତି ରୁଚି ବେଶ ପୋଷାକ ଆଡକୁ ଆଗଭର ହେଉଛନ୍ତି ଏହା ଫଳରେ ଆମର ସଂସ୍କୃତି ସଭ୍ୟତା ଲୋପ ପାଇଯିବ। କନ୍ଧମାଳ ଜିଲ୍ଲାର କଳା ସଂସ୍କୃତି ମଧ୍ୟରେ ରହିଛି କନ୍ଧମାଳର କୁଇ ନୃତ୍ୟ ଯାହାକି ଆଦିବାସୀ ପରମ୍ପରା ସଂସ୍କୃତିର ଏକ ପ୍ରସିଦ୍ଧ ନୃତ୍ୟ । ଏଇ ନୃତ୍ୟ ଆଦିବାସୀ ସଂସ୍କୃତିର ଧାରା ।ଖୁସି ପର୍ବ ପର୍ବାଣୀରେ ସେମାନେ ନୃତ୍ୟ କରିଥାନ୍ତି । କନ୍ଧମାଳର ଲୋକକଳା ବେଶ ପ୍ରସିଦ୍ଧ । ଫୁଲବାଣୀ ସଦର ବ୍ଲକର ବିଶପଡାର ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ବେଶ ଲୋକପ୍ରିୟ । ଏକ ସର୍ବ ପୁରାତନ ଲୋକ ନାଟକ ଭାବେ ସମଗ୍ର ରାଜ୍ୟରେ ପ୍ରସିଦ୍ଧି ଲାଭ କରିଛି । ୧୮୩୫ ମସିହା ଠାରୁ ଏହି ଯାତ୍ରା ଆରମ୍ଭ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ଚାଲିଛି ଧାରାବାହିକ ଭାବରେ..। ନାଟଗୁରୁ ଉପେନ୍ଦ୍ର ବିଶୋଇ ଏହାକୁ ଆଗେଇ ନେଇଥିଲେ ।

କନ୍ଧମାଳର ବାଲିଗୁଡା ଉପଖଣ୍ଡର ଅନ୍ୟ ଏକ ପାରମ୍ପରିକ ଲୋକାନୃତ୍ୟ ହେଉଛି ଡାକୁଲ ନୃତ୍ୟ । ଏହି ନୃତ୍ୟ ଓଡିଶା ଏବଂ ଓଡିଶା ବାହାରେ ଖୁବ ଆଦୃତି ଲାଭ କରିଛି । ଫୁଲବାଣୀର ନାରାୟଣୀ ଯାତ୍ରା, ତୁମୁଡିବନ୍ଧର ଠାକୁରାଣୀ ଯାତ୍ରା, ଝାମ୍ପୁ ଯାତ୍ରା, ଘୁମୁରା ପାଇକ ଆଖଡ଼ା, ବୀଣାକର ଦଣ୍ଡ ନାଟ, ଗୀତିନାଟ୍ୟ, ଆଦିବାସୀ ନୃତ୍ୟ, ପାଲା, ଦାସକାଠିଆ, ରାଧା ପ୍ରେମଲୀଳା, କୀର୍ତ୍ତନ, ଖଞ୍ଜଣୀ ନୃତ୍ୟ ଇତ୍ୟାଦି କନ୍ଧମାଳ ଜିଲ୍ଲାର କଳା ସ୍ଥାପତ୍ୟକୁ ଋଦ୍ଧିମନ୍ତ କରିଛି। କନ୍ଧମାଳ ସଂସ୍କୃତି ସଭ୍ୟତା ଧିରେ ଧିରେ ଲୋପ ପାଇବାକୁ ବସିଲାଣି କାରଣ ତାଙ୍କର ସଂସ୍କୃତିରେ ପିଲାର ଏକୋଇଶିଆ କରିବା ଜନ୍ମଦିନ ଧୂମ ଧାମରେ ପାଳନ କରିବା ପରମ୍ପରା ନାହିଁ କିନ୍ତୁ ତାହା ଧିରେ ଧିରେ ତାଙ୍କର ସଂସ୍କୃତିରେ ସେଗୁଡିକ ପ୍ରବେଶ କଲାଣି ।

ଅଣଦେଖା ହେଉଛି ଆଜି ଆମର ସଂସ୍କୃତି , ହଜି ଯାଉଛି ଆମର ପରମ୍ପରା, ଲୁଚି ଯାଉଛି ଆମର ଗାଁର ସମସ୍ତ ପ୍ରଥା । ସେ ସବୁକୁ ପ୍ରତ୍ୟେକ ପାଖରେ ପୁନଃ ଜାଗୃତି କରିବା ଆମର ଆବଶ୍ୟକ। ଗାଁର ପ୍ରଥା ଓ ପରମ୍ପରା ଆମର ସଭ୍ୟତା ଓ ସଂସ୍କୃତି ।ବିଦେଶୀ ନେଲାଣି ଆମର ସଂସ୍କୃତି ସଭ୍ୟତା । ଆମେ ନେଲୁ ତାଙ୍କ ସଂସ୍କୃତି, ବଦଳିଗଲାଣି ତାଙ୍କରି ପ୍ରକୃତି ସ୍ୱଭାବ । ବଢିଗଲାଣି ଆମର ବିକୃତି। ଭଦ୍ର ଭଳିଆ ହୋଇ ସେମାନେ ଚଳିଲେ । ଆମର ସଭ୍ୟତା ସଂସ୍କୃତିକୁ ନେଇ ସେମାନେ ଗର୍ବ କଲେ । ଅସଭ୍ୟ ଭଳିଆ ଆମେ ଚଳିଲେ ତାଙ୍କର ବେଶ ପୋଷାକକୁ ନେଇ । ଆମେ ଲଙ୍ଗଳା ମୁକୁଳା ହୋଇ ଚଳିଲେ । ବିଦେଶୀ ମାନେ ବଦଳିଗଲେ । ଆମ ସଂସ୍କୃତିକୁ ନେଇ ଆମେ ତାଙ୍କ ସଂସ୍କୃତିରେ ବନ୍ଧା ପଡିଗଲେ । ସ୍ୱଦେଶକୁ ଭୁଲି ଯାଇ ଆମେ ବିଦେଶର ସଂସ୍କୃତି ରୁଚି ବେଶ ପୋଷାକକୁ ଆଦରିଲେ । ଆମ ଭାଷା ଆମଠାରୁ ଧିରେ ଧିରେ ପଳାଇ ଯାଉଅଛି ଆମେ ବେଦେଶୀ ଭାଷା ପ୍ରତି ଗୁରୁତ୍ୱ ଦେଉଅଛେ । ଆମ ସଂସ୍କୃତି, ପରମ୍ପରା ମଧ ଯାଇସାରିଲାଣି ଆମ ଅପାରଗତା ଯୋଗୁଁ । ଖାଲି ବଞ୍ଚି ରହିଛି ଆମର ଭୂମି ଖଣ୍ଡିକ । ଦିନ ଆସିବ ଆମେ ଯଦି ସଯାଗ ନ ହେବା ତାକୁ ମଧ୍ୟ ହରାଇଦେବା କାରଣ ଆମ ସଂକୀର୍ଣ୍ଣ ଚିନ୍ତାଧାରା ସଂକୀର୍ଣ୍ଣ ମାନସିକତା ଯୋଗୁଁ ଆମର ସଂସ୍କୃତି ଲୋପ ପାଇବ ।

ଯେଉଁଠି ଆମ ପୂର୍ବପୁରୁଷଙ୍କ ଶୌର୍ଯ୍ୟଦ୍ୱାରା ସ୍ଥାପିତ ହୋଇଥିଲା ଆଗଙ୍ଗା ଠାରୁ ଗୋଦାବରୀ ଭୂଖଣ୍ଡ ପର୍ଯ୍ୟନ୍ତ। ଏବେ ଆମ ନେତୃବୃନ୍ଦଙ୍କ ଖାମଖିଆଲି ନୀତି ଯୋଗୁଁ ଅଧା ଅଞ୍ଚଳ ଆମେ ଅନ୍ୟ ରାଜ୍ୟକୁ ଦେଇସାରିଲେଣି ତାପରେ ବି ବର୍ତ୍ତମାନର ଖଣିଜସଂପଦପୂର୍ଣ୍ଣ ଅଞ୍ଚଳକୁ ନୀରବ ଭାବରେ ଟେକିଦେବାଦ୍ୱାରା ଆମେ କି ପ୍ରକାରର ଶାନ୍ତି ପାଇପାରିବା ? ଶାନ୍ତି ଯଦି ଆମର କାମ୍ୟ, ସ୍ୱାଭିମାନ ଆମର ଭୂଷଣ ହେବା ଆବଶ୍ୟକ । ନଚେତ୍ ଆଳସ୍ୟ ଯଦି ଆମ ଜୀବନ, ବିଳାସ ଯଦି ଏକମାତ୍ର ଲକ୍ଷ୍ୟ, ଭୀରୁତା ଯଦି ଆମର ଅଳଙ୍କାର, ତେବେ ବରଂ ଭଲ ହେବ ସବୁଦିନ ପାଇଁ ଏ ପବିତ୍ର ମାଟିକୁ ଛାଡ଼ି ଚାଲିଯିବା । ଅନ୍ତତଃ ଆମ ଭବିଷ୍ୟତ ପିଢ଼ି ତ ଆମ ଚେଇଁ ଶୋଇବାଗୁଣଠାରୁ ଦୂରେଇ ରହି ସମୃଦ୍ଧ ଓଡ଼ିଶା ଗଠନପାଇଁ ନିଜକୁ ଉତ୍ସର୍ଗ କରିପାରିବେ ।ଇତିହାସ କହୁଅଛି - ଆମର ପୂର୍ବପୁରୁଷମାନେ ବୋଇତରେ ଧନସମ୍ପତ୍ତି ଭରି ଓଡ଼ିଶାକୁ ବୋହି ଆଣୁଥିଲେ। ବହୁ ଉତ୍ସାହ ଓ ଉଦ୍ଦୀପନା ଭିତରେ ବୋଇତବନ୍ଦାଣ ଉତ୍ସବ ପାଳନ କରାଯାଉଛି ଓଡ଼ିଶାର ପୁରପଲ୍ଲୀରେ ଏହା ଆମର ସଂସ୍କୃତି । କାର୍ତ୍ତିକ ପୂର୍ଣ୍ଣମୀର ପାହାନ୍ତା ବେଳା ନଦୀ, ନାଳ ଆଦି ଯେଉଁଠି ବି ସାମାନ୍ୟ ଜଳ ରହିଛି, ସେଠି ଭାସି ଉଠୁଛି କଦଳୀ ପଟୁଆ, କାଗଜ, ସୋଲ ନିର୍ମିତସ ଛୋଟ ଛୋଟ ବୋଇତ । ଆଉ ଏହି ବୋଇତର ସାମଗ୍ରୀ ହେଉଛି ପାନ, ଗୁଆ ସହିତ ଦୀପଟିଏ କିମ୍ବା ସଳିତା କାଠିଟିଏ । ଆ.କା.ମା ବଇ..ର ଶବ୍ଦରେ ନଦୀକୂଳ ପ୍ରକମ୍ପିତ ହୋଇ ଉଠୁଛି ।ଏଥିସହିତ ଦେଖିବାକୁ ମିଳୁଛି ଚଉରାମୂଳେ ବାଲୁକାସ୍ଥାପନ ଓ ଘର ସାମ୍ନାରେ ମୁରୁଜଦ୍ୱାରା ଓଡ଼ିଆ କଳାନୈପୁଣ୍ୟର ପ୍ରଦର୍ଶନ । ଯଦି ଆମେ ଏ ସଂପର୍କରେ କୌଣସି ଓଡ଼ିଆଙ୍କୁ ପଚାରିବା, ଉତ୍ତରରେ ସରଳ ଗାଉଁଲୀଟିଏ ଧାର୍ମିକ ଭାବନା ଓ ଶିକ୍ଷିତ ଓଡ଼ିଆଟିଏ ଅତୀତର ସ୍ମୃତିକୁ ରୋମନ୍ଥନ ବିଷୟରେ କହିପାରେ । ମାତ୍ର ଏହା ପଛରେ ଥିବା ତିକ୍ତ ମଧୁର ଇତିହାସ, ବର୍ତ୍ତମାନର ଅସହାୟତା ଆଉ ଭବିଷ୍ୟତର କାର୍ଯ୍ୟପନ୍ଥା ବିଷୟରେ ପଦେ କହିପାରିବେ ନାହିଁ ।

କାରଣ ଏହି ପରମ୍ପରା, ଏବେ ଅଶିକ୍ଷିତ ଗାଉଁଲୀ ଓଡ଼ିଆ ନିକଟରେ ଧର୍ମ ଓ ଶିକ୍ଷିତ ଓଡ଼ିଆ ନିକଟରେ ଇତିହାସ ଭାବେ ବଞ୍ଚି ରହିଛି । ତାହାକୁ ଆମ ଗାଉଁଲୀ ଲୋକ ନିଜ ଅଜ୍ଞତା ଭାବି ପ୍ରକାଶ କରୁ ନ ଥିବା ବେଳେ, ଶିକ୍ଷିତ ବ୍ୟକ୍ତିଟି ଇତିହାସର ଦର୍ପିତ କାହାଣୀ ଜାଣିସୁଦ୍ଧା ପ୍ରକାଶ କରିବାକୁ କୁଣ୍ଠିତ । କାରଣ ଯାହା ଥାଉନା କାହିଁକି, ଏହାକୁ ପ୍ରକାଶ କରିବାରେ ଯେ ନିଜ ଭିତରେ ପ୍ରଚୁର ହୀନମନ୍ୟତା ଭରି ରହିଛି, ତାହା କେହି ଅସ୍ୱୀକାର କରିବେ ନାହିଁ ।

+ଅଧାପିକା, ତୁମୁଡିବନ୍ଧ,କନ୍ଧମାଳ

## ସପନ ରହିଲା ଅଧା

ଝରଣା ବାରିକ



ନୂଆ ସକାଳ ଆସିବ ବୋଲି
ସପନ ଦେଖି ଥିଲେ,
ଏମିତି ରାତି ପାହିବ ବୋଲି
କେବେ ଭାବି ନଥିଲେ ।

ସୁରୁଜ ନିଜେ କଳା ଅନ୍ଧାର
ଆଲୁଅ ଟିକେ ନାଇଁ,
ଆମକୁ ଜାଳି ଆମ ପାଉଁଶେ
ନିଜେ ଖୋଜୁଛି ଛାଇ ।

କିଏ ପାରିବ ତାକୁ କହି
ଯମା ହେଉ ନି ସହି,
ବଞ୍ଚି ବାକୁ ପଡିବ ଏଠି
ଲୁହ ଲହୁକୁ ପିଇ।

ଆଖି ଦେଖୁଚି କାନ ଶୁଣୁଛି
ପାଟି ଫିଟିଲେ ଦୋଷୀ
ଆଜିର ଦିନ କାଲିକୁ ନାହିଁ
ହେଇ ଯାଏ ସେ ବାସି।

ସପନ ଆମ ରହିଲା ଅଧା
ରାତି ଯାଇଛି ପାହି,
ଓଡ଼ିଆ ଆମେ ବଢିଆ ବୋଲି
ହେଉନି ଆଉ କହି ।

+ସମଲ, ତାଳଚେର, ଅନୁଗୁଳ
ମୋ: ୯୫୫୬୮୪୬୯୩୨

## କଙ୍କାଳ ଆଜି ପ୍ରମାଣ ଦେଇଛି

ହରପ୍ରିୟା ସାହୁ

ବଞ୍ଚି ଥିଲା ବେଳେ ପରିଚୟ ପାଇଁ
ନା ନା ସଂଘର୍ଷ ଜାରି ରହୁଛି
ମରିଗଲା ପରେ ପ୍ରମାଣ ପାଇଁ କି
କଙ୍କାଳ ଆଜି ପ୍ରମାଣ ସାଜିଛି ।

ମୂର୍ଖଟିଏ ହୋଇ ସତ୍ୟ କହିବାକୁ
ଅଣ୍ଟା ରେ ଆଜି କମର ବାନ୍ଧିଛି
ସମୟ ହୋଇଲେ ସେ ସବୁ ଉଭା
ହୋଇଯିବ ନିତି ହିଁ ଚାହିଁ ବସିଛି।

ସମୟ ସୁଅରେ କଙ୍କାଳ ଖେଳିଲା
ସତ୍ୟର ଜୟ ହେବାକୁ
ସମାଧି ଭିତରୁ ଆସି ଉଭା ହେଲା
ସାକ୍ଷୀ ସେ ନିଜେ ଦେବାକୁ।

ଜିତୁ ଚାହିଁ ନାହିଁ ଦୋଷ ଲଦିବାକୁ
କାହାକୁ ସଂସାର ପଥେ
ନିଜର ପାଉଣା ପାଇବା ସକାଶେ
କଙ୍କାଳ ଆଣିଲା ସାଥେ।

କିଏ ଜାଣିଥିଲା କଙ୍କାଳ ଚୌଦିଗେ
ଚମକେଇ ଦେବ ଆଜି
ବିଶ୍ୱ ଦରବାରେ ନିଛକ ସତ୍ୟତା
ଆଣିଦେବ ଦିନେ ଖୋଜି।

ଜୀବନ ଯୌବନ ନାହିଁ ତାର ଆଜି
ଅର୍ଥରାଶି କଣ ହେବ ?

ତାର ପ୍ରାପ୍ୟ ତାକୁ ମିଳି ହିଁ ଯାଇଛି
ସେତିକି ଯଥେଷ୍ଟ ହେବ।

ଭଉଣୀର ଦୁଃଖ ସହି ନ ପାରିଲା
ରହିଥିଲା ଅଭିଆଡ
ଭଉଣୀ ମରିବାରୁ ଟଙ୍କା ଉଠାଇବା
କାଳ ହେଲା ଖୋଳତାଡ଼।

କଙ୍କାଳ ତାହାର ଅତି ଆପଣାର
ସାହାଯ୍ୟ କରିଛି ଆଜି
ସଭ୍ୟ ସମାଜ ଶିକ୍ଷିତ ହୋଇ ବି
ମାନବିକତା ଯାଇଛି ହଜି।

ସାକ୍ଷ୍ୟ ପ୍ରମାଣକୁ ଲୁଚାଇ ନ ହେଲା
ଟଙ୍କା ଆଣିଦେଲା ଖୋଜି।
ସମାଧି ମଧ୍ୟରୁ କଙ୍କାଳ ଉଠି
ପ୍ରମାଣ ଦେଇଛି ଆଜି ।

ବିଶ୍ୱ ଦରବାରେ ହଇଚଇ ଆଜି
ଦାନ ମାଝୀ ପରେ ଜିତୁ
ତାଙ୍କ ପରି ଆଉ ଯେତେ ଆଦିବାସୀ
କୋଉଠି ନା କୋଉଠି ସତ୍ୟ ଲୁଚି ଥିବ କିନ୍ତୁ।

କିଏ ସେ ଖୋଲିବ ଭିତିରି ରହସ୍ୟ
ଜିତୁ ପରେ ଜନ୍ମ ନେଉ
ଜଗତ ଉଦ୍ଧାର ହୋଇବା ପାଇଁ କି
ସଭିଙ୍କ ଦୃଷ୍ଟାନ୍ତ ସାଜି କି ରହୁ।

ଲୁହକୁ ପିଇ କି,ଲୁହରେ ଗାଧୋଇ
ନିତି ବସିଥିଲା ଘରେ
ଆଜି ସେ ବିଶ୍ୱରେ ହେଲା ପରିଚିତ
ନୀଚ କର୍ମ ପାଇଁ ଲୁହ ଅପେକ୍ଷା ଲହୁ ଝରେ।

+ଜଗତସିଂପୁର

## କିଛି ପୃଷ୍ଠା ତୁମ ସହ

ପ୍ରତିଭା ଦାଶ



ଜୀବନର ପୁସ୍ତକରେ
କିଛି ପୃଷ୍ଠା ତୁମ ସହ ବିତାଇଥିବା
ସେହି ଅଭୁଲା ମୁହୂର୍ତ୍ତକୁ
ମୁଁ ସାଇତି ରଖିଛି ମୋ
ହୃଦୟର ପୁସ୍ତକାଗାରରେ ।
ସେ ପୃଷ୍ଠାକୁ
ବାରମ୍ବାର ଓଲଟାଇ
ସେଇ ସ୍ମୃତିକୁ ଅନୁଭବ କରିବାରେ
ମନକୁ ଯେଉଁ ଶାନ୍ତି ମିଳେ
ପାଟିରେ କହି ହୁଏନା ।
ହୃଦୟର ପୃଷ୍ଠାରେ ତୁମକୁ ଦେଖି
ଲାଗେ ସତେ ଯେମିତି
ମୁଁ ଅତୀତରେ ବଞ୍ଚୁଛି
ତୁମକୁ ଛୁଇଁ ପାରୁଛି
ତୁମ ମନକୁ ଜିଣି
ହୃଦୟରେ ଘର କରିଛି ।
ମାତ୍ର ଅତୀତ କେବେ
ବର୍ତ୍ତମାନ ହୋଇପାରେନା
ଅତୀତ ଓ ବର୍ତ୍ତମାନ ମଧ୍ୟରେ
ବହୁ ସମୟର ବ୍ୟବଧାନ
ଏ ଭିତରେ ତୁମେ ଅନ୍ୟଠି
ନବ ଚରିତ୍ରରେ
ନୂଆ କାହାଣୀ ଲେଖିସାରିଛ ।

+ ନୂଆପଡ଼ା
ମୋ: ୭୮୯୪୫୨୮୪୯୩

# କନ୍ଧମାଳର ବିଶିଷ୍ଟ ସଙ୍ଗୀତଜ୍ଞ ଓ ଯୁବ କଣ୍ଠଶିଳ୍ପୀ ଅସିତ୍ ନନ୍ଦ

କନ୍ଧମାଳ, ୧୩/୦୫ (ନି.ପ୍ର): କନ୍ଧମାଳ ମାଟିର କଳା ଓ ସଂସ୍କୃତିକୁ ନିଜ ସୁମଧୁର କଣ୍ଠଦାନ ମାଧମରେ ଋଦ୍ଧିମନ୍ତ କରିଛନ୍ତି ଜିଲ୍ଲାର ଉଦୀୟମାନ ଯୁବ କଣ୍ଠଶିଳ୍ପୀ ଅସିତ୍ କୁମାର ନନ୍ଦ, ଆଡସିପଡା ଅଂଚଳରେ ରହୁଥିବା ଜୟ ପ୍ରକାଶ ନନ୍ଦ ଓ କୁନ୍ତୀ ନନ୍ଦଙ୍କ ସୁପୁତ୍ର ଅସିତ୍, ବାପା ଜଣେ ଅବସରପ୍ରାପ୍ତ ଶିକ୍ଷକ ଅଟନ୍ତି। ଅସିତ୍ କେବଳ ଜଣେ ଉଚ୍ଚକୋଟିର ଗାୟକ ନୁହନ୍ତି ବରଂ ସେ ଜଣେ ଦକ୍ଷ ସଂଗୀତ ନିର୍ଦ୍ଦେଶକ ଓ ଗୀତିକାର ଭାବେ କନ୍ଧମାଳ ଜିଲ୍ଲା ଏବଂ ରାଜ୍ୟରେ ମଧ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କର ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ସେ 'ଇଲେକ୍ଟ୍ରୋ ହୋମେଓପାଥି'ରେ ଡିଗ୍ରୀ ହାସଲ କରିଥିଲେ ହେଁ, ପିଲାଟି ଦିନରୁ ସଂଗୀତ ଥିଲା ତାଙ୍କ ଜୀବନର ମୁଖ୍ୟ ବ୍ରତ। ସେ ଶାସ୍ତ୍ରୀୟ ସଂଗୀତରେ 'ସଂଗୀତ ବିଶାରଦ' ଶିକ୍ଷା ସମାପ୍ତ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଗୁରୁ ଶରତ ଚନ୍ଦ୍ର ପଟ୍ଟନାୟକଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିବା ବେଳେ, ପରବର୍ତୀ ସମୟରେ ବେତାର ଓ ଦୂରଦର୍ଶନର ପ୍ରତିଷ୍ଠିତ ଗୁରୁ ରାଜେନ୍ଦ୍ର ବେହେରାଙ୍କ ତତ୍ୱାବଧାନରେ ନିଜର ସାଧନା ଜାରି ରଖିଛନ୍ତି। ତାଙ୍କର ଏହି ଅତୁଳନୀୟ ପ୍ରତିଭା ପାଇଁ ସେ ବିଭିନ୍ନ ସମୟରେ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୨୦୦୫ ମସିହାରେ ରାଜ୍ୟସ୍ତରୀୟ ସ୍ମାର୍ଟ ଆୱାର୍ଡ଼, ୨୦୦୭ରେ ଦକ୍ଷିଣ ଓଡ଼ିଶା ସାହିତ୍ୟ ପରିଷଦ ସମ୍ମାନ, ୨୦୧୩ରେ ବନାନୀ ସାରସ୍ୱତ ସମ୍ମାନ ଏବଂ ୨୦୧୯ରେ ରାଷ୍ଟ୍ରୀୟ କଳାମଂଚ ସମ୍ମାନ ତାଙ୍କ ଶିଳ୍ପୀ ଜୀବନର ଶ୍ରେଷ୍ଠତା ପ୍ରତିପାଦନ କରେ। ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ଟିଭି ଚ୍ୟାନେଲ ଯଥା- ପ୍ରାର୍ଥନା, ତରଙ୍ଗ ମ୍ୟୁଜିକ୍, କଳିଙ୍ଗ ଟିଭି ଓ ନ୍ୟୁଜ-୭ ଭଳି କାର୍ଯ୍ୟକ୍ରମରେ ସେ ସଂଗୀତ ପରିବେଷଣ କରି ଦର୍ଶକଙ୍କ ମନ ଜିତିଛନ୍ତି। ୨୦ରୁ ଉର୍ଦ୍ଧ୍ୱ କ୍ୟାସେଟ ଓ ୟୁଟ୍ୟୁବ୍ ଗୀତରେ ସେ କଣ୍ଠଦାନ କରିବା ସହ ୧୦ରୁ ଉର୍ଦ୍ଧ୍ୱ ଗୀତରେ ସଂଗୀତ ନିର୍ଦ୍ଦେଶନା ମଧ ଦେଇଛନ୍ତି। ବିଶେଷ କରି କନ୍ଧମାଳ ମାଟିକୁ ନେଇ ତାଙ୍କର ତିନୋଟି ଜନପ୍ରିୟ ଗୀତ 'ପ୍ରେୟସୀ ମୋ ଫୁଲବାଣୀ', 'କନ୍ଧମାଳ ରଜା' ଏବଂ 'ମୋ କନ୍ଧମାଳ ହସୁଛି' ଶ୍ରୋତାଙ୍କ ମଧରେ ବେଶ୍ ଆଦୃତ ହୋଇଛି। ନିଜେ ଜଣେ ଶିଳ୍ପୀ ହେବା ସହ ସେ ନୂତନ ପିଢ଼ିକୁ ମଧ ସଂଗୀତ ଶିକ୍ଷା ପ୍ରଦାନ କରୁଛନ୍ତି। ବର୍ତମାନ ପ୍ରାୟ ୨୫ରୁ ଅଧିକ ଛାତ୍ରଛାତ୍ରୀ ତାଙ୍କ ଠାରୁ ସଂଗୀତ ଶିକ୍ଷା ଗ୍ରହଣ କରୁଛନ୍ତି। "ସାରା ଜୀବନ ସଂଗୀତର ଜଣେ ଛାତ୍ର ହୋଇ ରହିବାରେ ହିଁ ପ୍ରକୃତ ଆନନ୍ଦ ମିଳେ" ବୋଲି ଅସିତ୍ ପ୍ରକାଶ କରିଛନ୍ତି। ଜଣେ ନିଷ୍ଠାପର ସଂଗୀତ ସାଧକ ଭାବେ ତାଙ୍କର ଏହି ଯାତ୍ରା କନ୍ଧମାଳବାସୀଙ୍କ ପାଇଁ ଗର୍ବର ବିଷୟ ।

# ପିଏମ୍‌ଜି ଏବଂ ପ୍ରଗତି ଅଧିନରେ ଭିତିଭୂମି ଓ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

କେନ୍ଦ୍ରାପଡ଼ା, ୧୩/୦୫ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଆଜି ପ୍ରୋଜେକ୍ଟ ମନିଟରିଂ ଗ୍ରୁପ ଏବଂ ପ୍ରଗତି ଅଧିନରେ ଚାଲୁଥିବା ବିଭିନ୍ନ ଭିତିଭୂମି ଓ ପ୍ରମୁଖ ଉନ୍ନୟନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି, ସମସ୍ୟା ଏବଂ ସମାଧାନ ନେଇ ସବିଶେଷ ଆଲୋଚନା କରାଯାଇଥିଲା। ବୈଠକରେ ବିଦ୍ୟୁତ ପ୍ରକଳ୍ପ, ରାସ୍ତା ଓ ସେତୁ ନିର୍ମାଣ, ସ୍ୱାସ୍ଥ୍ୟ ଭିତିଭୂମି ବିକାଶ ଏବଂ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବିଶେଷକରି ଜମି ଅଧିଗ୍ରହଣ, ବିଭିନ୍ନ ବିଭାଗ ମଧରେ ସମନ୍ୱୟ ଅଭାବ ଏବଂ କାର୍ଯ୍ୟାନ୍ୱୟନ ସମୟରେ ଆସୁଥିବା ଅନ୍ତର ବିଭାଗୀୟ ସମସ୍ୟାଗୁଡ଼ିକ ଉପରେ ଗଭୀର ଆଲୋଚନା କରାଯାଇ ସେଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧରେ ଗୁଣାତ୍ମକ ଭାବେ ସାରିବା ପାଇଁ ସମସ୍ତ ବିଭାଗ ଓ ସଂସ୍ଥା ମଧରେ ସୁଦୃଢ଼ ସମନ୍ୱୟ ରଖିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଅଧିକାରୀମାନଙ୍କୁ ନିୟମିତ ତଦାରଖ କରିବା ସହ ବକେୟା କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ନାବାଳିକାକୁ ଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୧୩/୦୫ (ନି.ପ୍ର): ଜୟପୁର ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟ ଏକ ନାବାଳିକା ଦୁଷ୍କର୍ମ ଓ ନିର୍ଯ୍ୟାତନା ଏବଂ ଧମକ ଚମକ ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ଏହି ମାମଲାରେ ଅଭିଯୁକ୍ତଙ୍କ ବାପା, ମା ଓ ଭଉଣୀକୁ ଆବଶ୍ୟକ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି । ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର ଜଜ୍ ପ୍ରଜ୍ଞା ନଳନୀ ମିଶ୍ର ଏହି ମାମଲାର ବିଚାରଣ କରିବା ସହିତ ତାଙ୍କ ରାୟରେ ଅଭିଯୁକ୍ତ କାକିରିଗୁମ୍ମା ଥାନା ଡି. ପଂଚଡା ଗ୍ରାମର ଯୁବକ କାଲେବ ଗରଡା (୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ପୋକ୍ସ ଏବଂ ଅନ୍ୟାନ୍ୟ ବିଭିନ୍ନ ଦଫାରେ ସର୍ବାଧିକ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଏବଂ ଜରିମାନା ବାବଦକୁ ୨୬ ହଜାର ଟଙ୍କା ଏବଂ ଅନାଦେୟ ସ୍ଥଳେ ଅଧିକ ୧ ବର୍ଷ ୭ ମାସ କାରଦଣ୍ଡରେ ଦଣ୍ଡିତ କରିଛନ୍ତି । ସେହିପରି ନାବାଳିକା ଏବଂ ତାଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ଜିଲ୍ଲା ଆଇନସେବା ପ୍ରାଧିକରଣ ମାଧମରେ ଏବଂ ଦୋଷୀଙ୍କ ଠାରୁ ଆଦାୟ ଜରିମାନା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କ ବାପା ସାଧୁ ଗରଡା, ମା ମୁକ୍ତା ଗରଡା ଏବଂ ଭଉଣୀ ନନ୍ଦୁ ଗରଡାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ, କୋରାପୁଟ ଜିଲ୍ଲା କାକିରିଗୁମ୍ମା ଥାନା ଅଂଚଳରେ ୧୫ ବର୍ଷୀୟା ନାବାଳିକା ନଦୀକୁ ଗାଧୋଇ ଯାଉଥିବା ବେଳେ ଅଭିଯୁକ୍ତ ଜୋରଜବରଦସ୍ତ ଉଠାଇ ନେଇ ଜଙ୍ଗଲ ଭିତରେ ଦୁଷ୍କର୍ମ କରିଥିଲେ । ଏହିପରି କିଛି ଦିନ ପରେ ନାବାଳିକା ନିଜ ଘରକୁ ଯିବା ପାଇଁ ବସକୁ ଅପେକ୍ଷା କରିଥିବା ବେଳେ ଅଭିଯୁକ୍ତ ତାଙ୍କ ଗ୍ରାମକୁ ଛାଡିଦେବାକୁ କହି ନିଜ ବାଇକରେ ବସାଇ ଅନ୍ୟ ଏକ ଗ୍ରାମରେ ତାଙ୍କୁ ଦୁଇଦିନ ଏକ ଗୃହରେ ରଖି ବାରମ୍ବାର ଦୁଷ୍କର୍ମ କରିଥିଲେ । ଏହାପରେ ଅଭିଯୁକ୍ତ ନାବାଳିକାଙ୍କୁ ନେଇ ତାଙ୍କ ଗ୍ରାମରେ ଛାଡି ଦେଇଥିଲେ । ଏଥିନେଇ ଗ୍ରାମରେ ଏକ ବୈଠକ ମାଧମରେ ନାବାଳିକାଙ୍କୁ ଅଭିଯୁକ୍ତ ତାଙ୍କ ଘରକୁ ନେଇ ରଖିବା ନେଇ ସହମତି ମାଧମରେ ସମାଧାନ କରାଯାଇଥିଲା । ଏହିପରି ନାବାଳିକା ଅଭିଯୁକ୍ତଙ୍କ ଗୃହରେ କିଛି ଦିନ ରହିବା ପରେ ଅଭିଯୁକ୍ତ, ତାଙ୍କର ବାପା, ମା ଏବଂ ଭଉଣୀ ପୀଡିତାଙ୍କୁ ଗାଳିଗୁଲଜ ଏବଂ ମାଡମାରି ଘରରୁ ବାହାର କରିଦେଇଥିଲେ । ଶେଷରେ ନାବାଳିକା ନିଜ ବାପଘରକୁ ଫେରି ଆସି ଗତ ୨୦୨୫ ମସିହା ଜାନୁୟାରୀ ୧୬ ତାରିଖରେ କାକିରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରିଥିଲା । ତଦନ୍ତକାରୀ ଅଧିକାରୀ ଭାବେ ତତ୍କାଳିନ ଥାନା ଅଧିକାରୀ ଡମ୍ବରୁ ବାର୍ତିଆ ତଦନ୍ତ କରିବା ସହିତ ଅଭିଯୁକ୍ତ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଗିରଫ କରିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଆଇନଜୀବି ସୁରେଶ କୁମାର ହଡପ ମାମଲାକୁ ପରିଚାଳନା କରିଥିଲେ ।

# କଳାହାଣ୍ଡି ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ତ୍ରୟ ମାସିକ ଟାସ୍କ ଫୋର୍ସ ବୈଠକ

ଭବାନୀପାଟଣା, ୧୩/୦୫ (ନି.ପ୍ର): କଳାହାଣ୍ଡି ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣକୁ ଅଧିକ ଗତିଶୀଳ କରିବା ଉଦ୍ଦେଶ୍ୟରେ ତା. ୧୨.୦୫.୨୦୨୬ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର୍ବାନଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ କକ୍ଷରେ ଆୟୋଜିତ ହୋଇଥିଲା। ବୈଠକରେ ବାଲ୍ୟ ବିବାହ ନିରାକରଣ ପାଇଁ ଜିଲ୍ଲା କାର୍ଯ୍ୟ ଖସଡା ଅନୁମୋଦନ, ବାଲ୍ୟ ବିବାହ ରୋକଥାମ, କିଶୋରୀମାନଙ୍କ ସୁରକ୍ଷା, ଶିକ୍ଷାରେ ଅବିରତ ସହଭାଗୀତା, ଅବହେଳିତ ଶିଶୁଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ସମୁଦାୟ ସଚେତନତା ଓ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଆହୁରି ସୁଦୃଢ କରିବା ପାଇଁ ବିଭିନ୍ନ ପଦକ୍ଷେପ ଓ ରଣନୀତି ଉପରେ ଗଭୀର ଆଲୋଚନା କରାଯାଇଥିଲା।

ଅତିରିକ୍ତ ଜିଲ୍ଲାପାଳ ଉଦବୋଧନରେ କହିଥିଲେ ଯେ, "ବାଲ୍ୟ ବିବାହ ମୁକ୍ତ କଳାହାଣ୍ଡି ଗଠନ ପାଇଁ ପ୍ରଶାସନ, ସମୁଦାୟ, ଅଭିଭାବକ, ଶିକ୍ଷକ, ଧାର୍ମିକ ନେତା ଓ ଯୁବ ସମାଜଙ୍କ ସମନ୍ୱିତ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ। ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା, ସୁରକ୍ଷା ଓ ସୁନ୍ଦର ଭବିଷ୍ୟତର ଅଧିକାର ମିଳିବା ଦରକାର। ସେହିପରି, ବାଲ୍ୟ ବିବାହ ସମ୍ପର୍କିତ ସୂଚନା ମିଳିଲେ ତୁରନ୍ତ ପ୍ରତିକ୍ରିୟା ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ଲକ୍ ଓ ଗ୍ରାମ ସ୍ତରରେ ନିରୀକ୍ଷଣ ବ୍ୟବସ୍ଥାକୁ ଆହୁରି ସକ୍ରିୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣକୁ ଏକ ସାମାଜିକ ଆନ୍ଦୋଳନର ରୂପ ଦେବା ପାଇଁ ସମସ୍ତ ବିଭାଗ ଓ ସମୁଦାୟ ମିଶି କାମ କରିବାକୁ ବୈଠକରେ ଆହ୍ୱାନ କରିଥିଲେ।

କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଣୀ ମଜିବୁନ ନିଶା ସ୍ୱାଗତ ଅଭିଭାଷଣ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ପ୍ରୋଟେକ୍ସନ ଅଫିସର ସନ୍ଧ୍ୟାରାଣୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଜିଲ୍ଲା ମହିଳା ସଶକ୍ତିକରଣ ସଂଯୋଜକ ଅଧିକାରୀ ଯୋଗେଶ୍ୱର ବୁଦ୍ଧିଆ ଗତ ତିନି ମାସରେ ଶିଶୁ ସୁରକ୍ଷା ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ପାଓ୍ୱାରପଏଂଟ ମାଧମରେ ଉପସ୍ଥାପନା କରିଥିବା ବେଳେ ଏଡ୍-ଏଟ୍-ଆକ୍ସନ୍ ସଂଯୋଜକ ଦିବ୍ୟରଞ୍ଜନ ଯୋଷି ବାଲ୍ୟ ବିବାହ ନିରାକରଣ ପାଇଁ ଜିଲ୍ଲା କାର୍ଯ୍ୟ ଖସଡ଼ା ଉପସ୍ଥାପନା କରିଥିଲେ । ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ନିହାରେନ୍ଦ୍ର ପଣ୍ଡା, ଶିଶୁ ମଙ୍ଗଳ ସମିତି ଅଧକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ଶିଶୁ ମଙ୍ଗଳ ସମିତି ମେମ୍ବର ବିଶ୍ୱନାଥ ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିନେଶ କହ୍ନର, ସହକାରୀ ଶ୍ରମ ଅଧିକାରୀ ଜିତମ ମାଝୀ, ଜିଲ୍ଲା ପଂଚାୟତ ଅଧିକାରୀ ବିଶ୍ୱନାଥ ରାଉତ, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢି, ଜିଲ୍ଲା ସମାଜ ଅଧିକାରୀ ଜାନକୀ ବଲ୍ଲଭ ସାମନ୍ତରାୟ, ଜିଲ୍ଲା ସଂଯୋଜକ ଆଭା ବଦ୍ରିନାଥ ସାହୁ , କର୍ତବ୍ୟ ଏବଂ ସେବାଜଗତ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ପୋଲିସ ବିଭାଗ, ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସ୍ୱାସ୍ଥ୍ୟ ବିଭାଗ, ୟୁନିସେଫ୍ ଏବଂ ବିଭିନ୍ନ ସହଯୋଗୀ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଗ୍ରାମ ପଂଚାୟତ ସ୍ତରରେ ଚାଲୁଥିବା ସଚେତନତା କାର୍ଯ୍ୟକ୍ରମ, ବିବାହ ପୂର୍ବ ସୂଚନା ରେଜିଷ୍ଟରର ରକ୍ଷଣାବେକ୍ଷଣ, ସନ୍ଦିଗ୍ଧ ବାଲ୍ୟ ବିବାହ ଚିହ୍ନଟ ଓ ତ୍ୱରିତ ରେସ୍କ୍ୟୁ କାର୍ଯ୍ୟର ସମୀକ୍ଷା କରାଯାଇଥିଲା।

# ୪ ଜିଲ୍ଲାର ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୧୩/୦୫ (ନି.ପ୍ର): କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି ପକ୍ଷରୁ କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର ଓ ଯାଜପୁର ଜିଲ୍ଲାର ଚଳିତ ବର୍ଷର ମାଟ୍ରିକ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ରାପଡ଼ା ସହର ହୋଟେଲ ଗୋଲଡେନ ପ୍ୟାଲେସରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଜିଲ୍ଲା ଟପ୍ପର ମାନଙ୍କୁ ଉପଢୌକନ ଓ ଅର୍ଥ ରାଶି ସହ ସମିତିର ସଭାପତି ବିଶିଷ୍ଟ ସମବାୟବିତ ଶ୍ରୀ ପ୍ରମୋଦ କୁମାର ସାହୁ ସମ୍ବର୍ଦ୍ଧିତ କରିଥିଲେ। ଏହି ପ୍ରତିଭାମାନେ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଖରିନାସୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଦେବଦର୍ଶୀ ମଣ୍ଡଳ, କଟକ ଜିଲ୍ଲା ମାହାଙ୍ଗା ବ୍ଲକ ହଳଦିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ଜନ୍ମେଜୟ ମହାନ୍ତି, ଯାଜପୁର ଜିଲ୍ଲା ନୀଳକଣ୍ଠପୁର ସତ୍ୟସାଇ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ ସାହୁ, ଜଗତସିଂହପୁର ଜିଲ୍ଲା ନାଉଗାଁହାଟ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଗାୟତ୍ରୀ ପଲାଇ। ଏହି ଅବସରରେ ଶ୍ରୀ ସାହୁ କହିଲେ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଦ୍ୱାରା ସେମାନଙ୍କ ମଧରେ ଉତ୍ସାହ ଓ ଆଗ୍ରହ ବୃଦ୍ଧି ପାଇଥାଏ। ଏହାଦ୍ୱାରା ସେମାନେ ନିଜ ଲକ୍ଷ୍ୟସ୍ଥଳରେ ପହଂଚିବା ସହଜ ହୋଇଥାଏ। ସମିତି ପ୍ରତିବର୍ଷ ମାଟ୍ରିକ ଟପ୍ପର, ଯୁକ୍ତଦୁଇ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରିଥାଏ। ସେହିପରି ବନ୍ୟା, ବାତ୍ୟା, ପ୍ରାକୃତିକ ଦୁର୍ବିପାକ ସମୟରେ ବିପନ୍ନମାନଙ୍କୁ ସହାୟତାର ହାତ ବଢାଇ ଥାଏ। ଏହାସହ ଦୁରାରୋଗ୍ୟରେ ପଡ଼ିଥିବା ରୋଗୀମାନଙ୍କୁ ମଧ ସହାୟତାର ହାତ ବଢ଼ାଇ ଥାଏ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ ଅରବିନ୍ଦ ସାହୁ, ଅତିରିକ୍ତ ସମ୍ପାଦକ ମନୋଜ କୁମାର ସାହୁ, ନୋଡାଲ ମ୍ୟାନେଜର ଦିଲ୍ଲୀପ କୁମାର ସ୍ୱାଇଁ, ମୁଖ୍ୟ କାର୍ଯ୍ୟାଳୟ ପରିଚାଳିକା ଅନୁରକ୍ତା ସାମନ୍ତରାୟ, ମୁଖ୍ୟ ଶାଖାର ବରିଷ୍ଠ ଶାଖା ପରିଚାଳକ ପଙ୍କଜ କୁମାର ମଲ୍ଲିକ, ଅଡିଟ ଅଫିସର ମଦନ ମୋହନ ଖୁଂଟିଆ, ଆକାଉଂଟସ ଅଫିସର ତ୍ରିଲୋଚନ ପାତ୍ର, ଋଣ ପରିଚାଳକ ସୟଦ ଅନଓ୍ୱାରଙ୍କ ସମେତ କୃତୀ ଛାତ୍ର ଛାତ୍ରୀଙ୍କ ପିତାମାତା ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅବୈଧ ଏଲପିଜି ଗ୍ୟାସ୍ ରିଫିଲିଂ କଳାବଜାରୀରେ ଚଢ଼ଉ: ପିକଅପ ସହ ୬୦ରୁ ଉର୍ଦ୍ଧ୍ୱ ସିଲିଣ୍ଡର ଜବତ

ସମ୍ବଲପୁର, ୧୩/୦୫ (ନି.ପ୍ର): ସମ୍ବଲପୁର ଜିଲ୍ଲା ଯୁଯୁମୁରା ଥାନା ଅଂଚଳରେ ଚାଲୁଥିବା ଅବୈଧ ଏଲପିଜି ଗ୍ୟାସ ରିଫିଲିଂ ଓ କଳାବଜାରୀ ରାକେଟ୍ ର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ଜଣେ ଯୁବକଙ୍କୁ ପୋଲିସ ଅଟକ ରଖିଥିବା ବେଳେ ଜଣେ ଅପ୍ରାପ୍ତ ବୟସ୍କଙ୍କୁ ମଧ ଧରିଛି । ଯୁଯୁମୁରା ଥାନାର କେସ୍ ୮୫/୨୬ ଅନୁସାରେ ୧୨ ତାରିଖ ଭୋର ସମୟରେ ଯୁଯୁମୁରା ଅଂଚଳର ଚର୍ଚ୍ଚିତ ରାଜସ୍ଥାନୀ ଢାବାରେ ପୋଲିସ ଚଢ଼ଉ କରିଥିଲା। ଚଢ଼ଉ ବେଳେ ସେଠାରେ ଅବୈଧ ଭାବେ ଏଲପିଜି ଗ୍ୟାସ ରିଫିଲିଂ କାରବାର ଚାଲୁଥିବା ଧରାପଡ଼ିଥିଲା। ତଦନ୍ତରେ ଜଣାପଡ଼ିଛି ଯେ, ଗତ ତିନି ମାସ ଧରି ଗିରିଧାରୀ ରାମଜୀ ନେତୃତ୍ୱରେ ଢାବା ମାଲିକ ସୋହନ ମିଳିତ ଭାବେ ଅବୈଧ ଗ୍ୟାସ କାରବାର କରୁଥିଲେ। ଅଭିଯୁକ୍ତମାନେ ବ୍ୟବସାୟିକ ଗ୍ୟାସ ସିଲିଣ୍ଡରରୁ ଖାଲି ସିଲିଣ୍ଡରକୁ ଅବୈଧ ଭାବେ ଗ୍ୟାସ ଭରୁଥିଲେ। ପାରାଦୀପରୁ ରାୟପୁର ଓ ଅନ୍ୟାନ୍ୟ ସ୍ଥାନକୁ ଯାଉଥିବା ଗ୍ୟାସ ଭର୍ତି ଟ୍ରକ୍ ଗୁଡ଼ିକ ଏହି ଢାବାରେ ଅଟକୁଥିବା ବେଳେ କେତେକ ଚାଳକଙ୍କ ସହଯୋଗରେ ଏହି ଗ୍ୟାସ ଚୋରାଚାଲାଣ କରାଯାଉଥିଲା। ବର୍ତମାନ ଗ୍ୟାସ ଅଭାବର ସୁଯୋଗ ନେଇ ଅଭିଯୁକ୍ତମାନେ ନିକଟସ୍ଥ ଢାବା ଓ ହୋଟେଲ ଗୁଡ଼ିକୁ ଚଢା ଦରରେ ଅବୈଧ ଗ୍ୟାସ ସିଲିଣ୍ଡର ବିକ୍ରି କରି ବେଶ୍ ମୋଟା ଅଙ୍କର ଅର୍ଥଲାଭ କରୁଥିଲେ। ଚଢ଼ଉ ସମୟରେ ପୋଲିସ ୪୦ଟି ବ୍ୟବସାୟିକ ଗ୍ୟାସ ସିଲିଣ୍ଡର, ୨୨ଟି ଘରୋଇ ସିଲିଣ୍ଡର ଏବଂ ସିଜି ୦୭ ବିଓ୍ୱାଇ ୯୨୩୮ ନମ୍ବରର ଏକ ପିକଅପ୍ ଗାଡ଼ି ଜବତ କରିଛି। ଏହି ଘଟଣାରେ ସୁବାଶ ବିଷ୍ଣୋଇ ନାମକ ଜଣେ ୧୯ ବର୍ଷିୟ ଯୁବକଙ୍କୁ ଅଟକ ରଖିବା ସହ ଜଣେ ଅପ୍ରାପ୍ତ ବୟସ୍କ ପିଲାକୁ ମଧ ଧରିଥିବା ଜଣାପଡ଼ିଛି । ପୋଲିସ ଏହି ଅବୈଧ ଗ୍ୟାସ୍ ଚୋରାଚାଲାଣ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ହାତୀପଲ ବାହାନାରେ ଅଘୋଷିତ ବିଦ୍ୟୁତ କାଟ: ଅଂଚଳରେ ଉତ୍ତେଜନା, ରାସ୍ତାରୋକ ଜାରି

ବଲାଙ୍ଗିର, ୧୩/୦୫ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଅଂଚଳରେ ଏକ ପୁରୁଣା କଥା ଅଛି ଯେ,ଏଠି ପତ୍ର ହଲିଲେ ଲାଇଟ ଯାଏ ହେଲେ ଏବେ ସେହି ପତ୍ର ହଲା ବାହାନାକୁ ବିଦ୍ୟୁତ ବିଭାଗ ବାଏ ବାଏ କହି ସାରିଥିବା ବେଳେ ହାତୀ ପଲଙ୍କ ଯାତାୟାତକୁ ନୂଆ ଆଳ କରି ଅଘୋଷିତ ବିଦ୍ୟୁତ କାଟ ଜାରି ରଖିଛି। ବିଭାଗର ଏଭଳି ମନମୁଖୀ କାର୍ଯ୍ୟ ବିରୁଦ୍ଧରେ ମୁରିବାହାଲ ବ୍ଲକର ବଡ଼ସାଇମରା, ଇଛାପଡ଼ା, ଚଲକି, ବାନ୍ଧୁପଲା ଓ ସତୀଘାଟ ଅଂଚଳରେ ଏବେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇଛି କ୍ଷ ପ୍ରବଳ ଖରା ହେଉଥିବା ବେଳେ ବିଗତ ଚାରି ଦିନ ଧରି ବିଦ୍ୟୁତ କାଟ ହୋଇଥିବାରୁ ସାଧାରଣ ଜନଜୀବନ ଅତିଷ୍ଠ ହୋଇପଡ଼ିଛି। ବିଜୁଳି ନଥିବାରୁ କୁନି କୁନି ଶିଶୁମାନେ ଅସହ୍ୟ ଗରମରେ ଛଟପଟ ହେଉଥିବା ବେଳେ ବୃଦ୍ଧବୃଦ୍ଧା ଓ ରୋଗୀମାନେ ନାହିଁ ନଥିବା ଯନ୍ତ୍ରଣା ଭୋଗୁଛନ୍ତି। ବିଶେଷ କରି ସନ୍ଧ୍ୟା ହେଲେ ଅନ୍ଧାର ଯୋଗୁଁ ପିଲାଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି ଏବଂ ପାନୀୟ ଜଳ ପାଇଁ ମଧ ଲୋକେ ହାହାକାର କରୁଛନ୍ତି। ଏହାର ପ୍ରତିବାଦରେ ଗତକାଲି ସତୀଘାଟ, ଇଛାପଡ଼ା, ଚଲକି, ବାନ୍ଧୁପଲା ସମେତ ଆଖପାଖ ଗ୍ରାମର ଶତାଧିକ ଲୋକ ଗୁଡ଼ିଘାଟ-ମୁରିବାହାଲ ମୁଖ୍ୟ ପଥକୁ ଅବରୋଧ କରିଥିଲେ। ଗତକାଲି ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ରାସ୍ତାରୋକ ହେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଆଜି ପୁଣି ବଡ଼ସାଇମରା, ଚଲକି ଓ ବାନ୍ଧୁପଲାର ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏକଜୁଟ ହୋଇ ବିଦ୍ୟୁତ ଗ୍ରୀଡ୍ ସମ୍ମୁଖରେ ଧାରଣା ଦେବା ସହ ଘେରାଉ କରିଛନ୍ତି। ବିଭାଗୀୟ ଅବହେଳା କାରଣରୁ ଗ୍ରାମବାସୀମାନେ ଅନ୍ଧାରରେ ରହି ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିବା ଯୋଗୁଁ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଖବର ପାଇ ମୁରିବାହାଲ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ଶାନ୍ତ କରିବାକୁ ପ୍ରୟାସ ଜାରି ରଖିଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟୁତ ବିଭାଗ କେବଳ ହାତୀଙ୍କ ଆଳ ଦେଖାଇ ଲାଇଟ କାଟୁଛି। ହାତୀଙ୍କର ଗତିବିଧି ଯେଉଁ ସୀମିତ ଅଂଚଳରେ ରହୁଛି ସେଠାରେ ସତର୍କତା ପଦକ୍ଷେପ ସ୍ୱରୂପ ବିଦ୍ୟୁତ କାଟ କରାଯାଉ, ଆମେ ମନା କରୁନାହୁଁ କିନ୍ତୁ ବିନା କାରଣରେ ସମଗ୍ର ଅଂଚଳର ବିଜୁଳି ସଂଯୋଗ ବନ୍ଦ ରଖି ସାଧାରଣ ଜନତାଙ୍କୁ ହଇରାଣ କରିବା ଠିକ୍ ନୁହେଁ। ବିଭାଗୀୟ କର୍ମଚାରୀଙ୍କ ଏପରି ମନମୁଖୀ କାର୍ଯ୍ୟକୁ ଗ୍ରାମବାସୀମାନେ ଦୃଢ଼ ନିନ୍ଦା କରିବା ସହ ତୁରନ୍ତ ବିଦ୍ୟୁତ ସେବା ସ୍ୱାଭାବିକ କରିବାକୁ ଜିଦ୍ ଧରିଛନ୍ତି। ଯଦି ଆଗାମୀ ସମୟରେ ବିଭାଗ ତରଫରୁ ବିଦ୍ୟୁତ ସେବା ସ୍ୱାଭାବିକ୍ କରାନଯାଏ ଏବଂ ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦିଆନଯାଏ ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

# ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, ୧୩/୦୫ (ନି.ପ୍ର): ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କ ପରଲୋକରେ ଏଆଇଟିୟୁସି ଜିଲ୍ଲା ସଭାପତି ବାବାଜୀ ଧଳଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ତାଙ୍କୁ ଶେଷ ସମ୍ମାନ ପ୍ରଦର୍ଶନ କରାଯିବା ସହ ତାଙ୍କର ସାଂଗଠନିକ ଦକ୍ଷତା, କର୍ମମୟ ଜୀବନ ବିଷୟରେ ସ୍ମୃତିଚାରଣ କରାଯାଇ ଥିଲା। ରମଣୀ ରଞ୍ଜନ ରାଉତରାୟ, ଗୟାଧର ଧଳ, ଜଗତଜୀବନ ଦାଶ, ମୁକ୍ତାର ଖାଁ, ଶ୍ରମିକ ନେତା ମାଧବ ଦାସ, ଆଦିକନ୍ଦ ରାଉଳ, ପ୍ରାଧପକ ଡ଼ଃ ଗିରିଶ ପାତ୍ର, ଶିଶିର କୁମାର ରାଉତ, ଅଧାପକ ବିରେନ କୁମାର ରାଉତ, ହରପ୍ରସାଦ ଜେନା, ଜଳନ୍ଧର ସାହୁ, ସୌମ୍ୟରଞ୍ଜନ ଧଳ ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ।

# ଆଇଆଇଏମ ସମ୍ବଲପୁର ପକ୍ଷରୁ ଦ୍ୱିତୀୟ ବ୍ୟାଚ୍ ସ୍ନାତକ ପାଠ୍ୟକ୍ରମ ପାଇଁ ଆବେଦନ ଆହ୍ୱାନ

ସମ୍ବଲପୁର, ୧୩/୦୫ (ନି.ପ୍ର): ଭାରତର ଅନ୍ୟତମ ପ୍ରତିଷ୍ଠିତ ପରିଚାଳନା ଶିକ୍ଷାନୁଷ୍ଠାନ ଭାରତୀୟ ପ୍ରବନ୍ଧନ ସଂସ୍ଥାନ ଆଇଆଇଏମ ସମ୍ବଲପୁର, ୨୦୨୬ ଶିକ୍ଷାବର୍ଷ ପାଇଁ ଏହାର ଦ୍ୱିତୀୟ ବ୍ୟାଚ୍ ଚାରି ବର୍ଷିଆ ବିଜ୍ଞାନ ସ୍ନାତକ (ବି.ଏସ.) ପାଠ୍ୟକ୍ରମ ପାଇଁ ଆବେଦନ ଆହ୍ୱାନ କରୁଛି। ଏହି ଅନୁଷ୍ଠାନରେ ଦୁଇଟି ବିଜ୍ଞାନ ସ୍ନାତକ ପାଠ୍ୟକ୍ରମ ରହିଛି - ଡାଟା ସାଇନ୍ସ ଏଣ୍ଡ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ବି.ଏସ.ଏବଂ ମ୍ୟାନେଜମେଂଟ ଏଣ୍ଡ ପବ୍ଲିକ ପଲିସିରେ ବି.ଏସ.। ଜାତୀୟ ଶିକ୍ଷା ନୀତି (ଏନ.ଇ.ପି.) ୨୦୨୦ ର ଲକ୍ଷ୍ୟକୁ ଧ୍ୟାନରେ ରଖି ଏହି ଦୁଇଟି ଯାକ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ସାମ୍ପ୍ରତିକ ବୃତିଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଗୁଡ଼ିକରେ ଡାଟା ସାଇନ୍ସ, ପରିଚାଳନା, ସର୍ବସାଧାରଣ ନୀତି ଏବଂ ସ୍ଥାୟୀତ୍ୱ ପରି ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଛାତ୍ରଛାତ୍ରୀମାନଙ୍କୁ ବର୍ତମାନର କାର୍ଯ୍ୟ ସଂସ୍କୃତି ପାଇଁ ଆବଶ୍ୟକ ବୈଷୟିକ ଏବଂ କୋମଳ ଦକ୍ଷତା ହାସଲ କରିବାର ସୁଯୋଗ ପ୍ରଦାନ କରୁଛି। ସ୍ନାତକ ପାଠ୍ୟକ୍ରମର ପ୍ରମୁଖ ବିଶେଷତ୍ୱରେ ନୂତନ ଶିଳ୍ପ ଧାରା ଏବଂ ଏକାଡେମିକ ଅନୁସନ୍ଧାନ ସହିତ ସମାନତା ରକ୍ଷା କରୁଥିବା ପାଠ୍ୟଖସଡ଼ା। ବହୁମୁଖୀ ପାଠ୍ୟକ୍ରମ ଯାହା ପରିଚାଳନା, ବିପଣନ, ପ୍ରଯୁକ୍ତିବିଦ୍ୟା, ଏ.ଆଇ., ପରିଚାଳନା ପ୍ରକ୍ରିୟା, ନୀତି ଏବଂ ବିଶ୍ଳେଷଣକୁ ଏକତ୍ର କରିଥାଏ। ଲାଇଭ୍ ପ୍ରୋଜେକ୍ଟ, ଇଣ୍ଟର୍ନସିପ୍, ଶିଳ୍ପ ସହଯୋଗ ଏବଂ କ୍ଷେତ୍ର ଅନୁସନ୍ଧାନ ମାଧମରେ ବାସ୍ତବ ଦୁନିଆର ଅଭିଜ୍ଞତା। ଶେଷ ବର୍ଷରେ କ୍ୟାପଷ୍ଟୋନ୍ ପ୍ରୋଜେକ୍ଟ ଏବଂ ନିବନ୍ଧ (ଡିସର୍ଟେସନ୍) ଯାହା ବାସ୍ତବ ଜୀବନର ସମସ୍ୟାର ସମାଧାନ କରିଥାଏ। ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା ସଂସ୍ଥା ଏବଂ ଏ.ଆଇ. ବିଶେଷଜ୍ଞଙ୍କ ସହାୟତାରେ ପ୍ରସ୍ତୁତ ଶିଳ୍ପ-କୈନ୍ଦ୍ରିକ ମଡ୍ୟୁଲ୍। ଏନ.ଇ.ପି. ୨୦୨୦ ଅନୁଯାୟୀ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରସ୍ଥାନ ପ୍ରମାଣପତ୍ର (୧ମ ବର୍ଷ), ଡିପ୍ଲୋମା (୨ୟ ବର୍ଷ), ଡିଗ୍ରୀ (୩ୟ ବର୍ଷ), ଅନର୍ସ (୪ର୍ଥ ବର୍ଷ)। ଆନ୍ତଃ-ଶୃଙ୍ଖଳିତ ଏବଂ ଦକ୍ଷତା ଭିତିକ ଶିକ୍ଷାକୁ ସମର୍ଥନ କରିବା ପାଇଁ 'କୋର୍ସେରା'ର ସମନ୍ୱିତ ସୁବିଧା। ଏହି ପାଠ୍ୟଖସଡ଼ା ଅନୁଭୂତି ଏବଂ ପ୍ରୟୋଗାତ୍ମକ ଶିକ୍ଷା ଉପରେ ଆଧାରିତ, ଯେଉଁଥିରେ ଏ.ଆଇ. ସକ୍ଷମ ଶ୍ରେଣୀଗୃହ, ଶିଳ୍ପ ସହଯୋଗ, ବ୍ୟବହାରିକ ପ୍ରୟୋଗ, କେସ୍-ଷ୍ଟଡି ଭିତିକ ଶିକ୍ଷାଦାନ ଏବଂ ଶିଳ୍ପ ବିଶେଷଜ୍ଞଙ୍କ ଦ୍ୱାରା କର୍ମଶାଳା ଆୟୋଜନ କରାଯାଏ। ଛାତ୍ରଛାତ୍ରୀମାନେ କର୍ପୋରେଟ୍ ଇଂଟର୍ନସିପ୍ (୪ ସପ୍ତାହ ପାଇଁ) ଏବଂ ସାମାଜିକ ଇଂଟର୍ନସିପ୍ (୨ ସପ୍ତାହ ପାଇଁ) କରିବାର ସୁଯୋଗ ପାଇବେ, ଯାହା ଦ୍ୱାରା ସେମାନେ ବିଭିନ୍ନ ବିଷୟରେ ବ୍ୟବହାରିକ ଜ୍ଞାନ ଏବଂ ଅଭିଜ୍ଞତା ହାସଲ କରିପାରିବେ। ଏହି ବିଷୟରେ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୈସଓ୍ୱାଲ କହିଛନ୍ତି, ଏହି ବି.ଏସ. ପାଠ୍ୟକ୍ରମଗୁଡ଼ିକ ପାରମ୍ପରିକ ତାତ୍ତ୍ୱିକ ଶିକ୍ଷାରୁ ଉର୍ଦ୍ଧ୍ୱକୁ ଯାଇ ଏକ ଅଭ୍ୟାସ-କୈନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ସମାଲୋଚନାତ୍ମକ ଚିନ୍ତାଧାରା, ଡିଜାଇନ୍ ଚିନ୍ତାଧାରା, ସିମ୍ୟୁଲେସନ୍ ଏବଂ ବ୍ୟକ୍ତିଗତ ବ୍ରାଣ୍ଡିଂ ମାଧମରେ ଆମର ଛାତ୍ରଛାତ୍ରୀ ମାନେ ଜଟିଳ ବାସ୍ତବିକ ଆହ୍ୱାନ ଗୁଡ଼ିକର ସମାଧାନ କରିବା ପାଇଁ ସକ୍ଷମ ହେବେ। ପ୍ରଯୁକ୍ତିବିଦ୍ୟା ଏବଂ ଡାଟା-ଚାଳିତ ନିଷ୍ପତି ଗ୍ରହଣ ଉପରେ ଅଧିକ ଗୁରୁତ୍ୱ ଦେଇ ଆମେ ଭବିଷ୍ୟତର ନେତୃତ୍ୱ ଗଠନ କରିବାକୁ ଲକ୍ଷ୍ୟ ରଖିଛୁ। ନମନୀୟତା, ଆନ୍ତଃ-ଶୃଙ୍ଖଳିତ ଶିକ୍ଷା ଏବଂ ଶିଳ୍ପ ସମନ୍ୱୟ ଉପରେ ଧ୍ୟାନ ଦେଇ ଆଇଆଇଏମ ସମ୍ବଲପୁରର ବି.ଏସ. ପାଠ୍ୟକ୍ରମ ସ୍ନାତକ ଶିକ୍ଷାରେ ନୂତନ ମାନଦଣ୍ଡ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଛାତ୍ରଛାତ୍ରୀଙ୍କୁ ଡାଟା, ନବସୃଜନ, ପ୍ରଶାସନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ବୃତି ଗଠନ ପାଇଁ ପ୍ରସ୍ତୁତ କରିବ।

# ନାବାଳିକା ଅପହରଣ ମାମଲା : ଦୋଷୀକୁ ୨ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୧୩/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ସିମିଳିଗୁଡ଼ା ଥାନା ଅନ୍ତର୍ଗତ ଉପରମାନିଆ ଗ୍ରାମର ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତ ନରେଶ ବିରୟ ଓରଫ ପ୍ରଧାନ (୨୫)ଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦୦୦ ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜୟପୁର ଅତିରିକ୍ତ ଜିଲ୍ଲା ଓ ଦାୟିତ୍ୱ ଜଜ୍ ତଥା ପୋକ୍ସୋ କୋର୍ଟ ସୁଶ୍ରୀ ଡଃ. ସଙ୍ଘମିତ୍ରା ଦାସ ଆଜି ଏହି ରାୟ ଘୋଷଣା କରିଛନ୍ତି। ଥାନା ମାମଲା ନମ୍ବର ୭୩/୨୦୨୦ ଅନୁଯାୟୀ ଅପହରଣ ଘଟଣାରେ ମୋଟ ୮ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତି କରି ଏହି ରାୟ ଦିଆଯାଇଛି। ଅଦାଲତ ଅଭିଯୁକ୍ତ ନରେଶ ବିରୟ ଓରଫ ପ୍ରଧାନଙ୍କୁ ଭାରତୀୟ ଦଣ୍ଡ ବିଧି (ଆଇପିସି) ଧାରା ୩୬୩ ଅନୁଯାୟୀ ୨ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫୦୦୦ ଟଙ୍କା ଜରିମାନା, ଧାରା ୩୪୧ ଅନୁଯାୟୀ ୧ ମାସ କାରାଦଣ୍ଡ ସହ ୫୦୦ ଟଙ୍କା ଜରିମାନା ଏବଂ ଧାରା ୫୦୬ ଅନୁଯାୟୀ ୬ ମାସ କାରାଦଣ୍ଡ ସହ ୧୦୦୦ ଟଙ୍କା ଜରିମାନା ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତକୁ ଅତିରିକ୍ତ ୪ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ସରକାରଙ୍କ ପକ୍ଷରୁ ସ୍ୱାଧୀନ ଓକିଲ ପି. ସନ୍ୟାସୀ ରାଓ ମାମଲାର ପରିଚାଳନା କରିଥିଲେ। ଏହି ରାୟକୁ ସ୍ଥାନୀୟ ଲୋକେ ସ୍ୱାଗତ କରିଛନ୍ତି ଏବଂ ନାବାଳିକା ସୁରକ୍ଷା ପାଇଁ ଆଇନର କଡ଼ା କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଛନ୍ତି ।ଘଟଣା ଅନୁଯାୟୀ, ସିମିଳିଗୁଡ଼ା ଅଂଚଳର ଉପରମାନିଆ ଗ୍ରାମରେ ଏହି ଅପହରଣ ଘଟଣା ଘଟିଥିଲା। ପୋଲିସ ତଦନ୍ତ ପରେ ନରେଶ ବିରୟ ଓରଫ ପ୍ରଧାନଙ୍କୁ ଗିରଫ କରି ଚାର୍ଜସିଟ୍ ଦାଖଲ କରିଥିଲା। ଦୀର୍ଘ ବିଚାର ପ୍ରକ୍ରିୟା ପରେ ସେ ଆଜି ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଛନ୍ତି।

# ଓଡ଼ିଶା ସୀମାରେ ପଶ୍ଚିମବଙ୍ଗ ମାଫିଆଙ୍କ କ୍ୟାମ୍ପ: ସରକାର ବଦଳିବା ପରେ ଚୋରା ଗୋରୁ ଚାଲାଣରେ ପଡ଼ିଛି ବ୍ରେକ୍



ଜଳେଶ୍ୱର , ୧୩/୫ (ନି.ପ୍ର): ପଶ୍ଚିମବଙ୍ଗରେ ରାଜନୈତିକ ପରିବର୍ତ୍ତନର ପ୍ରଭାବ ଏବେ ଓଡ଼ିଶା ସୀମାନ୍ତରେ ଦେଖିବାକୁ ମିଳିଛି।ଦିନେ ଯେଉଁ ବାଟ ଦେଇ ଶହ ଶହ ଗୋରୁ ବୋଝେଇ କଣ୍ଟେନର ନିର୍ଭୟରେ ପଶ୍ଚିମବଙ୍ଗକୁ ଯାଉଥିଲା, ଆଜି ସେହି ବାଟରେ ମାଫିଆଙ୍କ ଗାଡ଼ି ଚକା ବନ୍ଦ ହୋଇଯାଇଛି। ପଶ୍ଚିମବଙ୍ଗରେ ସରକାର ବଦଳିବା ପରେ ପ୍ରଶାସନିକ କଠୋରତା ଓ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ ଏବେ ବିପଦରେ ପଡ଼ିଛନ୍ତି ଗୋ-ବ୍ୟବସାୟୀ।ନିଜକୁ ବଞ୍ଚାଇବା ପାଇଁ ଏବେ ଓଡ଼ିଶାର ସୀମାନ୍ତ ଗାଁଗୁଡ଼ିକୁ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରୁଛନ୍ତି ବଙ୍ଗୀୟ ମାଫିଆ। ସୀମାନ୍ତ ଗାଁରେ ଲୁଚାଯାଇଛି ଶହ ଶହ ଗୋରୁ। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ଶ୍ୟାମନଗର ପଞ୍ଚାୟତର ଚନ୍ଦ୍ରପୁର ଗ୍ରାମରେ ଏଭଳି ଏକ ଚୋରା କାରବାରର ପର୍ଦ୍ଦାଫାଶ ହୋଇଛି। ପଶ୍ଚିମବଙ୍ଗର କୁଖ୍ୟାତ ଗୋ-ମାଫିଆ ଜାକିର ହୁସେନ ନିଜର ବ୍ୟବସାୟ ବଞ୍ଚାଇବା ପାଇଁ ଓଡ଼ିଶାର ସୀମାନ୍ତବର୍ତ୍ତୀ ଗ୍ରାମର କ୍ଷିତିଷ ମହାନ୍ତଙ୍କ ବାଡ଼ିରେ ୪୦ରୁ ଅଧିକ ଗୋରୁଙ୍କୁ ଲୁଚାଇ ରଖିଥିଲେ। ପଶ୍ଚିମବଙ୍ଗର ଖଡ଼ିକା ଓ ବାଲିଗଡ଼ିଆ ହାଟରେ ବିକ୍ରି ପାଇଁ ଯାଇଥିବା ଏହି ଗୋରୁଗୁଡ଼ିକୁ ଏବେ ଓଡ଼ିଶା ମାଟିରେ ଗଚ୍ଛିତ ରଖାଯାଇଛି। ପୂର୍ବରୁ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସରକାର ସମୟରେ ଏହି ବେଆଇନ କାରବାର ପ୍ରୋତ୍ସାହନ ପାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।ମାତ୍ର ନିକଟରେ ଶେଷ ହୋଇଥିବା ନିର୍ବାଚନରେ ସେଠାରେ ସରକାର ବଦଳିବା ପରେ ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟପାଲଟ ହୋଇଯାଇଛି।ନୂତନ ସରକାରଙ୍କ କଠୋର ଆଭିମୁଖ୍ୟ ଏବଂ ସାଧାରଣ ଜନତାଙ୍କ ଜରୁରୀ ପ୍ରତିରୋଧ ଯୋଗୁଁ ମାଫିଆମାନେ ଏବେ ପଶ୍ଚିମବଙ୍ଗ ଭିତରକୁ ଗୋରୁ ନେବାକୁ ସାହସ କରିପାରୁନାହାନ୍ତି। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସରକାର ଗଲା ପରେ ଏବେ ଲୋକେ ବିରୋଧ କରୁଛନ୍ତି। ସେଥିପାଇଁ ବାହାରୁ ଆସୁଥିବା ଗୋରୁଙ୍କୁ ଏଠାରେ ଲୁଚାଇ ରଖାଯାଇଛି। ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଦଲାଲଙ୍କ ଜରିଆରେ ଗୋରୁ ସଂଗ୍ରହ କରି ପଶ୍ଚିମବଙ୍ଗ ଚାଲାଣ କରାଯାଉଥିବା ବେଳେ ଏହି ବେଆଇନ କାରବାରର ନେଟୱାର୍କ ବେଶ୍ ବଡ଼। ସୀମାନ୍ତ ଗାଁରେ ଗୋରୁ ଲୁଚାଇ ରଖିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଛି। ପଶ୍ଚିମବଙ୍ଗରେ କଡ଼ା ଶାସନ ଯୋଗୁଁ ଓଡ଼ିଶା ମୁହାଁ ହେଉଛନ୍ତି ଆନ୍ତଃରାଜ୍ୟ ଗୋ-ମାଫିଆ। ସ୍ଥାନୀୟ ଲୋକଙ୍କ ଘରକୁ ଗୋରୁ ରଖିବା ପାଇଁ ବ୍ୟବହାର କରି ଗୁପ୍ତରେ ଚାଲାଣ କରାଯାଉଛି। ପୋଲିସ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତମାନେ ଫେରାର ହୋଇଯାଉଥିବାରୁ ଏହା ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଏହି ଘଟଣା ପରେ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭୟ ଓ ଅସନ୍ତୋଷର ବାତାବରଣ ଦେଖାଦେଇଛି। ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଗୋ-ମାଫିଆଙ୍କ ନେଟୱର୍କକୁ ଧ୍ୱଂସ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବାଲେଶ୍ୱରୀ ଜଉକଣ୍ଢେଇ ବାହାଘରର ତୃତୀୟ ସନ୍ଧ୍ୟା: ବୋହୂ ବେଦୀରେ ବର କନ୍ୟାଙ୍କୁ ଦର୍ଶନର ଭିଡ଼



ବାଲେଶ୍ୱର, ୧୩/୫ (ନି.ପ୍ର): ବାଲେଶ୍ୱରୀ ଜଉକଣ୍ଢେଇ ବାହାଘରର ତୃତୀୟ ସନ୍ଧ୍ୟାରେ ବର ବାଇମୁଣ୍ଡି ଦାସ ତାଙ୍କର ନବ ବିବାହିତା ପତ୍ନୀ ମଣିଙ୍କୁ ନେଇ ଖ୍ରୀଷ୍ଟିଆନ ପଡିଆକୁ ଫେରି ଆସିଛନ୍ତି ଓ ବୋହୂ ବେଦୀରେ ଉଭୟେ ସମସ୍ତଙ୍କୁ ଦର୍ଶନ ଦେଉଛନ୍ତି । ନବବଧୂର ମୁହଁକୁ ଦେଖି ବାଲେଶ୍ୱର ଓ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଦର୍ଶନାର୍ଥୀ ମୁହଁଚାହାଁ ବାକ୍ସରେ ମୁହଁଚାହାଁ ପ୍ରଦାନ କରୁଛନ୍ତି । ନବବଧୂର ଆଗମନରେ ଶାଶୁଘରର ଶତାଧିକ ମହିଳା ପାଦରେ ଅଳତା ନାଇଁ ସ୍ୱାଗତ କରିଥିଲେ । ସାନ୍ଧ୍ୟ ଅଧିବେଶନକୁ ଡ଼ଃ କାଳିକିଙ୍କର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା ଯାହାର ସଭାପତିତ୍ୱ ଆସନ ଅଳଙ୍କୃତ କରିଥିଲେ ଇଂ ହୃଷୀକେଶ ସାହୁ ।ଇଂ ହୃଷିକେଶ ସାହୁ ତଥା ଡ଼ଃ କାଳିକିଙ୍କର ଦାସ କହିଥିଲେ ଯେ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ସାମାଜିକ ସୌହାର୍ଦ୍ଦ୍ୟ ଓ ପାରମ୍ପରିକ ମୂଲ୍ୟବୋଧର ନବ ଜାଗରଣ ଏହି ବାଲେଶ୍ୱର ମାଟିରେ ସୃଷ୍ଟି କରିଛି । ମୁଖ୍ୟ ଅତିଥୀ ଭାବେ ବିଶିଷ୍ଟ ଲେଖକ ତଥା ଭୋଗରାଇର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଗୌତମବୁଦ୍ଧ ଦାସ ଯୋଗଦେଇ କହିଲେ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର କମିଟି ଆଜି ଓଡ଼ିଶାର ପ୍ରମୁଖ ଗଣପର୍ବ ଭାବରେ ନିଜକୁ ସ୍ଥାପିତ କରିପାରିଛି ଏଥିପାଇଁ ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ଧନ୍ୟବାଦର ପାତ୍ର । ଆମ ବାଲେଶ୍ୱର ହେଲା ଫକୀରମୋହନଙ୍କର ମାଟି ଓ ସ୍ୱାଭିମାନର ମାଟି । ଏ ମାଟିର ଲୋକକଳା, ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ ଅନନ୍ୟ । ମୁଖ୍ୟବକ୍ତା ଭାବରେ କବି ପ୍ରଶାନ୍ତ ଦାସ କହିଲେ ଯେ ଲୋକ କଳା ଓ ଲୋକ ସଂସ୍କୃତିର ସୌନ୍ଦର୍ଯ୍ୟରୁ ସୁନ୍ଦର ହୁଏ ଆମର ଏ ସମାଜ ଯେଉଁ ବାର୍ତ୍ତା ଦେଉଛି ଆମର ଗର୍ବ ଓ ଗୌରବ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସବ । ବାହାଘର କମିଟିର ସଦସ୍ୟ ଚନ୍ଦନା ସ୍ୱାଇଁ ମଞ୍ଚ ଆହ୍ୱାନ କରିଥିଲାବେଳେ ଶ୍ରୀଯୁକ୍ତ ରାଜେଶ କୁମାର ଗିରି ଜଉକଣ୍ଢେଇ ବାହାଘର ଉତ୍ସବର ଆଭିମୁଖ୍ୟ ପ୍ରକାଶ କରିଥିଲେ । ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ । ଭଦ୍ରକର ମୋଗଲ ତାମସା, ଏଡ଼ିଏସ ଫେସନ ଶୋ, ଶଙ୍କର ନୃତ୍ୟ ଏକାଡେମୀ, ମାଆ ମଙ୍ଗଳା ନୃତ୍ୟ ଅନୁଷ୍ଠାନ ଆଦି ଅନୁଷ୍ଠାନର ଶିଳ୍ପୀମାନଙ୍କର ନୃତ୍ୟ ସମସ୍ତଙ୍କ ମନ ମୋହିଥିଲା । ଓଡିଶା ସରକାର ତଥା ଓଡିଶା ସରକାରଙ୍କର ଓରମାସ, ହସ୍ତଶିଳ୍ପ ବିଭାଗ ଆଦିର ସହାୟତାରେ ଲାଗିଥିବା ପ୍ରଦର୍ଶନୀରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥିଲା ।

## ହସ୍ପିଟାଲରୁ ଘରକୁ ଫେରିଲେ ସୋନିଆ ଗାନ୍ଧି

ନୂଆଦିଲ୍ଲୀ, ୧୩/୫ : କଂଗ୍ରେସ ସାଂସଦୀୟ ଦଳର ଅଧକ୍ଷା ସୋନିଆ ଗାନ୍ଧୀ ବୁଧବାର ଗୁରୁଗ୍ରାମର ମେଦାନ୍ତା ହସ୍ପିଟାଲରେ ନିୟମିତ ଚିକିତ୍ସା ପରୀକ୍ଷା ପରେ ଘରକୁ ଫେରି ଆସିଛନ୍ତି। କଂଗ୍ରେସ ସାଧାରଣ ସଚିବ ଜୟରାମ ରମେଶ ଏକ ବିବୃତ୍ତିରେ କହିଛନ୍ତି ଯେ, ସୋନିଆ ଗାନ୍ଧୀ ଗୁରୁଗ୍ରାମର ମେଦାନ୍ତା ହସ୍ପିଟାଲରେ ନିୟମିତ ଚିକିତ୍ସା ପରୀକ୍ଷା କରାଇବା ପରେ ବର୍ତ୍ତମାନ ଘରକୁ ପହଞ୍ଚି ସାରିଛନ୍ତି। ଉଲ୍ଲେଖନୀୟ ଯେ, ଏହାପୂର୍ବରୁ ୨୪ ମାର୍ଚ୍ଚରେ ତାଙ୍କ ଶାରିରିକ ଅସୁସ୍ଥତା ବଢ଼ିଯାଇଥିବାରୁ ତାଙ୍କୁ ଦିଲ୍ଲୀର ସର ଗଙ୍ଗା ରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେତେବେଳେ ଫୁସଫୁସ ସମ୍ବନ୍ଧୀୟ ସମସ୍ୟା କାରଣରୁ ଡାକ୍ତର ଅରୂପ ବସୁଙ୍କ ନିର୍ଦ୍ଦେଶନାରେ ତାଙ୍କର ଚିକିତ୍ସା କରାଯାଇଥିଲା।

# ଦାୟିତ୍ୱ ସହ ଶିକ୍ଷାର ସାଧନା: ଇତିହାସରେ ଡକ୍ଟରେଟ୍ ହାସଲ କଲେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ



ଭଦ୍ରକ, ୧୩/୫ (ନି.ପ୍ର): ପ୍ରଶାସନିକ ଦାୟିତ୍ୱର ଭିଡ଼ ମଧ୍ୟରେ ମଧ୍ୟ ଜ୍ଞାନର ସାଧନା କେବେ ଥମେ ନାହିଁ—ଏହାକୁ ପୁଣିଥରେ ସାବ୍ୟସ୍ତ କରିଛନ୍ତି ଭଦ୍ରକ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ। ନିଜର କଠିନ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇତିହାସ ବିଷୟରେ ପିଏଚଡି ଡିଗ୍ରୀ ହାସଲ କରି ଏକ ପ୍ରେରଣାଦାୟକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ସାଧାରଣତଃ ଜିଲ୍ଲାପାଳଙ୍କ ଦୈନନ୍ଦିନ କାର୍ଯ୍ୟଭାର ଅତ୍ୟନ୍ତ ଚାପପୂର୍ଣ୍ଣ ଥାଏ। ଲୋକସେବା, ବିକାଶମୂଳକ କାର୍ଯ୍ୟ, ବିପର୍ଯ୍ୟୟ ପରିଚାଳନା ଓ ପ୍ରଶାସନିକ ସମନ୍ୱୟରେ ବ୍ୟସ୍ତ ରହିବା ସତ୍ତ୍ୱେ ଜିଲ୍ଲାପାଳ ନିଜ ଶିକ୍ଷାଗତ ଲକ୍ଷ୍ୟକୁ ଅବହେଳା କରିନଥିଲେ। ଅନବରତ ପରିଶ୍ରମ, ଅଧ୍ୟବସାୟ ଓ ଗବେଷଣା ପ୍ରତି ଆଗ୍ରହ ତାଙ୍କୁ ଏହି ସଫଳତାର ଶୀର୍ଷରେ ପହଞ୍ଚାଇଛି।ତାଙ୍କର ଗବେଷଣା ପ୍ରବନ୍ଧର ବିଷୟ ଥିଲା — "Occupational Stress, Job Satisfaction & Employee Loyalty in Hospitality Industry: A Comparative Analysis of Hotels in Odisha"। ଓଡ଼ିଶାର ହୋଟେଲ୍ ଶିଳ୍ପରେ କାର୍ଯ୍ୟରତ କର୍ମଚାରୀଙ୍କ ମାନସିକ ଚାପ, କାର୍ଯ୍ୟ ସନ୍ତୁଷ୍ଟି ଓ ସଂସ୍ଥାପ୍ରତି ନିଷ୍ଠାକୁ ନେଇ ସେ କରିଥିବା ଗବେଷଣା ଶିକ୍ଷାଜଗତରେ ଗୁରୁତ୍ୱ ପାଇଛି।ଜିଲ୍ଲାପାଳ ଭାବେ ଲୋକସେବା ଓ ଗବେଷକ ଭାବେ ଜ୍ଞାନର ସନ୍ଧାନ—ଏହି ଦୁଇଟି ଭୂମିକାକୁ ସଫଳତାର ସହ ପାଳନ କରିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି। ତାଙ୍କର ଏହି ସଫଳତା ଯୁବପିଢ଼ୀଙ୍କୁ ଏକ ସନ୍ଦେଶ ଦେଇଛି—"ପରିସ୍ଥିତି ଯେତେ କଠିନ ହେଉ, ଇଚ୍ଛାଶକ୍ତି ଓ ଅଧ୍ୟବସାୟ ଥିଲେ ସ୍ୱପ୍ନ ସାକାର ହୁଏ।

# କ୍ରସର ସଂଘରେ ଫାଟ: ସଂଘର ମନମାନୀକୁ ବିରୋଧ କଲେଣି ମାଲିକ



ଖୋର୍ଦ୍ଧା, ୧୩/୫ (ନି.ପ୍ର): ଖୋର୍ଦ୍ଧାରେ ବ୍ୟବସାୟ ଏବଂ ବାଣିଜ୍ୟର ଅଭିବୃଦ୍ଧି ପଛରେ ଜିଲ୍ଲାରେ ଗଢ଼ି ଉଠିଥିବା କ୍ରସର୍ ୟୁନିଟ୍ ଏକ ବଡ ଭୂମିକା ରହିଛି । ପ୍ରାୟ ୩୦ହଜାରରୁ ଉର୍ଦ୍ଧ ଶ୍ରମିକ ଖୋର୍ଦ୍ଧା ନିକଟବର୍ତୀ ତାପଙ୍ଗ, ମଳିପଡା, ଛତ୍ରମା ଏବଂ ଦଧିମାଛଗାଡ଼ିଆ ଆଦି ଅଂଚଳରେ କ୍ରସର ଶିଳ୍ପ ଉପରେ ନିର୍ଭର କରି ଚଳୁଛନ୍ତି ।କେବଳ ଖୋର୍ଦ୍ଧା ନୁହେଁ ଗଞ୍ଜାମ ଏବଂ ନୟାଗଡ଼ ଜିଲ୍ଲାର ଅନେକ ଲୋକଙ୍କ ପରିବାର ପ୍ରତିପୋଷଣ ହୋଇଥାଏ ଏହି କ୍ରସର ଶିଳ୍ପ ଯୋଗୁ । ତେବେ ବିଗତ ଦିନରେ କିଛି ଛାମୁଆ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଷଡ଼ଯନ୍ତ୍ରର ଶିକାର ହୋଇ ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ କିଛି ବର୍ଷ ଧରି ସମସ୍ତ କ୍ରସର୍ ୟୁନିଟ ଗୁଡିକ ବନ୍ଦ ରହିବା ଦ୍ୱାରା ଏହାର ସିଧାସଳଖ ପ୍ରଭାବ ପଡ଼ିଥିଲା କ୍ରସର ଶିଳ୍ପ ଉପରେ ନିର୍ଭର କରୁଥିବା ଲୋକଙ୍କ ଉପରେ । ମାତ୍ର କିଛି ଦିନ ପରେ କେତେକ କ୍ରସର ଚାଲିବା ଆରମ୍ଭ ହେଲା । ଫଳରେ ଶ୍ରମିକ, ଗାଡି ମାଲିକ, ପାହାଡ ମାଲିକ ପ୍ରଭୃତିଙ୍କ ଏକ ପ୍ରକାର ଉତ୍ସାହ ଦେଖାଦେଇଛି । ଖୋର୍ଦ୍ଧାରେ ଏବେ ଛୋଟବଡ ହୋଇ ୨ରୁ ୪ଟି ପାହାଡ ଚାଲୁଥିବାବେଳେ ୫୦ରୁ ଉର୍ଦ୍ଧ୍ୱ କ୍ରସର ମଧ ରଣପୁର ଓ କୁହୁଡି ପାହାଡ ରୁ ମାଲ ଆଣି ଚଳାଇବାକୁ ସକ୍ଷମ ହୋଇଛନ୍ତି । ତେବେ କ୍ରସର ମାଲିକଙ୍କୁ ନେଇ କିଛି ବର୍ଷ ତଳେ ଗଠିତ ହୋଇଥିବା ତାପଙ୍ଗ ଆଂଚଳିକ କ୍ରସର ମାଲିକ ସଙ୍ଘ କୁ ଏବେ କିଛି କୁଚକ୍ରୀ ଗୋଷ୍ଠି ନିଜ ହାତମୁଠାରେ ରଖିବାକୁ ଉଦ୍ୟମ କରି ସଂଘର ସଦସ୍ୟଙ୍କୁ ଜନୈକ ରାଜନେତାଙ୍କ ନାଁରେ ଚାନ୍ଦା ମାଗି ଲୁଟୁଥିବା ଅଭିଯୋଗ ହୋଇଛି । ଏଠାରେ ପ୍ରଶ୍ନ ଉଠୁଛି ଯେ, ସଙ୍ଘ କ୍ରସର ଚଳାଇବାକୁ ମାଲ ଯୋଗାଉଥିବା ପାହାଡ ଗୁଡିକୁ ବନ୍ଦ କରିବାକୁ ଉଦ୍ୟମ କରିବା ର କାରଣ କଣ ? କ୍ରସର ଚାଲିଲେ ଶ୍ରମିକ ଠାରୁ ମାଲିକ ସମସ୍ତେ ଉପକୃତ ହେବାକୁ ଥିବାବେଳେ କାହା ସ୍ୱାର୍ଥରେ ସଂଘ କ୍ରସର ଚଳାଇବାକୁ ବନ୍ଦ କରୁଛି ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । କେବଳ କ୍ରସର ନୁହେଁ ପଥର ଚାଲାଣରେ ବ୍ୟବହୃତ ହେଉଥିବା ଟ୍ରକ ଗୁଡିକୁ ବନ୍ଦ କରିବାକୁ ଟ୍ରକ ସଂଘ କୁ ମଧ ବାଧ କରାଯାଉଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ସଂଘର କିଛି କୁଚକ୍ରୀ ବ୍ୟକ୍ତିଙ୍କ ଉଦେ୍ଦଶ୍ୟ ସାଧନ ନହେବା କାରଣରୁ ସଂଘ ର ପ୍ରଛଦପଟରେ ରହି ସେମାନେ ଏଭଳି ଦାଦାଗିରି କରିବା ଘଟଣାକୁ କେତେକ ମାଲିକ ବିରୋଧ କରୁଥିବା ନିଜ ନାମ କୁ ଗୋପନ ରଖି ପ୍ରକାଶ କରିଛନ୍ତି । ସଂଘ ସାମୁହିକ ଚିନ୍ତାଧାରରେ ଚାଲେ, କୌଣସି ବ୍ୟକ୍ତି କୈନ୍ଦ୍ରିକ ନୁହେଁ । ମାତ୍ର କିଛି କୁଚକ୍ରୀ କିଛି ଅର୍ଥ ଲାଳସା ରେ ବିଭିନ୍ନ ଆଳରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା, ଧାରଣା ଦେବା, ବୈଠକ କରିବା ଭଳି ଅନେକ କାର୍ଯ୍ୟ କରିବା ଲାଗି ଚନ୍ଦା ଆଦାୟ କରୁଛନ୍ତି। ଯାହା ସଂଘର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିଦେ୍ର୍ଦଶ କରୁଥିବା ସେମାନେ କହିଛନ୍ତି । ନିଜର କ୍ରସର ନଥିବା ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି କିପରି ଦୀର୍ଘଦିନ ହେବ ସଂଘର କାର୍ଯ୍ୟକାରୀ ସଭାପତି ରହିଛନ୍ତି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ସେହିପରି ସଂଘର ବାର୍ଷିକ ହିସାବ ର କୌଣସି ଅଡିଟ ମଧ କରାଯାଉନାହିଁ, ଯାହା ଆଦାୟ ଅର୍ଥକୁ ହଡପ କରାଯାଉଥିବା ଘଟଣାକୁ ସ୍ପଷ୍ଟ କରୁଛି ବୋଲି ଚର୍ଚ୍ଚା ହେଉଛି । ତେବେ ଯଦି ସଂଘ ନିଷ୍ପତି ଅନୁସାରେ କ୍ରସର ଓ ଗାଡି ବନ୍ଦ କରାଯାଏ, ତେବେ ବ୍ୟାଙ୍କ ରୁ ଋଣ ଆଣି କ୍ରସର ବା ଗାଡି କରିଥିବା ମାଲିକମାନେ କିପରି କିସ୍ତି ସୁଝିବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । କ୍ରସର ବା ଗାଡି ମାଲିକଙ୍କ ଅସୁବିଧା ସମୟରେ ସଂଘ ଦେଖାଦେଉନଥିବା ବେଳେ କେବଳ ବିଭିନ୍ନ ଆଳରେ ଚାନ୍ଦା ଆଦାୟ କରି ବନ୍ଦ କରିବାକୁ ଆଗଭର ହେଉଥିବା ସେମାନେ ଅଭିଯୋଗ ଆଣିଛନ୍ତି । ତେବେ ବିଗତ ଦିନରେ ବେଆଇନଭାବେ କ୍ରସର ବନ୍ଦ କରିବା ଘଟଣାକୁ ନେଇ ତତ୍କାଳୀନ ଜିଲ୍ଲାପାଳ ସଂଘ ର କାର୍ଯ୍ୟକାରୀ ସଭାପତିଙ୍କୁ ତାଗିଦ୍ କରିଥିବା ନଜିର ରହିଛି । କିଛିଦିନ ପୂର୍ବେ ଜଗନ୍ନାଥ ମହାପ୍ରଭୁଙ୍କ ପାହାଡଗୁଡିକ ନିଲାମ ଲାଗି ଧାର୍ଯ୍ୟ କରାଯାଇଥିଲେ ମଧ ଏହି କ୍ରସର ମାଲିକ ସଂଘ ସେଥିରେ ବାହାର ସଦସ୍ୟଙ୍କୁ ନ ପୁରାଇବା ଲାଗି ଧମକ ଦେଇଥିବା ନଜିର ରହିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ତାମିଲନାଡୁରେ ଟିଭିକେ...

ଆସ୍ଥାଭୋଟ୍ ସମୟରେ ସରକାରଙ୍କୁ ୧୪୪ ଜଣ ସଦସ୍ୟଙ୍କ ସମର୍ଥନ ମିଳିଥିଲା ଏବଂ ସେମାନେ ବହୁମତ ହାସଲ କରିଥିଲେ। ଟିଭିକେ ସରକାରଙ୍କ ପକ୍ଷରେ ପାର୍ଟିର ୧୦୬ ଜଣ ବିଧାୟକଙ୍କ ସହ କଂଗ୍ରେସର ୫ ଜଣ, ବିଦୁଥଲାଇ ଚିରୁଥାଇଗଲ୍ କାଚିର ୨ ଜଣ, ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ୨ ଜଣ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୨ ଜଣ ଏବଂ ଇଣ୍ଡିଆନ୍ ୟୁନିୟନ୍ ମୁସଲିମ୍ ଲିଗ୍‌ର ୨ ଜଣ ବିଧାୟକ ମଧ୍ୟ ଭୋଟ୍ ଦେଇଥିଲେ। ଏହାସହ ସ୍ୱାଧୀନ ବିଧାୟକ କାମରାଜ ମଧ୍ୟ ସରକାରଙ୍କୁ ସମର୍ଥନ କରିଥିଲେ। ଏହାଛଡ଼ା ଏଆଇଏଡିଏମକେର ୨୭ ଜଣ ସଦସ୍ୟ ମଧ୍ୟ ସରକାରଙ୍କ ପକ୍ଷରେ ଭୋଟ୍ ଦେଇଥିଲେ। ଏହିପରି ମୁଖ୍ୟମନ୍ତ୍ରୀ ବିଜୟ ଗୃହରେ ବହୁମତ ସାବ୍ୟସ୍ତ କରିଛନ୍ତି। ଫ୍ଲୋର ଟେଷ୍ଟରେ ବିଜୟ ପାସ୍। ତାମିଲନାଡୁ ବିଧାନସଭା ଫ୍ଲୋର ଟେଷ୍ଟରେ ବିଜୟୀ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ବିଜୟ। ତାମିଲନାଡୁରେ ମୋଟ ୨୩୪ ଆସନରୁ ଟିଭିକେ ସମର୍ଥନରେ ପଡ଼ିଥିଲା ୧୪୪ ଖଣ୍ଡ ଭୋଟ୍। ବିପକ୍ଷରେ ୨୨ ଖଣ୍ଡ ଭୋଟ୍ ପଡ଼ିଥିଲା। ସେପଟେ ଭୋଟ୍ ଦାନରୁ ବିରତ ରହିଥିଲା ଡିଏମକେ। ଟିଭିକେ ସପକ୍ଷରେ ବିଦ୍ରୋହୀ ଇଓଇଉଗକର ୨୫ ଜଣ ବିଧାୟକ ଭୋଟ୍ ଦେଇଥିଲେ। ଏଆଇଏଡିଏମକେର ୪୭ ବିଧାୟକଙ୍କ ମଧ୍ୟରୁ ୨୫ ଜଣ ଟିଭିକେକୁ ଭୋଟ୍ ଦେବା ସହ ଦଳରେ ବିଭାଜନ ସୃଷ୍ଟି ହୋଇଛି।

## ମୁଖ୍ୟମନ୍ତ୍ରୀଙ୍କ କାରକେଡର...

କାରକେଡରେ ଗାଡି ସଂଖ୍ୟା କମ କରିଛନ୍ତି। ବ୍ୟକ୍ତିଗତ ଗାଡ଼ିରେ ଯାତାୟାତ କମ୍ କରି ଅଧିକ ମାତ୍ରାରେ ସାଧାରଣ ପରିବହନ ବ୍ୟବସ୍ଥାକୁ ଆପଣାଇବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସୁନା ନକିଣିବା ସହ ଅନାବଶ୍ୟକ ବିଦେଶ ଗସ୍ତ ନ କରିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଲୋକଭବନ ଓ ସରକାରୀ କାର୍ଯ୍ୟାଳୟରେ ବ୍ୟବହାର ହେଉଥିବା ଗାଡିକୁ ଇଭିରେ ପରିବର୍ତ୍ତନ କରାଯିବ। ନିଜେ ମଧ୍ୟ ଆବଶ୍ୟକ ପଡିଲେ ବସ୍‌ରେ ଯାତ୍ରା କରିବେ ବୋଲି କହିଛନ୍ତି ପରିବହନ ମନ୍ତ୍ରୀ। ଗୋଟିଏ ପଟେ ତେଲ ସଙ୍କଟ ଦୂର କରିବାକୁ କେନ୍ଦ୍ର ଓ ରାଜ୍ୟ ଜୋରଦାର ପ୍ରୟାସ କରୁଛନ୍ତି। ଅନ୍ୟପଟେ ଏହି ପ୍ରସଙ୍ଗରେ କେନ୍ଦ୍ରକୁ ଘେରିଛନ୍ତି ଦୁଇ ବିରୋଧୀ ବିଜେଡି ଓ କଂଗ୍ରେସ। ବିଜେଡି କହିଛି, ଦେଶ ଓ ରାଜ୍ୟରେ ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହେଲାଣି। ୪୫ରୁ ୬୦ ଦିନ ତେଲ ଥିବା କୁହାଯାଉଥିଲେ ମଧ୍ୟ ରାଜ୍ୟର ୭୦ ପ୍ରତିଶତ ଟାଙ୍କି ଏବେ ଖାଲି। କଟାକ୍ଷ କରି କଂଗ୍ରେସ କହିଛି, ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ସଙ୍କଟକୁ ନେଇ ରାଜ୍ୟ ସରକାରଙ୍କର କୌଣସି ଦରଦ ନାହିଁ। ମୋଦିଙ୍କ ଆହ୍ୱାନ ଓ ରାଜ୍ୟ ଗୁଡିକ ଏହାକୁ ଅନୁପାଳନ ଭିତରେ ଏବେ ତେଲ ସଙ୍କଟ ଧୀରେ ଧୀରେ ସାମ୍ନାକୁ ଆସିଲାଣି।

## ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ...

ଏହି ସ୍ମୃତିଚାରଣ ସଭାରେ ବରିଷ୍ଠ ସାମ୍ବାଦିକ ତ୍ରିଲୋଚନ ଉପାଧ୍ୟାୟ, ଭଗବାନ ଦାସ,ପ୍ରସ୍ନଜିତ ଆସ,ତପନ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା,ଅଭୟ ଦାଶ, ସୁରେନ୍ଦ୍ର ଜେନା,ହିତ୍ରିକ ଦାସ, ଗଣେଶ୍ୱର ରାଉତ, ସୁଦିପ୍ତ ମହାନ୍ତି, ସୁବ୍ରତ କୁମାର ଦାସ,ମନୋଜ କୁମାର ବିଶ୍ୱାଳ ପ୍ରମୁଖ ସାମ୍ବାଦିକ ଯୋଗଦାନ କରି ସ୍ମୃତିଚାରଣ କରିଥିଲେ। ସର୍ବଶେଷରେ ଭଗବାନ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସିବିଏସଇ ଦ୍ୱାଦଶ ....

ସମଗ୍ର ଦିଲ୍ଲୀ କ୍ଷେତ୍ରର ପାସ୍ ପ୍ରତିଶତ ୯୧.୯୭ ପ୍ରତିଶତ ରହିଥିବାବେଳେ, ପ୍ରୟାଗରାଜରେ ସବୁଠାରୁ କମ୍ ୭୨.୪୩ ପ୍ରତିଶତ ପାସ୍ ହାର ରେକର୍ଡ ହୋଇଛି। ବିଦେଶସ୍ଥିତ ସିବିଏସଇ ବିଦ୍ୟାଳୟଗୁଡ଼ିକର ଫଳାଫଳ ୯୦.୫୦ ପ୍ରତିଶତ ରହିଛି। ଏହାସହ ଦିବ୍ୟାଙ୍ଗ (ସିଡବ୍ଲ୍ୟୁଏସଏନ୍) ଛାତ୍ରଛାତ୍ରୀଙ୍କର ପାସ୍ ପ୍ରତିଶତ ୯୦.୧୬ ରେକର୍ଡ କରାଯାଇଛି। ବୋର୍ଡ ଜଣାଇଛି ଯେ, ଏହି ବର୍ଷ ୧,୬୩,୮୦୦ ଜଣ ଛାତ୍ରଛାତ୍ରୀଙ୍କୁ କମ୍ପାର୍ଟମେଣ୍ଟ ଶ୍ରେଣୀରେ ରଖାଯାଇଛି, ଯାହା ମୋଟ ପରୀକ୍ଷାର୍ଥୀଙ୍କର ୯.୨୬ ପ୍ରତିଶତ। ଏହାଛଡ଼ା, ୯୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ନମ୍ବର ପାଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୯୪,୦୨୮ ରହିଥିବାବେଳେ, ୯୫ ପ୍ରତିଶତରୁ ଅଧିକ ନମ୍ବର ହାସଲ କରିଥିବା ୧୭,୧୧୩ ଜଣ ଛାତ୍ରଛାତ୍ରୀ ରହିଛନ୍ତି।

## ଚାଇନାରେ ପହଞ୍ଚିଲେ...

ଏହି ବୈଠକରେ ଗୁରୁତ୍ୱ ଦିଆଯିବ। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଇରାନ ପ୍ରସଙ୍ଗରେ ଆମେରିକା ନିଜେ ସକ୍ଷମ, କିନ୍ତୁ ବିଶ୍ୱ ଶାନ୍ତି ପାଇଁ ଚାଇନା ସହ ଆଲୋଚନା ଜରୁରୀ। ବିଶେଷ କରି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ସେମିକଣ୍ଡକ୍ଟର ଚିପ୍ ରପ୍ତାନି ଉପରେ ରହିଥିବା କଟକଣା କୋହଳ କରିବା ପାଇଁ ଏହି ସମିଟରେ ଆଲୋଚନା ହୋଇପାରେ। ଏହା ବ୍ୟତୀତ ଆମେରିକାର ତାଇୱାନକୁ ଅସ୍ତ୍ରଶସ୍ତ୍ର ଯୋଗାଣ ପ୍ରସଙ୍ଗରେ ଚୀନ ନିଜର ଅସନ୍ତୋଷ ପ୍ରକାଶ କରିଛି, ଯାହା ଏହି ଆଲୋଚନାରେ ଏକ ମୁଖ୍ୟ ପ୍ରସଙ୍ଗ ହେବ। ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଟ୍ରମ୍ପ ଲେଖିଛନ୍ତି ଯେ, ସେ ଚାଇନା ବଜାରକୁ ଆମେରିକୀୟ କମ୍ପାନୀଙ୍କ ପାଇଁ ଉନ୍ମୁକ୍ତ କରିବାକୁ ଜିନପିଙ୍ଗଙ୍କୁ ଅନୁରୋଧ କରିବେ। ବିଶେଷ କରି ଘଙ୍ଗସୟସବ ଭଳି ଟେକ୍ କମ୍ପାନୀଙ୍କ ବ୍ୟବସାୟ ପାଇଁ ଏହି ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ।

## ସୁନାଚାନ୍ଦି ଉପରେ...

ଅର୍ଥ ମନ୍ତ୍ରାଳୟର ଅଧିସୂଚନା ୧୬/୨୦୨୬ ଅନୁଯାୟୀ, ସୀମା ଶୁଳ୍କ ମାଧ୍ୟମରେ ମୂଲ୍ୟବାନ ଧାତୁ ଏବଂ ସେଥିରୁ ତିଆରି ସାମଗ୍ରୀ ଉପରେ ଶୁଳ୍କ ହାରକୁ ଅଦ୍ୟତନ କରାଯାଇଛି। ଅଧିସୂଚନା ଅନୁସାରେ, ସୁନା ଏବଂ ରୂପାରୁ ତିଆରି ସାମଗ୍ରୀ ଉପରେ ୫ ପ୍ରତିଶତ ଶୁଳ୍କ ଲାଗିବ, ଯେତେବେଳେ ପ୍ଲାଟିନମ୍‌ରୁ ତିଆରି ସାମଗ୍ରୀ ଉପରେ ଏହି ହାର ୫.୪ ପ୍ରତିଶତ ରହିବ।

# ସାଂସଦ ରୁଦ୍ର ପାଣିଙ୍କୁ ବାଲେଶ୍ୱର ଷ୍ଟେସନରେ ଉତ୍ତର ଓଡ଼ିଶା ବିକାଶ ଫୋରମ୍ ଓ ଭାରତ କଲ୍ୟାଣ ମଞ୍ଚର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



ବାଲେଶ୍ୱର, ୧୩/୫ (ନି.ପ୍ର): ବାଲେଶ୍ୱର ଷ୍ଟେସନରେ ଉତ୍ତର ଓଡ଼ିଶା ବିକାଶ ଫୋରମ୍ ସଭାପତି ବିଭୁ ପଦ ଦାସ ଓ ଭାରତ କଲ୍ୟାଣ ମଞ୍ଚର ସଭାପତି ଯୋଗେନ୍ଦ୍ର ଦାସ ନେତୃତ୍ୱରେ ୨ ଟି ପ୍ରତିନିଧି ଦଳ ଢେଙ୍କାନାଳର ସାଂସଦ ରୁଦ୍ର ପାଣିଙ୍କୁ ବାଲେଶ୍ୱର ଷ୍ଟେସନରେ ଶହ ଶହ ସଂଖ୍ୟାରେ ଯୋଗ ଦେଇ ଫୁଲତୋଡ଼ା , ଉତ୍ତରୀ, ମିଷ୍ଟାନ ଦେଇ ସ୍ୱାଗତ କରିଥିଲେ । ସାଂସଦ ରୁଦ୍ର ପାଣି ଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ଜାଣି ଆଗାମୀ ଦିନରେ ବାଲେଶ୍ୱର ର ଉତ୍ତର ଓଡ଼ିଶା ଫୋରମ୍ କିପରି ଆଗକୁ ଯିବ ଓ କାର୍ଯ୍ୟ ଶୈଳୀ ବିଷୟରେ ଚର୍ଚ୍ଚା କରିବା ସଙ୍ଗେ ସଙ୍ଗେ ଓ ଭାରତ କଲ୍ୟାଣ ମଞ୍ଚ ପୁରୀରେ କିପରି ରଥ ଯାତ୍ରାରେ ସେବା ପାଇଁ ଯାଉଥିବା ସେବକ ମାନେ କିପରି ପୁରୀରେ ଭଲରେ ରହି ପାରିବେ ଓ ଲୋକଙ୍କୁ ସେବା ଦେଇ ପାରିବେ ସେହି ବିଷୟରେ ରୁଦ୍ର ପାଣିଙ୍କୁ ଜଣାଇଥିଲେ। ଏପରିକି ସାଂସଦ ରୁଦ୍ର ପାଣିଙ୍କୁ ସ୍ୱାଗତ ପାଇଁ ଯୋଗେନ୍ଦ୍ର ଦାସ , ଚନ୍ଦ୍ରାଂସୁ ବାନାର୍ଜୀ, ବଳରାମ ଗୌଡ଼, ସୁଭାଷ ବାରିକ , ପୂର୍ଣ୍ଣଚନ୍ଦ୍ର ବେହେରା, ଜ୍ୟୋତି ପ୍ରକାଶ ଦାଶ, ନିରଞ୍ଜନ ବାରିକ, ମାନ ଗୋବିନ୍ଦ ସାହୁ, ଯୁକ୍ତି କଣ୍ଠ ପତି , ବିଭୁ ପଦ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଏ ୱାନ ଛାତ୍ର ଛାତ୍ରୀମାନଙ୍କ ପାଇଁ ସମ୍ବର୍ଦ୍ଧନା ଉତ୍ସବ




ବାସୁଦେବପୁର, ୧୨/୫ (ନି.ପ୍ର): ବାସୁଦେବପୁର ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ବାସୁଦେବପୁର ରେ ବିଭିନ୍ନ ବିଦ୍ୟାଳୟର ଏ ୱାନ ରେ ସଫଳତା ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ଗିରି ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଏ ବି ଇ ଓ ଉର୍ମିଳା କର, ଏ ବି ଇ ଓ ତପନ ଦ୍ୱିବେଦୀ, ଅମୀୟ କୁମାର ମହାଳିକ ପ୍ରମୂଖ । ଏହି ଉତ୍ସବରେ ମାନ୍ୟବର ବିଧାୟକ ଶ୍ରୀ ଦାସ ଓ ସମସ୍ତ ଅତିଥି ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ଅମୀୟ କୁମାର ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ। ସମସ୍ତ ସି ଆର ସି ସି, ଛାତ୍ର ଛାତ୍ରୀ ମାନଙ୍କ ଅଭିଭାବକ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଶେଷରେ ଛାତ୍ର ଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରା ଯାଇଥିଲା।

ଧ୍ୱନି ପ୍ରତିଧ୍ୱନି



# ନିଶା ନିବାରଣ କ୍ଷେତ୍ରରେ ତାମିଲନାଡୁ ଆଗରେ - ଓଡ଼ିଶା ପଛରେ

ବାଲେଶ୍ୱର, ୧୩/୫ (ନି.ପ୍ର): ୧୯୫୬ ମସିହାରେ ନିଶା ନିବାରଣ ଆଇନ୍ ପ୍ରଣୟନ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଓଡ଼ିଶା ସରକାର ଏହାକୁ କାର୍ଯ୍ୟକାରୀ କରିନାହାନ୍ତି। କିନ୍ତୁ ସର୍ବଦା ସାଧାରଣ ଜନତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଳନ କରିବାରେ ବିଫଳ ହୋଇଛନ୍ତି। ଏହାକୁ ସବୁଠାରୁ ବଡ଼ ରାଜସ୍ୱର ଉତ୍ସ ବୋଲି ଗ୍ରହଣ କରିଛନ୍ତି। କିନ୍ତୁ ଭିନ୍ନ ଦୃଷ୍ଟିରୁ ଦେଖିଲେ ଏହି ମଦ ଦୋକାନର ରାଜସ୍ୱ ବୃଦ୍ଧି ସାମାଜିକ ସ୍ତରରେ ବହୁତ କ୍ଷତି ଘଟାଇ ଚାଲିଛି, ଯେପରି ଦୁର୍ଘଟଣା, ପାରିବାରିକ ହିଂସା ତଥା ଯୌନ ନିର୍ଯ୍ୟାତନା। ସବୁବେଳେ ମହିଳା ଓ ଶିଶୁଟିଏ ଏହି 'ନିଶା'ର ଶୀକାର ହୋଇଥାଏ। ଏପରିକି ଆଜି ମଧ୍ୟ ଓଡ଼ିଶାର ଏକ ନିଶାସକ୍ତ ପିତା ନିଶାସେବନ ପାଇଁ ନିଜର ପୁତ୍ରସନ୍ତାନକୁ ମାତ୍ର ତିରିଶ ହଜାର ଟଙ୍କାରେ ବିକ୍ରି କରିଦେବା ନଜରକୁ ଆସିଛି। ଆମ ଦେଶରେ ମଦ ଦୋକାନ ବନ୍ଦ କରିବାପାଇଁ ପ୍ରଥମ କରି ତାମିଲନାଡୁର ମୁଖ୍ୟମନ୍ତ୍ରୀଙ୍କର ନିଷ୍ପତ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ। ସେ ଧର୍ମାନୁଷ୍ଠାନ, ବିଦ୍ୟାଳୟ, ମହାବିଦ୍ୟାଳୟ, ମାର୍କେଟ୍, ବସ୍‌ଷ୍ଟାଣ୍ଡର ୫୦୦ ମିଟର ନିକଟରେ ୭୧୭ଟି ମଦଦୋକାନକୁ ବନ୍ଦ କରିବା ସମଗ୍ର ଭାରତବର୍ଷ ପାଇଁ ଉଦାହରଣୀୟ। ଓଡ଼ିଶା ସରକାର ରାଜ୍ୟକୁ ମଦମୁକ୍ତ କରିବାକୁ ଦେଇଥିବା ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଛି। ଏଣୁ ଏ ପରିପ୍ରେକ୍ଷୀରେ ତାମିଲନାଡୁଠାରୁ ଓଡ଼ିଶା କିଛି ଶିଖିବାର ଆବଶ୍ୟକତା ଅଛି। ତେଣୁ ଏବେର ଓଡ଼ିଶା ସରକାର ସାମାଜିକ ଶୃଙ୍ଖଳା ଏବଂ ମହିଳା ଓ ଶିଶୁମାନଙ୍କର ସୁରକ୍ଷାକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱର (ମନା)ର ସଦସ୍ୟ-ସଦସ୍ୟା ସର୍ବଶ୍ରୀ ସଭାପତି ପ୍ରଭାକର ସାହୁ, ସାଧାରଣ ସଂପାଦିକା ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କର, ଡ. କ୍ଷିତୀଶ୍ୱର ଦାଶ, ଡ. ଲକ୍ଷ୍ମଣ ବିଶ୍ୱାଳ, ବେଣୁଧର ସାହୁ, ସଞ୍ଜୟ ପଣ୍ଡା, ସୁଶ୍ରୀ ଗୀତାଞ୍ଜଳି ସିଂହ, କଲ୍ୟାଣୀ ନନ୍ଦ, ତ୍ରିଦିବ ନାୟକ, ପ୍ରଫୁଲ୍ଲ କୁମାର ଦାସ, ସମରେନ୍ଦ୍ର ଦାସ ପ୍ରମୁଖ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି।

# ମିଛ ପାଲଟିଲା ସରକାରଙ୍କ ଘୋଷଣା: ୮୦ ପ୍ରତିଶତ ଭିନ୍ନକ୍ଷମଙ୍କୁ ମିଳୁଛି ଏକ ହଜାର ଟଙ୍କା ଭତ୍ତା

ଉଦଳା, ୧୩/୫ (ନି.ପ୍ର): ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ପ୍ରମାଣପତ୍ର ପାଇଥିବା ଭିନ୍ନକ୍ଷମ ମାନଙ୍କୁ ମାସିକ ୩୫୦୦ଟଙ୍କା ଭତ୍ତା ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିଥିଲେ । କିନ୍ତୁ କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ଘୁଂଟିବିଲ ଗ୍ରାମର ବାସିନ୍ଦା ମଦନ ବେଶ୍ରାଙ୍କୁ ଡ଼ାକ୍ତର ୮୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଥିଲେ ମଧ୍ୟ ସେ ମାସିକ ୧୦୦୦ଟଙ୍କା ଭତ୍ତା ପାଉଥିବାର ଜଣାଇଛନ୍ତି । ଫଳରେ ସରକାରଙ୍କ ଘୋଷଣା ମିଛ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ




ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ସେ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ତାଙ୍କର ଗୁହାରି ଶୁଣୁନଥିବାର ଅଭିଯୋଗ କରିଛନ୍ତି । ତାଛଡ଼ା ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳାଠାରେ ରହିଛି । ମଦନ ବେଶ୍ରା ଜଣେ ଆଦିବାସୀ ଲୋକ ହୋଇଥିବା ବେଳେ ତାଙ୍କୁ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ସରକାରୀ, ବାବୁ ମାନଙ୍କର ଗରିବ ଗୁରୁବାଙ୍କ ପ୍ରତି ଏପରି ନାକଟେକା ନିତି ଆଉ କେତେଦିନ ଦେଖିବାକୁ ମିଳୁଥିବ ବୋଲି କେତେକ କହିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଅନେକ ଗୁଡ଼ିଏ ସ୍ୱେଚ୍ଛାସେବି ସଂଗଠନ ଦାବି ଜଣାଇଛନ୍ତି ।

# ଉତ୍କଳିକାର ୬୮ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, ୧୩/୫ (ନି.ପ୍ର): ହସ୍ତଶିଳ୍ପ ଓ ହସ୍ତତନ୍ତ ଆମ ଉତ୍କର୍ଷ କଳାର ଉଜ୍ଜ୍ୱଳ ସ୍ୱାକ୍ଷର । ଏହି ପାରମ୍ପରିକ କଳାର ସଂରକ୍ଷଣ ସହ ହଜାର ହଜାର କାରିଗରଙ୍କୁ ଜୀବିକା ଯୋଗାଇବାରେ ଉତ୍କଳିକା ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ମତ ପ୍ରକାଶ କରିଛନ୍ତି । ସ୍ଥାନୀୟ ଉତ୍କଳିକାର ମୁଖ୍ୟ କାର୍ଯ୍ୟାଳୟଠାରେ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା)ର ୬୮ ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେଇ ସେ କହିଛନ୍ତି, ମହିଳା ସଶକ୍ତୀକରଣ ଓ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବାରେ ଏହି କ୍ଷେତ୍ର ଗୁରୁ ଦାୟିତ୍ୱ ବହନ କରିଛି ।

# ଭାରତୀୟ ରଗବୀ ଦଳର ଅଧିନାୟିକା ସାଜି ଇତିହାସ ରଚିଲେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ଝିଅ ପାର୍ବତୀ

ବାରିପଦା , ୧୩/୫ (ନି.ପ୍ର): ଉଜବେକିସ୍ତାନ ସ୍ଥିତ ତାସକେଣ୍ଟ ଠାରେ ଚଳିତ ମାସ ୧୬ ଓ ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମଧ୍ୟ ଓ ଦକ୍ଷିଣ ଏସିଆ ସେଭେନସ ରଗବୀ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳର ଅଧିନାୟିକା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ବାରିପଦାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପାର୍ବତୀ ହାଁସଦା ଓ ଭାରତୀୟ ଦଳର ନେତୃତ୍ୱ ନେବାରେ ସେ ମୟୁରଭଞ୍ଜର ପ୍ରଥମ ଖେଳାଳି ଭାବେ ଇତିହାସ ରଚିଛନ୍ତି ଓ ପାର୍ବତୀଙ୍କ ଜନ୍ମ ବାରିପଦା ବ୍ଲକର ଭୁରୁଡୁବଣି ଗ୍ରାମର ଏକ ଅତି ସାଧାରଣ ଚାଷୀ ପରିବାରରେ ଓ ପିତା ଦଶରଥୀ ହାଁସଦା ଓ ମାତା ସୁକାନ୍ତି ହାଁସଦା ଦିନରାତି ବିଲରେ ପରିଶ୍ରମ କରି ପାର୍ବତୀଙ୍କୁ ବଡ଼ କରିଥିଲେ । ପିଲାଦିନେ ବାପାମାଆଙ୍କ ସହ ବିଲକୁ ଯାଉଥିବା ପାର୍ବତୀଙ୍କ ପାଇଁ ସଫଳତା ସହଜ ନଥିଲା ଓ ସରକାରୀ ବାଳିକା ଉଚ୍ଚ




ବିଦ୍ୟାଳୟ, ରାଣୀଭୋଳ ଆଶ୍ରମ ସ୍କୁଲରେ ପାଠ ପଢ଼ିବା ବେଳେ, ତତ୍କାଳୀନ ପ୍ରଧାନ ଶିକ୍ଷକ କମଳାକାନ୍ତ ପ୍ରହରାଜ ଓ କୋଚ୍ ରୂପାଲୀ ସୋରେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ରଗ୍ବୀ ଖେଳ ପ୍ରତି ଆକୃଷ୍ଟ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ମୟୂରଭଞ୍ଜର ବାରିପଦା ସ୍ଥିତ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ତାଙ୍କ ସ୍ୱପ୍ନକୁ ନୂଆ ଉଡ଼ାଣ ଦେଇଥିଲା ଓ ଏହି ଏକାଡେମୀରେ ରହି ପ୍ରଶିକ୍ଷଣ ନେଇ ପାର୍ବତୀ ନିଜ ପ୍ରତିଭା ଓ କଠିନ ପରିଶ୍ରମ ବଳରେ ଆଜି ସାରା ବିଶ୍ୱ ଆଗରେ ମୟୂରଭଞ୍ଜର ନାଁ ରଖିଛନ୍ତି ବୋଲି ତାଙ୍କ ପଥ ପ୍ରଦର୍ଶକ, କୋଚ ତଥା ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ଜଣାଇଛନ୍ତି ଓ ଅନେକ ପଦକର ଅଧିକାରିଣୀ ଜଣେ ଆନ୍ତର୍ଜାତିକ ରଗ୍ବି ଖେଳାଳି ଭାବେ ଅନେକ ଥର ରାଜ୍ୟ ତଥା ଦେଶ ଗୌରବ ଆଣିଥିବା ପାର୍ବତୀଙ୍କ ଯାତ୍ରା ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛି ଓ ୨୦୨୨ ରେ ଏସୀୟ ରଗ୍ବି ୧୮ ବର୍ଷରୁ କମ୍ ଓ ୨୨ ବର୍ଷରୁ କମ୍ ଚାମ୍ପିୟନସିପ୍‌ରେ ସେ ରୌପ୍ୟ ପଦକ ଜିତି ନିଜ ପ୍ରତିଭାର ପରିଚୟ ଦେଇଥିଲେ ଓ ୩୬ତମ, ୩୭ତମ ଓ ୩୮ତମ ଜାତୀୟ କ୍ରୀଡ଼ା ଏବଂ ୨୦୨୪ ସିନିୟର ଜାତୀୟ ରଗ୍ବିରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓ ଚଳିତ ବର୍ଷ ବିହାରର ରାଜଗିରଠାରେ ଅନୁଷ୍ଠିତ ସିନିୟର ନ୍ୟାସନାଲ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଓ ଖବର ପାଇ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ଏବଂ କୋଚ୍ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ରଗବୀ ସଙ୍ଘ, ଓଡ଼ିଶା ରଗବୀ ସଂଘ ଏବଂ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ଏଭଳି ସୁଯୋଗ ପ୍ରଦାନ ପାଇଁ ଏକାଡେମୀର ସମସ୍ତ ଖେଳାଳୀ ଓ ପ୍ରତିଷ୍ଠାତା ଶ୍ରୀ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ନୀଳମଣି କଲେଜ ଅର୍ଥନୀତି ବିଭାଗର ଆଲୋଚନାଚକ୍ର

ବସ୍ତା , ୧୩/୫ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ଓ ଜାମଶୁଳୀସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ମିଳିତ ଆନୁକୂଲ୍ୟରେ ଅଂଶଧନ ବଜାରରେ ଅସ୍ଥିରତା : କାରଣ, ପରିଣାମ ଓ ପ୍ରତିକାର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ତପନ କୁମାର ବେହେରା ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସରୋଜ କୁମାର ପାଣି ଆଲୋଚନାଚକ୍ରର ବିଷୟବସ୍ତୁ ସମ୍ପର୍କରେ ଆଲୋକପାତ କରିଥିଲେ । ଆଲୋଚନାଚକ୍ରରେ ଅଧାପକ




ବିଜୟ କୁମାର ବେହେରା, ସତ୍ୟେନ୍ଦ୍ର କୁମାର ପାଲ ଓ ଶ୍ରୀଧର ବେହେରା ପ୍ରମୁଖ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ନିଜ ନିଜର ମତବ୍ୟକ୍ତ କରିଥିଲେ । ଅଧାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ମୁଖ୍ୟଅତିଥି ଭାବେ ନୀଳଗିରି ଡିଗ୍ରୀ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ଶଙ୍କର୍ଷଣ ନାୟକ ଓ ମୁଖ୍ୟବକ୍ତା ଭାବେ ବରୁଣସିଂସ୍ଥିତ ଶ୍ରୀ ଜଗନ୍ନାଥ ଏଜୁକେଶନାଲ ଫାଉଣ୍ଡେସନର ଅଧକ୍ଷ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଅଂଶଧନ ବଜାରରେ ଅସ୍ଥିରତା; ଏହାର କାରଣ, ପରିଣାମ ଓ ପ୍ରତିକାର ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ରଶ୍ମିତା ବେହେରା, ମାନସୀ ସ୍ୱାଇଁ, ବୀଣାପାଣି ଗିରି, ସେବତୀ ବର, ରାଜେନ୍ଦ୍ର ଦାସ, ଶାନ୍ତନୁ ବେହେରା ଓ ରଣଜିତ୍ ତପସ୍ୱୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅର୍ଥନୀତି ସମ୍ମାନ ବିଭାଗର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧାପକ ଲକ୍ଷୀରାମ ହାଁସଦା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍କୋର୍ପିଓରେ ଗୋଚାଲାଣ ବେଳେ ୭ ଗୋରୁ ଉଦ୍ଧାର

ନୀଳଗିରି, ୧୩/୫ (ନି.ପ୍ର): ସ୍କର୍ପିଓରେ ଗୋଚାଲାଣ ବେଳେ ୭ ଗୋରୁ ଉଦ୍ଧାର ।ବରହମପୁର ଥାନା ଚନ୍ଦ୍ରପୁର ଗାଁ ନିକଟ ଜଙ୍ଗଲରୁ ପୋଲିସ ପେଟ୍ରୋଲିଂ ଦେଖିଭୟରେ ଗାଡ଼ି ଛାଡି ପଳାଇଲେ ଗୋ ମାଫିଆ। ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସ୍କୋର୍ପିଓରେ ଅମାନୁଷିକ ଭାବେ ୭ଟି ଗୋରୁଙ୍କୁ ବାନ୍ଧି ମୟୁରଭଞ୍ଜ ଜିଲ୍ଲା ଉଦଳାରୁ ନୀଳଗିରି ଆଡକୁ ଆସୁଥିଲା ଏକ ସ୍କର୍ପିଓଗାଡି । ଦ୍ରୁତଗତିରେ ଯାଉଥିବା ଏହି ଗାଡିକୁ ନେଇ ସନ୍ଦେହ ଉପୁଜିବା ଯୋଗୁ ପେଟ୍ରୋଲିଂରେ ଥିବା ବରହମପୁର ପୋଲିସ ୧୯ନଂ ରାଜ୍ୟ ରାଜପଥରେ ଗୋଡ଼ାଇଥିଲା। ଗାଡିଟି ପୋଲିସ ନଜରରୁ ଖସିଯାଇ ତରବରିଆ ଭାବେ ତିନିକୋଶିଆ ଜଙ୍ଗଲର ଚନ୍ଦ୍ରପୁର ଗାଁ ଭିତରେ ପଶି ଯାଇଥିଲା। ଚନ୍ଦ୍ରପୁର ଗାଁ ଭିତରେ



କୁକୁର ଭୁକିବାରୁ ସ୍ଥାନୀୟ ଲୋକ ଉଠିପଡିଥିଲେ। ପରେ ସ୍କୋର୍ପିଓ ଛାଡି ବେପାରୀମାନେ ସେଠାରୁ ଚମ୍ପଟ ମାରିଥିଲେ। ଖବରପାଇ ବରହମପୁର ପୋଲିସ ରାତିରେ ପହଞ୍ଚି ୭ଗୋରୁଙ୍କୁ ଉଦ୍ଧାର କରିଥିବାବେଳେ ବ୍ୟବହୃତ ହୋଇଥିବା ସ୍କର୍ପିଓ (ଓଡି-୦୧-ଡି-୦୦୨୫) ଗାଡିକୁ ଜବତ କରିବା ସହ ୭ଗୋରୁଙ୍କୁ ଗୋଶାଳାକୁ ପୋଲିସ ପଠାଇଥିଲା।

# ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ବିଶେଷ ଲୋକ ଅଦାଲତ ଆସନ୍ତା ଅଗଷ୍ଟ ମାସ ୨୧ରୁ

ଭଦ୍ରକ, ୧୩/୫ (ନି.ପ୍ର): ସର୍ବୋଚ୍ଚ ନ୍ୟାୟଳୟଙ୍କ ବିଶେଷ ଲୋକ ଅଦାଲତ (ସମାଧାନ ସମାରୋହ) -୨୦୨୬ ଆସନ୍ତା ଅଗଷ୍ଟ ମାସ ୨୧, ୨୨, ଓ ୨୩ ତାରିଖରେ ଆୟୋଜନ ହେବାକୁ ଯାଉଅଛି। ଏହି ବିଶେଷ ଲୋକ ଅଦାଲତର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧ୍ୟମରେ ମକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବା ସହିତ ସହଯୋଗ କରିବା। ଏ ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ତଥା ବିବାଦର ସମାଧାନ ପାଇଁ ଜିଲ୍ଲା ଆଇନ ସେବା ପ୍ରଧୀକାରଣର ସମ୍ମୁଖ କାର୍ଯ୍ୟାଳୟରେ ଖୁବ ଶୀଘ୍ର ଯୋଗାଯୋଗ କରିବା ପାଇଁ ଆଇନସେବା ପ୍ରଧୀକାରଣ ପକ୍ଷରୁ କୁହାଯାଇଛି।

# ସେବକ ମାୟାଧର ଥିଲେ ଜଣେ ପରୋପକାରୀ ଦରଦୀ ମଣିଷ

ଭଦ୍ରକ, ୧୩/୫ (ନି.ପ୍ର): ସେବକ ମାୟାଧର ଥିଲେ ଜଣେ ପରୋପକାରୀ ଓ ଦରଦୀ ମଣିଷ ଥିଲେ । ସେ ସଦା ସର୍ବଦା ଦୁଃଖିଙ୍କ ମୁହଁରେ ହସ ଫୁଟାଉଥିଲେ । ସେ ବିଭିନ୍ନ ସଂଗଠନ ରେ ରହି ଦାୟିତ୍ୱ ସୁଚାରୁରୂପେ ତୁଲାଉଥିଲେ ବୋଲି ଆଜି ବୁଧ ବାର ଭଦ୍ରକ ବ୍ଲକର ରାନ୍ଦିଆ ନିକଟସ୍ଥ ସାନଭି ମଣ୍ଡପ ଠାରେ ଅନୁଷ୍ଠିତ ବାର୍ଷିକ ଶ୍ରାଦ୍ଧ ଉତ୍ସବର ସ୍ମୃତି ସଭାରେ ଅତିଥି ମାନେ ଯୋଗଦେଇ କହିଛନ୍ତି । ଶିଶୁ ସାହିତ୍ୟିକ ଇଂ. ଅଭୟ ସୂତାରଙ୍କ ସଭାପତିତ୍ୱରେ ପୁଅ ନିରଞ୍ଜନ ନାୟକ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା, ପ୍ରାକ୍ତନ ଧାମନଗର କଲେଜ ଅଧ୍ୟକ୍ଷ




ପବିତ୍ର ପାଣିଗ୍ରାହୀ, ପ୍ରାକ୍ତନ ପ୍ରାଧ୍ୟାପକ ଅଟଳ ବିହାରୀ ନାୟକ, ପଣ୍ଡିତ ଦୈତାରୀ ମହାପାତ୍ର, ପ୍ରାକ୍ତନ ଅଧକ୍ଷ ଶିବଚରଣ ଖାମୁରାଇ, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ପ୍ରାକ୍ତନ ଅଧକ୍ଷ ସୁଚିତ୍ରା ପାଣିଗ୍ରାହୀ, ଶିକ୍ଷାବିତ ଗୟାଧର ପଣ୍ଡା , କୈଳାଶ ଚନ୍ଦ୍ର ପଣ୍ଡା, ଡା ଅନିଲ କୁମାର ଦାଶ, ସାମାଜିକ କର୍ମୀ ଅଞ୍ଜନା ମିଶ୍ର, କାବୟତ୍ରୀ ଦମୟନ୍ତୀ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମାୟାଧର ଙ୍କ ଜୀବନୀ ଉପରେ ସ୍ମୃତି ଚାରଣ କରିଥିଲେ । କବିତା ପାଠୋତ୍ସବ ରେ କବିତା ସଂଯୋଜନା କରିଥିଲେ କବୟତ୍ରୀ ଜାନକୀ ପାଢ଼ୀ ଓ ମନୋରମା ରାୟ। କବି ଦୁର୍ଯ୍ୟୋଧନ ମିଶ୍ର,ବାବୁଲାଲ ଦାସ, ଶ୍ରଦ୍ଧାଞ୍ଜଳି ମିଶ୍ର, ଚଇତାଳି ଖିଲାର, ଅଞ୍ଜୁବାଳା ରାଉତ, ଅକ୍ଷୟ ଜେନା, ଅମର ଶତପଥୀ ଅମୁଲ୍ୟ ରାଉତ,ସାବିତ୍ରୀ ସେଠି,ସନ୍ଧ୍ୟା ରାଣୀ ଜେନା, ମମତା ସାହୁ, ମନୋରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମାୟାଧର ନାୟକଙ୍କ ଉପରେ କବିତା ପାଠ କରିଥିଲେ । କବୟତ୍ରୀ ସଂଯୁକ୍ତାବଳ ନାୟକ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

# ୧୯ରେ ୫ଟି ନୂଆ କୋର୍ଟର ଉଦଘାଟନ

ଭୁବନେଶ୍ୱର, ୧୩/୫ (ନି.ପ୍ର): ଆସନ୍ତା ୧୯ ତାରିଖରେ ରାଜ୍ୟର ୫ଟି ସ୍ଥାନରେ ନୂଆ କୋର୍ଟ ଉଦଘାଟନ ହେବ। ବାଲେଶ୍ୱର ଜିଲ୍ଲା ସୋର ଠାରେ ଅତିରିକ୍ତ ସିଭିଲ୍ ଜଜ୍(ଜୁନିୟର ଡ଼ିଭିଜନ) ତଥା ଜେଏମଏଫସି କୋର୍ଟ,ଖଇରା ଠାରେ ସିଭିଲ୍ ଜଜ୍(ଜୁନିୟର ଡ଼ିଭିଜନ) ତଥା ଜେଏମଏଫସି କୋର୍ଟ, ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଠାରେ ସିଭିଲ୍ ଜଜ୍(ଜୁନିୟର ଡ଼ିଭିଜନ) ତଥା ଜେଏମଏଫସି କୋର୍ଟ ,ବୌଦ୍ଧ ଜିଲ୍ଲା ଚ଼ାରିଛକ ନିକଟ ହରଭଙ୍ଗା ଠାରେ ଗ୍ରାମ୍ୟ ନ୍ୟାୟାଳୟ, କଟକ ଜିଲ୍ଲା ଟାଙ୍ଗୀ- ଚୌଦ୍ୱାର ଠାରେ ସିଭିଲ୍ ଜଜ୍(ଜୁନିୟର ଡ଼ିଭିଜନ) ତଥା ଜେଏମଏଫସି କୋର୍ଟ ଉଦଘାଟନ ହେବାକୁ ଯାଉଛି। ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏକ୍ସ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି।

# ଫେଲୋସିପ୍ ସଭାଗୃହରେ ୧୫ ଦିନିଆ ଇଣ୍ଟରସିପ୍ କାର୍ଯ୍ୟକ୍ରମ

ଭଦ୍ରକ, ୧୩/୫ (ନି.ପ୍ର): ୧୫ ଦିବସୀୟ କାର୍ଯ୍ୟକ୍ରମର ୨ୟ ଦିବସରେ ଶିଶୁ ବିକାଶ ଓ ଶିଶୁଯତ୍ନ ଏବଂ ଏଚ୍.ଆଇ.ଭି. ଏଡ୍ସ ନିରାକରଣର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଆଜିର ବିଷୟ ବିଷାରଦଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଅବିନାଶ ମହାନ୍ତି ଏବଂ




ଲକ୍ଷଭେଦି ପ୍ରକଳ୍ପର ପ୍ରୋଗ୍ରାମ ମ୍ୟାନେଜର ଶ୍ରୀମତୀ ସାବିତ୍ରୀ ବିଶ୍ୱାଳ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରୋଗ୍ରାମ କୋଅଡ଼ିନେଟର ଲିପ୍ସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଚରମ୍ପା କଲେଜର ରାଜନିତୀ ବିଜ୍ଞାନର ଅଧାପକ ଶ୍ରୀ ମନୋଜ କୁମାର ମହାଳିକ ମଧ୍ୟ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଟ୍ରେନିଂଟି ସଫଳରୂପେ ସଂପାଦାନ କରାଯାଇଥିଲା ।

# ୧୯୯୦ ବ୍ୟାଚ ଗୁରୁ ପୂଜନ ଓ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୧୩/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଏଡତାଳ ଜଗନ୍ନାଥ ମନ୍ଦିର ପରିସରରେ ଭାସ୍କର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ପକ୍ଷରୁ ୧୯୯୦ ମସିହା ମାଟ୍ରିକ ବ୍ୟାଚ ଗୁରୁ ପୂଜନ ଓ ବନ୍ଧୁ ମିଳନ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷକ ନିର୍ମଳ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ




ଅବସର ପ୍ରାପ୍ତ ଶିକ୍ଷକ ଶେଖ୍ ଖଲିଲୁଲା, ବିଷ୍ଣୁ ମୋହନ ନାୟକ, ଅଶୋକ କୁମାର ମହାଳିକ, ତପନ କୁମାର ମହାଳିକ, ରବୀନ୍ଦ୍ର ଅଗସ୍ତି, ଶିକ୍ଷାବିତ ପଣ୍ଡିତ ଦୟାନିଧି ଦାଶ, ଏଡ ତାଳ ସରପଞ୍ଚଙ୍କ ପ୍ରତିନିଧି ଅମରେନ୍ଦ୍ର ପଲାଇ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଏହି ଅବସରରେ ଏହି ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଗୁରୁ ଶିଷ୍ୟର ପରମ୍ପରା ସଂପର୍କରେ ଆଲୋଚନା କରା ଯାଇଥିଲା। ଅବସର ପ୍ରାପ୍ତ ଶିକ୍ଷକ ବନ୍ଧୁ ପୁରାତନ ଛାତ୍ର ଛାତ୍ରୀ ମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପୁରାତନ ଛାତ୍ରୀ ମନିଷା ପଲାଇ ଅତିଥି ପରିଚୟ ଓ ମଞ୍ଚ ସଂଯୋଜନା କରିଥିଲେ। ଦିପକ କୁମାର ମହାଳିକ ଏହି ଉତ୍ସବରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ପୁରାତନ ଛାତ୍ର ଛାତ୍ରୀ ମନୋଜ କୁମାର ମହାନ୍ତି, ଦିପକ କୁମାର ମହାଳିକ, କେଶବ ଚନ୍ଦ୍ର ବାରିକ୍, କିଶୋର ଚନ୍ଦ୍ର ଦାସ, ଜିତେନ୍ଦ୍ର କୁମାର ଦାସ, ପ୍ରଶାନ୍ତ ମହାପାତ୍ର, ରଞ୍ଜିତା ପଲାଇ, ସୁସ୍ମିତା ମହାପାତ୍ର, ଅନୁସୁୟା ଭୋଇ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଲୋକ ରଞ୍ଜନୀ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବରଗଡ଼ /ଭୁବନେଶ୍ୱର, ୧୩/୫ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ସଂସ୍କାର ଭାରତୀ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା 'ଲୋକ ରଞ୍ଜନୀ' ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲାର ଯଦୁମଣି ପ୍ରଧାନ ପ୍ରେକ୍ଷାଳୟରେ ମେ' ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ 'ଲୋକ ରଞ୍ଜନୀ' ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। 'ଲୋକ ରଞ୍ଜନୀ' କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ବରଗଡ଼ର ବିଧାୟକ ଶ୍ରୀ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ଶ୍ରୀ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ଶ୍ରୀ ସନତ କୁମାର ଗର୍ତିଆ ଏବଂ ଭଟଲି ବିଧାୟକ ଶ୍ରୀ ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶାର ସମୃଦ୍ଧ ଲୋକ ସଂସ୍କୃତି ଓ ଲୋକ ନୃତ୍ୟ ଓ ସଙ୍ଗୀତ ସମ୍ବନ୍ଧରେ ଆଲୋକପାତ କରିବା ସହ ଲୋକ ରଞ୍ଜନୀ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶାର ଯୁବ କଳାକାରମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida